

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୧ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 July 2026

Vol.No. 36 ■ No.181 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


## ରାମମନ୍ଦିର ଦାନ ଚୋରି ମାମଲା: ସୋମବାର ସିବିଆଇ ତଦନ୍ତ ଦାବି ଆବେଦନର ଶୁଣାଣି କରିବେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ,୧୦/୭ : ଅଯୋଧ୍ୟା ରାମମନ୍ଦିରରେ ଭକ୍ତମାନଙ୍କ ଦାନ ଅର୍ଥ ଓ ମୂଲ୍ୟବାନ ସାମଗ୍ରୀ ଆତ୍ମସାତ୍ ହୋଇଥିବା ଅଭିଯୋଗର ସିବିଆଇ ତଦନ୍ତ ଦାବି କରି ଦାଖଲ ହୋଇଥିବା ଏକାଧିକ ଜନସ୍ୱାର୍ଥ ଆବେଦନର ଶୁଣାଣି ଜୁଲାଇ ୧୩ରେ ସୁପ୍ରିମ୍‌କୋର୍ଟ କରିବେ। ସୁପ୍ରିମ୍‌କୋର୍ଟର ୱେବସାଇଟ୍ ଅନୁଯାୟୀ, ସୋମବାର କୋର୍ଟ ଖୋଲିବା ପରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଭି ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ତିନୋଟି ଆବେଦନର ଶୁଣାଣି କରିବେ। ପୂର୍ବରୁ ଆବେଦନକାରୀମାନେ ଜରୁରି ଶୁଣାଣି ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଅଦାଲତ ସେହି ଅନୁରୋଧକୁ ଗ୍ରହଣ ନ କରି ନଥିଲେ। ନରେନ୍ଦ୍ର କୁମାର ଗୋସ୍ୱାମୀଙ୍କ ଦ୍ୱାରା ଦାଖଲ ହୋଇଥିବା ଗୋଟିଏ ପିଟିସନରେ ଏହି ଆତ୍ମସାତ୍ ଘଟଣାର ସିବିଆଇ ତଦନ୍ତ ଓ ଟ୍ରଷ୍ଟର ଆର୍ଥିକ ସ୍ଥିତିର କଣ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ଅଡିଟ୍ କରିବାକୁ ଦାବି କରାଯାଇଛି। ଓକିଲ ଅଜୟ କୁମାର ରାୟ ଓ ଦୀନେଶ କୁମାର ଯାଦବଙ୍କ ଦ୍ୱାରା ଦାଖଲ ଦ୍ୱିତୀୟ ପିଟିସନରେ ଟ୍ରଷ୍ଟର ବ୍ୟାପାର ଓ ପ୍ରଶାସନ ସହ ଜଡ଼ିତ ଆର୍ଥିକ ଅନିୟମିତତାର ତଦନ୍ତ ପାଇଁ ସିବିଆଇ ନେତୃତ୍ୱାଧୀନ ମଲ୍ଟି ଡିସିପ୍ଲିନାରୀ ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ (ଏସ୍ଆଇଟି) ଗଠନ କରିବାକୁ ଦାବି କରାଯାଇଛି। ଆରଜେଡି ସାଂସଦ ସୁଧାକର ସିଂହଙ୍କ ଦ୍ୱାରା ଦାଖଲ ତୃତୀୟ ଆବେଦନରେ ସୁପ୍ରିମ୍‌କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ଏବଂ ଟ୍ରଷ୍ଟର ସମ୍ପୂର୍ଣ୍ଣ ଆର୍ଥିକ ସ୍ଥିତିର ଫୋରେନସିକ୍ ଅଡିଟ୍ ପାଇଁ ଦାବି କରାଯାଇଛି। ଆବେଦନଗୁଡ଼ିକରେ କୁହାଯାଇଛି, ଉତ୍ତରପ୍ରଦେଶ ସରକାର ଗଠନ କରିଥିବା ଏସ୍ଆଇଟି ତଦନ୍ତ ଜାରି ରଖିଥିଲେ ମଧ୍ୟ ଜଟିଳ ଆର୍ଥିକ ମାମଲାର ତଦନ୍ତ ପାଇଁ ଆବଶ୍ୟକ ସୁବିଧା ଓ ଦକ୍ଷତା ତାଙ୍କ ପାଖରେ ନାହିଁ। ଏଥିସହ ଟ୍ରଷ୍ଟର ପ୍ରମୁଖ ପଦାଧିକାରୀଙ୍କ ବିରୋଧରେ ମାମଲା ରୁଜୁ ନ କରି ତଦନ୍ତ ଆରମ୍ଭ କରାଯାଇଥିବାରୁ ଏହାର ନିରପେକ୍ଷତା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେହି କାରଣରୁ ସିବିଆଇ ନେତୃତ୍ୱରେ ବହୁ ସଂସ୍ଥାକୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିବାକୁ ଆବେଦନରେ ଅନୁରୋଧ କରାଯାଇଛି।

◆◆ପୃଷ୍ଠା ୭

## ରାଜ୍ୟରେ ଏଥର ବିଳମ୍ବରେ ହୋଇପାରେ ପଞ୍ଚାୟତ ନିର୍ବାଚନ



ଭୁବନେଶ୍ୱର, ୧୦/୭ (ନି.ପ୍ର): ବିଳମ୍ବିତ ହୋଇପାରେ ଏଥର ପଞ୍ଚାୟତ ନିର୍ବାଚନ । ୨୦୨୭ ଜନଗଣନା ପରେ ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ିବାକୁ ଯାଉଛି । ଏହାସହ ପ୍ରଥମ ଥର ପାଇଁ ଡୋର-ଟୁ-ଡୋର ସର୍ଭେ କରି ବୁଥ୍‌ୱାଇଜ୍ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ଯୋଜନା କରାଯାଇଛି । ଏନେଇ ନିର୍ବାଚନ ପ୍ରସ୍ତୁତି ଜୋରଦାର ହୋଇଛି । ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଏଥର ବିଳମ୍ବରେ ହୋଇପାରେ । ସୂଚନା ଅନୁସାରେ, ୨୦୨୭ ଜନଗଣନା ପ୍ରକ୍ରିୟା ଶେଷ ହେବା ପରେ ଆସନ୍ତା ଏପ୍ରିଲ ମାସରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଛି । ଏହାପରେ ଜୁନ୍ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ପ୍ରସ୍ତୁତି ଚାଲିଛି । ନିର୍ବାଚନ ପ୍ରସ୍ତୁତିକୁ ନେଇ ରାଜ୍ୟ ସରକାର ପୂର୍ବରୁ ଆରଡିସି ଓ ସମସ୍ତ ଜିଲ୍ଲାପାଳଙ୍କ ସହ ବୈଠକ କରିସାରିଛନ୍ତି । ଆସନ୍ତା ୨୧ ତାରିଖରେ ପୁଣିଥରେ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ବସିବ । ଏଥିରେ ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି ଓ କାର୍ଯ୍ୟଯୋଜନା ଉପରେ ଆଲୋଚନା ହେବ । ଚଳିତ ଥରର ନିର୍ବାଚନରେ ଆଉ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ । ପ୍ରଥମ ଥର ପାଇଁ ଡୋର-ଟୁ-ଡୋର ସର୍ଭେ କରାଯିବ। ଏହାସହ 'ଆମ ବୁଥ୍, ଆମ ବାରି ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ବୁଥ୍‌ର ଭୋଟରଙ୍କ ସୂଚନା ସଂଗ୍ରହ କରାଯିବ । ବର୍ତ୍ତମାନ ଅନେକ ବୁଥ୍‌ରେ ବିଭିନ୍ନ ଅଞ୍ଚଳର ଭୋଟରଙ୍କ ନାମ ରହିଥିବାରୁ ଭୋଟଦାନ ହାର ପ୍ରଭାବିତ ହେଉଛି । ଏହି ସର୍ଭେ ପରେ ଭୋଟର ତାଲିକାକୁ ସଂପୂର୍ଣ୍ଣ ଅଦ୍ୟତନ କରାଯିବ ଏବଂ ବୁଥ୍‌ୱାଇଜ୍ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ ହେବ । ଏହାଫଳରେ ପ୍ରତ୍ୟେକ ଭୋଟର ନିଜ ଅଞ୍ଚଳର ବୁଥ୍‌ରେ ହିଁ ମତଦାନ କରିପାରିବେ । ଏହି ପଦକ୍ଷେପ ଭୋଟଦାନ ହାର ବଢ଼ାଇବା ସହ ନିର୍ବାଚନ ପରିଚାଳନାକୁ ଆହୁରି ସୁବ୍ୟବସ୍ଥିତ କରିବ ବୋଲି ଆଶା କରାଯାଉଛି ।

## ଓପିଏସ୍‌ସି ପ୍ରିଲିମିନାରି ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର, ୧୦/୭ (ନି.ପ୍ର): ଓଡ଼ିଶା ଜନସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଅନୁଷ୍ଠିତ ଓସିଏସ୍ (ଓଡ଼ିଶା ସିଭିଲ୍ ସର୍ଭିସ୍)ର ପ୍ରାଥମିକ ପର୍ଯ୍ୟାୟ ପରୀକ୍ଷା (ପ୍ରିଲିମିନାରି)ର ଫଳ ପ୍ରକାଶିତ ହୋଇଛି । ଆଜି (ଶୁକ୍ରବାର) ଏନେଇ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପରୀକ୍ଷା ଚଳିତ ବର୍ଷ ଜୁନ୍ ୭ ତାରିଖରେ ଅନୁଷ୍ଠିତ ହୋଇଥିଲା ।

◆◆ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ



ମୟୂରଭଞ୍ଜ, ୧୦/୭ (ନି.ପ୍ର): ଭିଜିଲାନ୍ସ ଜାଲରେ ଲାଞ୍ଚୁଆ କନିଷ୍ଠ ଯନ୍ତ୍ରୀ (ଜେଇ)। ତାଙ୍କ ନାଁ ସୁଶୀଲ କୁମାର ସିଂହ। ସେ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ନିଯୁକ୍ତ ହୋଇଛନ୍ତି। କନିଷ୍ଠ ଯନ୍ତ୍ରୀ ସୁଶୀଲ କୁମାର ସିଂହ ଆଜି ଜଣେ ଠିକାଦାରଙ୍କଠାରୁ ୩୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ତାଙ୍କ ଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ୫ ଲକ୍ଷ ଟଙ୍କାର ଏକ ବିଲ୍ କରି ଦେବା ପାଇଁ କନିଷ୍ଠ ଯନ୍ତ୍ରୀ ଶ୍ରୀ ସିଂହ ତାଙ୍କୁ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ଦେବା ପାଇଁ ଠିକାଦାରଙ୍କୁ ସେ ଏକରକମର ବାଧ କରିଥିଲେ। ତେବେ ୫୦ ହଜାର ନୁହେଁ, ୩୨ ହଜାର ଦେବେ ବୋଲି କହିଥିଲେ ଠିକାଦାର। ଏହା ପରେ ସେ ଘଟଣା ସଂପର୍କରେ ଭିଜିଲାନ୍ସକୁ କହିଥିଲେ। ଯୋଜନା ପ୍ରକାରେ ଆଜି ଠିକାଦାର ଜଣଙ୍କ କନିଷ୍ଠ ଯନ୍ତ୍ରୀ ଶ୍ରୀ ସିଂହଙ୍କୁ ଭେଟି ୩୨ ହଜାର ଟଙ୍କା ଦେଇଥିଲେ। ଆଉ ସେତିକି ବେଳେ ତାଙ୍କୁ ଧରିଥିଲେ ଭିଜିଲାନ୍ସ କର୍ମଚାରୀ। ଲାଞ୍ଚ ନେଇ ଧରାପଡ଼ିବା ପରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ସିଂହଙ୍କୁ ଘର ସହିତ ଅଫିସରେ ଚଢ଼ାଉ କରିଥିଲେ ଭିଜିଲାନ୍ସ ଟିମ୍। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା।

## ଶୃଙ୍ଖଳିତ ରଥଯାତ୍ରା ପାଇଁ ଫୁଲ୍ ପ୍ରୁଫ୍ ବ୍ୟବସ୍ଥା: ଉଚ୍ଚସ୍ତରୀୟ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୦/୭ (ନି.ପ୍ର): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ସୁପରିଚାଳନା,ବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇଛନ୍ତି । ରଥଯାତ୍ରାବେଳେ କୌଣସି ପରିସ୍ଥିତିରେ ଯେଉଁଭଳି କୌଣସିସ୍ତରରେ କମ୍ୟୁନିକେସନ୍ ଗ୍ୟାପ୍ ନରହେ ତାହା ସୁନିଶ୍ଚିତ କରିବାକୁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୬ତାରିଖରେ ପୁରୀରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବା ପରେ ଆଜି ଲୋକସେବା ଭବନରେ ଉଚ୍ଚସ୍ତରୀୟ ବୈଠକରେ ପବିତ୍ର ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଚଳିତବର୍ଷ ଭକ୍ତଙ୍କ ସୁବିଧା, ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବାବେଳେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛ। ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ହିଁ ଚଳିତବର୍ଷ ରଥଯାତ୍ରା ପରିଚାଳନାର ମୂଳମନ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ ଆଜିର ସମୀକ୍ଷା ବୈଠକରେ ଠିକ୍ ସମୟରେ ମହାପ୍ରଭୁଙ୍କ ନିତିକାନ୍ତି ଶେଷ କରିବା, ଯାତ୍ରୀ ଓ ମହିଳାମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା, କର୍ଡନ ପରିଚାଳନା, ଟ୍ରାଫିକ ନିୟନ୍ତ୍ରଣ ଓ ଅଗ୍ନିଶମ ସେବାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଛି। ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଶ୍ରଦ୍ଧାଳୁମାନେ ଯେପରି ବିନା କୌଣସି ସମସ୍ୟାରେ

◆◆ପୃଷ୍ଠା ୭

## ଆଜି ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କ ବିହାର ଗସ୍ତ

ନୂଆଦିଲ୍ଲୀ,୧୦/୭ : ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ଶନିବାର ବିହାରର ଗୟା ଜିଲ୍ଲା ଗସ୍ତ କରିବେ। ଏହି ସମୟରେ ସେ ବିହାର ବିଧାନସଭାର ସଦସ୍ୟମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଘାଟନୀ ଅଧିବେଶନରେ ଯୋଗଦେବେ। ଉପରାଷ୍ଟ୍ରପତିଙ୍କ ସଚିବାଳୟ ଅନୁଯାୟୀ, ରାଧାକ୍ରିଷ୍ଣନ ବିହାର ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେସନ୍ ଆଣ୍ଡ ରୁରାଲ୍ ଡେଭଲପମେଣ୍ଟ (ବିଆଇପିଏଆର୍ଡି) , ଗୟାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ବିହାର ବିଧାନସଭାର ସଦସ୍ୟମାନଙ୍କ ବୈଧାନିକ ଏବଂ ପ୍ରଶାସନିକ ସାମର୍ଥ୍ୟର ବିକାଶ କରିବା।

## କେଜିରୁ ପିଜି ମାଗଣା ପାଠପଢ଼ାକୁ ନେଇ ବିବାଦ : ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି କିଛି ବିଦ୍ୟାଳୟ ଓ ମହାବିଦ୍ୟାଳୟ




ନୂଆଦିଲ୍ଲୀ,୧୦/୭ : ରାଜ୍ୟରେ ଲାଗୁ ହୋଇଛି କେଜିରୁ ପିଜି ପର୍ଯ୍ୟନ୍ତ ମାଗଣାରେ ଶିକ୍ଷା ଯୋଜନା । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ବିଭାଗମାନଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶକୁ ରାଜ୍ୟରେ କିଛି ବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ମାନୁନଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପ୍ରଶ୍ନ ଉଠାଇଛି ଅଭିଭାବକ ମହାସଂଘ। ଅନ୍ୟପଟେ ସମ୍ପୂର୍ଣ୍ଣ ସରକାରୀ ଅନୁଦାନ ପାଉନଥିବା କଲେଜ ଗୁଡ଼ିକ ଚିନ୍ତାରେ ପଡ଼ିଛନ୍ତି। (ବିଲ୍-୧) ରାଜ୍ୟ ସରକାରଙ୍କ ମୁଖ୍ୟ କାର୍ଯ୍ୟାଳୟ ଠାରୁ ମାତ୍ର କିଛି ଦୂରରେ ଥିବା ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜର ଏହି ବିଲକୁ ଦେଖନ୍ତୁ। କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ ପାଇଁ ସରକାର ଘୋଷଣା କରିବା ପରେ ବି ପିଲାଙ୍କ ଠାରୁ ରି-ଆଡମିସନ ଫି ବାବଦକୁ ୫ହଜାର ଟଙ୍କା ଆଦାୟ କରିଛନ୍ତି କଲେଜ କର୍ତ୍ତୃପକ୍ଷ। (ବିଲ୍-୨) ପୁରୁଣା ବାରିପଦା କଲେଜରୁ ବି ଆସିଛି ସମାନ ଅଭିଯୋଗ। ଦ୍ୱିତୀୟ ବର୍ଷରେ ନାମଲେଖାଇବା ପାଇଁ ଜଣେ ଛାତ୍ରୀଙ୍କଠାରୁ ନିଆଯାଇଛି ୬୫୭୮ଟଙ୍କା। (ବିଲ୍-୩) ଢେଙ୍କାନାଳ ଜିଲ୍ଲା ଜୋରନ୍ଦା ସ୍ଥିତ ମହିମା ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରଙ୍କଠାରୁ ନିଆଯାଇଛି ୫ ହଜାର ୨୭୭ ଟଙ୍କା। ଆଉ କେତେକ କଲେଜରେ ଛାତ୍ରଛାତ୍ରୀଙ୍କଠାରୁ ନାମଲେଖା ଫି ନିଆଯାଉନଥିଲେ ବି ଅଣ୍ଡଟେକିଂ ରଖାଯାଉଥିବା ସାମନାକୁ ଆସିଛି। ରିଆଡମିସନ ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଫି ନିଆଯାଉଥିବା କଥାକୁ କଲେଜ ପକ୍ଷରୁ ସ୍ୱୀକାର କରାଯାଇଛି।

◆◆ପୃଷ୍ଠା ୭

## ନ୍ୟୁଜିଲାଣ୍ଡ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ: ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି ପରେ ପ୍ରଥମ ଗସ୍ତ



ନୂଆଦିଲ୍ଲୀ,୧୦/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ତ୍ରିରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡରେ ପହଞ୍ଚିଛନ୍ତି । ଦୁଇଦିନିଆ ଗସ୍ତ କାଳରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ସହ ମୋଦୀ ଆଲୋଚନା କରିବେ ଏବଂ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବେ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ମୋଦୀ ପ୍ରଥମ ଥର ନ୍ୟୁଜିଲାଣ୍ଡ ଯାଇଛନ୍ତି। ୪୦ ବର୍ଷରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ନ୍ୟୁଜିଲାଣ୍ଡ ଗସ୍ତ। ମୋଦୀ ଅକଲାଣ୍ଡ ବିମାନବନ୍ଦରରେ ପହଞ୍ଚିବା ପରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର୍ ଲକ୍ସନ ତାଙ୍କୁ ସ୍ୱାଗତ କରିଥିଲେ। ଦୁଇଦିନିଆ ରହଣି ସମୟରେ ଲକ୍ସନଙ୍କ ସହ ମୋଦୀ ଆଲୋଚନା କରିବେ। ଭାରତ ଓ ନ୍ୟୁଜିଲାଣ୍ଡ ଚଳିତବର୍ଷ ଏପ୍ରିଲ ୨୭ ତାରିଖରେ ନୂଆଦିଲ୍ଲୀଠାରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏବେ ଦୁଇଦେଶ ମଧ୍ୟରେ ସମ୍ପର୍କ ଆହୁରି ମଜଭୁତ ହେବ। ମୋଦୀଙ୍କ ଗସ୍ତର ଦିନକ ପୂର୍ବରୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଭାରତ ସହିତ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ । ନ୍ୟୁଜିଲାଣ୍ଡରୁ ଭାରତକୁ ପଠାଯାଉଥିବା ୫୭ ପ୍ରତିଶତ ସାମଗ୍ରୀ ଶୁଳ୍କମୁକ୍ତ ହେବ।

◆◆ପୃଷ୍ଠା ୭

## ଇରାନ ଟ୍ରମ୍ପଙ୍କୁ ମାରିବାକୁ ଯୋଜନା କରୁଥିବା ଆମେରିକାକୁ ଗୁଇନ୍ଦା ତଥ୍ୟ ପ୍ରଦାନ କଲା ଇସ୍ରାଏଲ



ନୂଆଦିଲ୍ଲୀ,୧୦/୭ : ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଇସ୍ରାଏଲ ଗୁଇନ୍ଦା ତଥ୍ୟ ବିବାଦକୁ ଅଧିକ ବୃଦ୍ଧି କରିବାକୁ ଇନ୍ଧନ ଯୋଗାଇଛି। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ଶୁକ୍ରବାର ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଇରାନ ପୁଣି ଥରେ ଷଡ଼ଯନ୍ତ୍ର କରୁଥିବା ଇସ୍ରାଏଲ ୱାସିଂଟନକୁ ଗୁଇନ୍ଦା ତଥ୍ୟ ପ୍ରଦାନ କରିଛି। ଟ୍ରମ୍ପଙ୍କ ରାଷ୍ଟ୍ରପତି ଭାବେ ପ୍ରଥମ କାର୍ଯ୍ୟକାଳ ସମୟରେ ଆମେରିକାର ଡ୍ରୋନ୍ ଆକ୍ରମଣରେ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର କୁଦ୍ସ ଫୋର୍ସର ପୂର୍ବତନ କମାଣ୍ଡର କାସେମ୍ ସୋଲେମାନିଙ୍କ ହତ୍ୟାକୁ ନେଇ ମଧ୍ୟ ଇରାନ ଦୀର୍ଘ ଦିନ ହେଲା ଟ୍ରମ୍ପଙ୍କୁ ହତ୍ୟା

◆◆ପୃଷ୍ଠା ୭

# ଓଡ଼ିଶା ପାଇଁ ଅପହଂଚ ଗାଁଗୁଡ଼ିକ ଉପରେ ଆନ୍ଧ୍ରର ନଜର

ମାଲକାନଗିରି, ୧୦/୦୭ (ନି.ପ୍ର): ସରକାର କହିଲା ମାଓବାଦୀ ଆଉ ନାହିଁ କିନ୍ତୁ ମାଓମୁକ୍ତ ପରେ ମଧ ବିକାଶ ସ୍ରୋତରେ ସାମିଲ୍ ହୋଇପାରୁନି ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳ । ଚିତ୍ରକୋଣ୍ଡା ବ୍ଲକର ସୀମାନ୍ତ ଗାଁକୁ ଯିବାକୁ ପକ୍କା ରାସ୍ତା ନଥିବାରୁ ୫୦ କି.ମି. ବୁଲି ଆନ୍ଧ୍ର ଦେଇ ଯାଉଛନ୍ତି ଲୋକେ । ଓଡ଼ିଶା ପାଇଁ ଅପହଂଚ ଗାଁ ଗୁଡ଼ିକ ଉପରେ ଆନ୍ଧ୍ରର ନଜର । ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇ ଗାଁ ଅକ୍ତିଆର କରିବାରେ ଲାଗିଛି ଆନ୍ଧ୍ର । ସ୍ୱାଭିମାନ ଅଂଚଳର ଧୂଳିପୁଟ ପଂଚାୟତର ନାରଡୁପାଲ୍ଲୀ ଓ ଚିକ୍କାପାନସା, ରାଲଗେଡା ପଂଚାୟତର ତାଟିପାହାଡ଼, ଡବଲପାହାଡ଼ ଓ କଂଟାଗୁଡ଼ା ଗାଁକୁ ଯିବାକୁ ହେଲେ ଆନ୍ଧ୍ରର କୋରକୋଣ୍ଡା ଓ ଚିନ୍ତାପେଟା ରାସ୍ତା ଉପରେ ନିର୍ଭର କରିବାକୁ ପଡୁଛି । ପିଡିଏସ୍ ଚାଉଳ, ସ୍ୱାସ୍ଥ୍ୟସେବା ଓ ଭତା ଟଙ୍କା ପାଇଁ ଆନ୍ଧ୍ର ରାସ୍ତା ଦେଇ ଗଲେ ବି ଦୁଃଖ ସରୁନି । ୫୦ କି.ମି. ବୁଲି ଯିବା ପରେ ବାଟ ଓଗାଳୁଛି ପାହାଡ଼ି ନଦୀ । ଜୀବନକୁ ବାଜି ଲଗାଇ ଏହାକୁ ପାର ହେଲେ ଗ୍ରାମବାସୀ ଓଡ଼ିଶା ସୀମାନ୍ତ ଗ୍ରାମରେ ପହଂଚୁଛନ୍ତି । ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ ଓ ସରକାରୀ କର୍ମଚାରୀ ମଧ ଆନ୍ଧ୍ର ରାସ୍ତା ଦେଇ ଗାଁକୁ ଆସୁଛନ୍ତି । ଏହା ସତ୍ତ୍ୱେ ସ୍ଥାୟୀ ପକ୍କା ରାସ୍ତା ଓ ନଦୀରେ ପୋଲ ନିର୍ମାଣ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ଆନ୍ଧ୍ର ପଟକୁ ଢଳୁଛନ୍ତି ଗ୍ରାମବାସୀ । ସୀମାନ୍ତ ଗ୍ରାମ ଗୁଡ଼ିକରେ ଝାଡ଼ାବାନ୍ତି, ମ୍ୟାଲେରିଆ ବ୍ୟାପିଲେ ମାଲକାନଗିରି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ବହୁ ବାଧାବିଘ୍ନ ଦେଇ ଗ୍ରାମରେ ପହଂଚିବା ପୂର୍ବରୁ ଆନ୍ଧ୍ର ଡାକ୍ତରୀ ଟିମ୍ ଗ୍ରାମରେ ପହଂଚି ଚିକିତ୍ସାସେବା ଯୋଗାଇଥାନ୍ତି । ଲୋକଙ୍କୁ ପାଣି, ସ୍ୱାସ୍ଥ୍ୟସେବା, ବିଦ୍ୟୁତ, ଶିକ୍ଷା ସୁବିଧା ବି ଯୋଗାଇଛି ଆନ୍ଧ୍ର । ପିଲାଠୁ ବୁଢ଼ା ସମସ୍ତେ ଓଡ଼ିଆ ଭୁଲି ତେଲୁଗୁରେ କଥାବାର୍ତ୍ତା ହୁଅନ୍ତି ।

ସେତୁ ଯୋଜନାରେ ବିଭିନ୍ନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ସ୍ୱାଭିମାନ ଅଂଚଳର ବିକାଶ ପାଇଁ ଖର୍ଚ୍ଚ କରାଯାଉଛି କିନ୍ତୁ ସବୁ କିଛି କାଗଜପତ୍ରରେ ସୀମିତ ବୋଲି ଗ୍ରାମବାସୀଙ୍କ ଅଭିଯୋଗ ।

# ବାୟୁ ସେନାରେ ସାମିଲ ହେବେ ମାଲକାନଗିରିର ଯୁବପିଢ଼ି: ଅଗ୍ନିବୀର ପଞ୍ଜିକରଣ ପାଇଁ ଜିଲ୍ଲା ପ୍ରଶାସନର ମେଗା ସଚେତନତା ଅଭିଯାନ

ମାଲକାନଗିରି, ୧୦/୦୭ (ନି.ପ୍ର): ଭାରତୀୟ ବାୟୁ ସେନାରେ ଦେଶର ଯୁବଶକ୍ତିଙ୍କ ସହଭାଗିତାକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଅଗ୍ନିବୀର ବାୟୁ ନିଯୁକ୍ତି ପାଇଁ ଚାଲିଥିବା ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟାକୁ ଜିଲ୍ଲାର ଗ୍ରାମାଂଚଳ ଓ ସହରାଂଚଳର ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚାଇବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଭର୍ଚୁଆଲ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଗୁପ୍ତ ମାଢ଼ି ପରିଚାଳନା କରିବା ସହ ଜିଲ୍ଲାର ସମସ୍ତ ଡିଗ୍ରୀ କଲେଜ, ଆଇଟିଆଇ ଏବଂ ପଲିଟେକ୍ନିକ ଅନୁଷ୍ଠାନର ଅଧ୍ୟକ୍ଷ ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଅନଲାଇନ ଆବେଦନ ଶୈଳୀ, ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ, ପ୍ରମୁଖ ଦଲିଲପତ୍ର ଏବଂ ଆଗାମୀ ନିଯୁକ୍ତି ରାଲି ସମ୍ବନ୍ଧୀୟ ସମସ୍ତ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କୁ ସମ୍ବୋଧିତ କରି ମାଲକାନଗିରି ଜିଲ୍ଲାପାଳ ଶ୍ରୀ ରାଜସିର୍କେ ଜିଲ୍ଲାର ଯୋଗ୍ୟ +୨ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ସର୍ବାଧିକ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାର ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀ ଯେପରି ଏହି ସୁଯୋଗରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସର୍ବାଧିକ ପଞ୍ଜୀକରଣ ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେବା ସହ ପ୍ରତି ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଏବଂ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଭାବେ ପ୍ରେରିତ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଦେଶସେବା କରିବା ଏବଂ ଭାରତୀୟ ବାୟୁ ସେନାର ଅଂଶ ହେବା ପ୍ରତ୍ୟେକ ଯୁବକଙ୍କ ପାଇଁ ଏକ ଗୌରବର ବିଷୟ। ମାଲକାନଗିରି ଜିଲ୍ଲାର ଯୁବପିଢ଼ିଙ୍କ ମଧ୍ୟରେ ଅଦମ୍ୟ ପ୍ରତିଭା ଓ ସାହସ ରହିଛି। ଜିଲ୍ଲାର କୌଣସି ବି ଯୋଗ୍ୟ ପ୍ରାର୍ଥୀ ଯେପରି ସଠିକ୍ ସୂଚନା ବା ମାର୍ଗଦର୍ଶନ ଅଭାବରୁ ଏହି ସୁବର୍ଣ୍ଣ ସୁଯୋଗରୁ ବଂଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ନିଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କୁ ସକ୍ରିୟ ଭାବେ ପ୍ରେରିତ କରନ୍ତୁ ଏବଂ ସେମାନଙ୍କର ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରନ୍ତୁ ବୋଲି ଜିଲ୍ଲାପାଳ ଆହ୍ୱାନ କରିଛନ୍ତି। ବୈଠକରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କମାଣ୍ଡିଂ ଅଫିସର ସଞ୍ଜୟ ପଟ୍ଟନାୟକ ପର୍ଯ୍ୟାୟକ୍ରମେ ପଞ୍ଜୀକରଣ ପ୍ରକ୍ରିୟା ବିଷୟରେ ବ୍ୟାଖ୍ୟା କରିବା ସହ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଉଚିତ ସହଯୋଗ ଯୋଗାଇବା ପାଇଁ ସମସ୍ତ ଅନୁଷ୍ଠାନଗୁଡ଼ିକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ, ଅଗ୍ନିବୀର ବାୟୁ ନିଯୁକ୍ତି ପାଇଁ ଅନଲାଇନ ପଞ୍ଜୀକରଣର ଅବଧି ୦୬ ଜୁଲାଇ ୨୦୨୬ ରୁ ୨୬ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ମାଲକାନଗିରି ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି କାର୍ଯ୍ୟାଳୟ ଏହି ପଞ୍ଜୀକରଣର ଦୈନନ୍ଦିନ ପ୍ରଗତି ଉପରେ ତୀକ୍ଷ୍ଣ ନଜର ରଖିବ ଏବଂ ସମସ୍ତ ଆବେଦନକାରୀଙ୍କୁ ଆବଶ୍ୟକୀୟ ବୈଷୟିକ ସହାୟତା ଯୋଗାଇ ଦେବ। ଜିଲ୍ଲା ପ୍ରଶାସନର ଏହି ପ୍ରଶଂସନୀୟ ପଦକ୍ଷେପ ଯୋଗୁଁ ଚଳିତ ବର୍ଷ ଅଗ୍ନିବୀର ବାୟୁ ନିଯୁକ୍ତି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାରୁ ରେକର୍ଡ ସଂଖ୍ୟକ ଯୋଗ୍ୟ +୨ ଉତୀର୍ଣ୍ଣ ଛାତ୍ରଛାତ୍ରୀ ଆବେଦନ କରିବେ ବୋଲି ଆଶା ପ୍ରକଟ କରାଯାଇଛି।

# ଚୁଡ଼ାପାଲିଠାରେ ବିଭିନ୍ନ ପଂଚାୟତର ସମସ୍ୟା ଶୁଣିଲେ ନରସିଂହ

## ଜିରାଟମାଲ ପିଇବାପାଣି ପ୍ରକଳ୍ପ ଉଦ୍‌ଘାଟନ ସତ୍ତ୍ୱେ ପାଣି ପାଇ ନାହାନ୍ତି ଗାଁ ଲୋକେ

## ବିଜୁଳି, ପିଇବାପାଣି, ଭତ୍ତା ପ୍ରଦାନକୁ ନେଇ ଯତ୍ନବାନ ହେଉ ସରକାର - ନରସିଂହ

ବଲାଙ୍ଗୀର, ୧୦/୦୭ (ନି.ପ୍ର): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଚୁଡାପାଲି ଠାରେ ତୁଷୁରାବାହାଲ, କଙ୍କରା, ମାୟାବର୍ହା, ଭୁଣ୍ଡିମୁହାଣ ଓ ଡଙ୍ଗାଘାଟ ଇତ୍ୟାଦି ଗାଁର ଲୋକଙ୍କୁ ଭେଟି ଗାଁର ସମସ୍ୟା ସମ୍ପର୍କରେ ଅଭିଯୋଗ ଶୁଣିଛନ୍ତି। ବିଶେଷ କରି ତୁଷୁରାବାହାଲ ପଂଚାୟତର ଜିରାଟମାଲ ଠାରେ ଅନେକ ମାସ ହେବ ଏକ ପିଇବା ପାଣି ପ୍ରକଳ୍ପକୁ ବର୍ତମାନର ବିଧାୟକ ଉଦ୍‌ଘାଟନ କରିଦେଇଥିଲେ ହେଁ ଆଜି ପର୍ଯ୍ୟନ୍ତ ସେଠାକାର ଲୋକଙ୍କୁ ପିଇବା ପାଣି ଯୋଗାଣ ହୋଇ ନପାରି ନଥିବାରୁ ଲୋକେ ଘୋର ଅସନ୍ତୋଷର ସହ ଅଭିଯୋଗ କରିଥିଲେ। ଠିକ୍ ସେହିପରି ଡଙ୍ଗାଘାଟ ଠାରେ ବିଜୁଳି ସମସ୍ୟା ଯୋଗୁଁ ଉଠା ଜଳସେଚନ ସମ୍ଭବ ହୋଇପାରୁନାହିଁ। ଗ୍ରାମସଭାରେ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ହେଁ ବିଭାଗ ସେ ସବୁକୁ ଶୁଣୁନଥିବାର ଲୋକେ ଅଭିଯୋଗ କରିଥିଲେ। ବିଜୁଳିର ଲୋ ଭୋଲଟେଜ ସମସ୍ୟା ଏ ସମସ୍ତ ପଂଚାୟତରେ ଅତି ଉତ୍କଟ ରୂପ ନେଉଛି ତେଣୁ ଲୋକଙ୍କ ଦାବି ମୁତାବକ ଶ୍ରୀ ମିଶ୍ର ଏଠାକାର ବିଜୁଳି ତାର ଗୁଡିକୁ କେବୁଲରେ ପରିବର୍ତନ କରିବା ସହ ଟ୍ରାନ୍ସଫରମରର କ୍ଷମତାକୁ ବଢାଇବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। ବୁଡି ଅଂଚଳର ଅନେକ ଭୂମିହୀନ ଆଜି ପର୍ଯ୍ୟନ୍ତ ଜମି କିମ୍ବା ଟଙ୍କା କ୍ଷତିପୂରଣ ଆକାରରେ ପାଇନାହାନ୍ତି କିନ୍ତୁ ପ୍ରଶାସନ ସେମାନଙ୍କୁ ଜବରଦସ୍ତି ଉଚ୍ଛେଦ କରିବାରେ ଲାଗିଛି। ତେଣୁ ଏହି ଭୂମିହୀନମାନଙ୍କୁ ତାଙ୍କ କ୍ଷତିପୂରଣ ପ୍ରଦାନ ସହ ବିସ୍ଥାପିତ କରିବା ପାଇଁ ଶ୍ରୀ ମିଶ୍ର ବିଭାଗକୁ ଚିଠି ଲେଖିବେ ବୋଲି କହିଥିଲେ। ତୁଷୁରାବାହାଲ ଠାରେ ଏକ ଚେକଡ୍ୟାମ ନିର୍ମାଣ, ମାୟାବର୍ହା ପଂଚାୟତର ରାସ୍ତା ନିର୍ମାଣକୁ ନେଇ ଶ୍ରୀ ମିଶ୍ରଙ୍କୁ ଲୋକେ ଅନୁରୋଧ କରିଥିଲେ। ଭୁଣ୍ଡିମୁହାଣ ଠାରେ ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରମାନଙ୍କ ପାଠ ପଢିବା ପାଇଁ କୌଣସି ସୁବିଧା ନଥିବା ଆଲୋଚନା ହୋଇଥିଲା। ଭୁଣ୍ଡିମୁହାଣ କଖାଲ ରାସ୍ତାରେ ଏକ ବ୍ରିଜ ଭାଙ୍ଗିଯାଇଥିବାରୁ ଲୋକେ ନିଜ ଚାଷ ଜମିକୁ ଚାଷ ପାଇ ଯାଇପାରୁନଥିବାର ଅଭିଯୋଗ କରିଥିଲେ। ଏସବୁ ଶୁଣିବା ପରେ ଶ୍ରୀ ମିଶ୍ର ବିଜୁଳି ସମସ୍ୟାକୁ ନେଇ ବିଜୁଳି, ପାଣି, ବିଭିନ୍ନ ଯୋଜନାରେ ଭତା ଓ ରାସ୍ତା ତଥା ସ୍କୁଲ ଗୃହ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ଏବଂ ଏ ସମସ୍ତ ଅସୁବିଧା ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ଉପସ୍ଥିତ ଲୋକଙ୍କୁ ପ୍ରତିଶୃତି ଦେଇଥିଲେ। ଆଜିର ଏହି ଆଲୋଚନା ସମୟରେ ଶ୍ରୀ ମିଶ୍ରଙ୍କ ସହ ଲୋକନାଥ କୁମୁରା, ଗୋବିନ୍ଦ ପଟେଲ, ଦୁଲଭ ପାଣ୍ଡେ, ପଙ୍କଜ ମଲ, ନିଳମଣି ଦଣ୍ଡସେନା, ଶୁଶିଲ ବେହେରା, ସରପଂଚ ଦନାରଦନ ମହାପାତ୍ର, ଧନେଶ୍ୱର ଦୀପ, ଘନ ବାରିକ, ଗିରିଧାରି ପୁଟା, ପଂଚାନନ ଘିବେଲା, ଉପେନ୍ଦ୍ର ବରିହା, ଭଗବାନ ମିର୍ଦ୍ଧା, ହେମସାଗର ପଟେଲ, ଶିଶିର ବାଗ, ରାଧେଶ୍ୟାମ ପୁଟେଲ, ସରପଂଚ ଭରତ ଛତ୍ରିଆ ଏବଂ କଂଗ୍ରେସ ନେତା ରାମପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

# ଟବଲାକଟା ବିଦ୍ୟାଳୟରେ ବନମହୋତ୍ସବ ପାଳିତ

ସମ୍ବଲପୁର, ୧୦/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଡିମିରିମୁଣ୍ଡା ପଂଚାୟତର ଟବଲାକଟା ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ରୋପ ଅନୁଷ୍ଠାନ, ବାଲ ସୁରକ୍ଷା ଇନିସିଏଟିବି(ନୂଆଦିଲ୍ଲୀ) ପ୍ରତ୍ୟେକ ନୂଆଦିଲ୍ଲୀ ମିଳିତ ଉଦ୍ୟମରେ ବନମହୋତ୍ସବ ପାଳନ କରାଯାଇଅଛି । ସର୍ବ ପ୍ରଥମେ ଶିଶୁମାନଙ୍କ ସହିତ ଅତିଥିଗଣ ଟାବଲାକଟା ଗ୍ରାମରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା। ପଦଯାତ୍ରାକୁ ମୁଖ୍ୟ ଅତିଥି ସଞ୍ଜୟ କୁମାର ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସମୟରେ ଶିଶୁମାନେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ନିଷେଧ, ପାଣି, ବିଜୁଳିର ଉପଯୁକ୍ତ ବ୍ୟବହାର ଉପରେ ସ୍ଲୋଗାନ ଦେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହି ଦିବସ ଉପଲକ୍ଷେ ଏକ ସଚେତନତା ସଭା କରାଯାଇଥିଲା। ରୋପ ସଂଯୋଜକ ବିମଳ ମେହେର ଅତିଥି ପରିଚୟ ପ୍ରଦାନ ଏବଂ କାର୍ଯକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ବନରକ୍ଷୀ ଝରଣା ମାୟାର, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ମାଝୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଧୀର ଛତ୍ରିଆ, ଶିକ୍ଷୟିତ୍ରୀ ପ୍ରଭଞ୍ଜିନି ପଟେଲ, ଆଶା କର୍ମୀ ଶିବାଞ୍ଜଳି ଠାକୁର, ପ୍ରାଣୀମିତ୍ର ମୀନା ଠାକୁର ଯୋଗଦାନ କରିଥିଲେ। ଉକ୍ତ ସଭାରେ ଅତିଥିଗଣ ବନମହୋତ୍ସବ ହେଉଛି ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବାର ଏକ ଜାତୀୟ ଅଭିଯାନ। ବୃକ୍ଷରୋପଣ କରି ପରିବେଶକୁ ସବୁଜ ଓ ସୁସ୍ଥ ରଖିବା। ଗଛ ଆମକୁ ଅମ୍ଳଜାନ, ଫଳ, ଔଷଧ, ଛାଇ ଓ ସ୍ୱଚ୍ଛ ପରିବେଶ ପ୍ରଦାନ କରେ। ତେଣୁ କେବଳ ଗଛ ଲଗାଇବା ନୁହେଁ, ସେଗୁଡ଼ିକର ଯତ୍ନ ନେଇ ବଂଚାଇ ରଖିବା ମଧ ଆମର ଦାୟିତ୍ୱ। ସମସ୍ତେ ମିଶି ଗୋଟିଏ ଲୋକ, ଗୋଟିଏ ଗଛ ସଂକଳ୍ପ ନେବା ଏବଂ ଏକ ସବୁଜ, ସ୍ୱଚ୍ଛ ଓ ସୁନ୍ଦର ଭବିଷ୍ୟତ ଗଢ଼ିବାରେ ସହଯୋଗ କରିବା ଏହା ବକ୍ତବ୍ୟ କରିଥିଲେ। ଏହି ସଚେତନତା ସଭାପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅତିଥି ଗଣ ମିଶି ବିଭିନ୍ନ ପ୍ରକାର ଗଛ ଚାରାରୋପଣ କରାଯାଇଥିଲା।

# ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନ, ୧୦/୦୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ୫୧ ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଭୂୟାଁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏହି ମହାବିଦ୍ୟାଳୟଟି ୫୧ ବର୍ଷ ପୂର୍ବେ ଆଜିର ଦିନରେ ସହିଦ୍ ବାଜି ରାଉତଙ୍କ ନାମରେ ପ୍ରତିଷ୍ଠା ହୋଇ ଶିକ୍ଷା, ସଂସ୍କୃତିର ଉଜ୍ଜ୍ୱଳ ପ୍ରତୀକ ଭାବେ ଦିନକୁ ଦିନ ଅଗ୍ରଗତି କରିଚାଲିଛି। ଛାତ୍ର ଛାତ୍ରୀମାନେ କଠିନ ପରିଶ୍ରମ କରି ନିଜର ଲକ୍ଷ୍ୟ ପ୍ରାପ୍ତି ହେବାସହ କଲେଜ ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ବିଧାୟକ ଶ୍ରୀ ଜେନା ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଡ଼ିଓ ଶ୍ରୀମତୀ ଆୟୁଷୀ ମହାପାତ୍ର ଯୋଗଦେଇ କଲେଜର ଉନ୍ନତି ପାଇଁ ପୁରାତନ ଛାତ୍ର ଛାତ୍ରୀ ମାନେ ସହଯୋଗ କରିବା ଜରୁରୀ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ କାମାକ୍ଷାନଗର ଉପ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକାଶ କୁମାର ମହାନ୍ତି,ଅଧ୍ୟାପକ ଅନିଲ କୁମାର ଧୀର ଯୋଗଦେଇଥିଲେ। ମୋ କଲେଜ, ମୋ ଗୌରବ ସଂଯୋଜକ ଅଧ୍ୟାପକ ପ୍ରଭାତ କୁମାର ଜେନା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଶ୍ରୀ ଭୂୟାଁ ବାର୍ଷିକ ବିବରଣୀ ପାଠ ଜରିଆରେ ମହାବିଦ୍ୟାଳୟ ର ସଫଳତା ଓ ଅଭାବ ଅସୁବିଧା ସଂପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର ଧନ୍ୟବାଦ ଅର୍ପଣ କରିଥିଲେ। ଏବିଭିପିର ପ୍ରତିଷ୍ଠା ଦିବସ ଅବସରରେ କଲେଜ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ବିପଦରେ ଛାତ୍ରଛାତ୍ରୀଙ୍କ ଜୀବନ: ୪ ବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ଶ୍ରେଣୀ ଗୃହ

ଜୟପୁର, ୧୦/୦୭ (ନି.ପ୍ର): ଶିକ୍ଷାର ବିକାଶ ପାଇଁ ସରକାର ଯୋଜନା ପରେ ଯୋଜନା କରୁଛନ୍ତି। ସ୍ମାର୍ଟ କ୍ଲାସ୍, ନୂଆ ଶ୍ରେଣୀ ଗୃହ ଓ ଭିତିଭୂମି ବିକାଶ ନାଁରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। କିନ୍ତୁ ବାସ୍ତବରେ ଚିତ୍ର କେତେ ଭିନ୍ନ, ତାହା ଦେଖିଲେ ଶିକ୍ଷା ବ୍ୟବସ୍ଥା ଉପରେ ଉଠୁଛି ବଡ଼ ପ୍ରଶ୍ନ। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କୁମୁଲି ପଂଚାୟତର ଗାଦବାଗୁଡା ପ୍ରାଥମିକ ବିଦ୍ୟାଳୟ। ଏଠାରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଆରମ୍ଭ ହୋଇଥିଲା ଆଜିକୁ ୪ ବର୍ଷ ପୂର୍ବେ। କିନ୍ତୁ ଛାତ ପଡ଼ିବା ପୂର୍ବରୁ ଅଟକି ଯାଇଛି କାମ। ଏବେ ସେହି ଅଧାପନ୍ତରିଆ କୋଠା ପାଲଟିଛି ଛାତ୍ରଛାତ୍ରୀଙ୍କ ପାଇଁ ବିପଦର କାରଣ। ଯେଉଁଠି ପିଲାମାନଙ୍କ ପାଇଁ ନିରାପଦ ଶ୍ରେଣୀ ଗୃହ ରହିବା କଥା, ସେଠାରେ ଚାରି ବର୍ଷ ହେଲା ପଡ଼ିରହିଛି ଅଧା ନିର୍ମାଣ ହୋଇଥିବା କୋଠା।ଛାତ ଢଳେଇ ହୋଇନାହିଁ। ତଳେ ରହିଛି ଦୁର୍ବଳ ସେଣ୍ଟରିଂ। ଉପରେ ଥିବା ଇଟା ମଧ ଧୀରେ ଧୀରେ ଖସିବାକୁ ଲାଗିଛି। ବର୍ଷା ଓ ଖରାରେ ନିର୍ମାଣ ସାମଗ୍ରୀ ଦୁର୍ବଳ ହୋଇପଡ଼ିଥିବା ବେଳେ ଯେକୌଣସି ସମୟରେ ଘଟିପାରେ ବଡ଼ ଅଘଟଣ।କିନ୍ତୁ ସବୁଠାରୁ ଚିନ୍ତାର ବିଷୟ ହେଉଛି, ଏହି ବିପଦପୂର୍ଣ୍ଣ ସ୍ଥାନ ଦେଇ ପ୍ରତିଦିନ ଯାଆସ କରୁଛନ୍ତି କୋମଳମତି ଛାତ୍ରଛାତ୍ରୀ। ପାଖରେ ଖେଳୁଛନ୍ତି ପିଲା। ଏପରିକି ମଧ୍ୟାହ୍ନ ଭୋଜନ ମଧ ଏହି ନିର୍ମାଣାଧୀନ କୋଠା ପାଖରେ ପରିବେଷଣ କରାଯାଉଛି। ଏତେ ବଡ଼ ବିପଦକୁ ଦେଖି ମଧ କାହିଁକି ଚୁପ୍ ପ୍ରଶାସନ ବୋଲି ସାଧାରଣ ରେ ଆଲୋଚନା ହେଉଛି । ଏଥି ପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ଭୀମ ନାୟକ, ଚୈତନ୍ୟ ଗାଦବା, ମନ ପାଇକ ଦାବି କରିଥିବା ବେଳେ ବିଦ୍ୟାଳୟକୁ ପିଲାଙ୍କୁ ଛାଡିବା ପାଇଁ ଭୟ କରୁଥିବା କହିଛନ୍ତି ।ଗାଦବାଗୁଡା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। କିନ୍ତୁ ରହିଛି ମାତ୍ର ଦୁଇଟି ଶ୍ରେଣୀ ଗୃହ। ଶ୍ରେଣୀ ଗୃହର ଅଭାବ ଦୂର କରିବାକୁ ସରକାରୀ ଅନୁଦାନରେ ଆରମ୍ଭ ହୋଇଥିଲା ନୂଆ କ୍ଲାସରୁମ୍ ନିର୍ମାଣ। ହେଲେ ଚାରି ବର୍ଷ ବିତିଗଲା, ନିର୍ମାଣ କାମ ଯେଉଁଠି ଥିଲା ସେଇଠି ଅଟକି ରହିଛି। ଚାରି ବର୍ଷ ଧରି ଏକ ସ୍କୁଲରେ ଅଧାପନ୍ତରିଆ ନିର୍ମାଣ ପଡ଼ି ରହିବା, କେବଳ ପ୍ରଶାସନିକ ଅବହେଳା ନୁହେଁ କି ? ପିଲାଙ୍କ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏତେ ଦିନ ଧରି ନିରବତା କାହିଁକି ବୋଲି ଆଲୋଚନା ହେଉଛି କ୍ଷସରକାରୀ ସ୍କୁଲକୁ ରୂପାନ୍ତରଣ କରିବାର କଥା କୁହାଯାଉଛି। ନୂଆ ଯୋଜନାର ପ୍ରଚାର ମଧ ହେଉଛି। କିନ୍ତୁ, ଯଦି ଏକ ଛୋଟ ଗାଁର ସ୍କୁଲରେ ଚାରି ବର୍ଷ ଧରି ଗୋଟିଏ କୋଠା ନିର୍ମାଣ ଶେଷ ହୋଇପାରୁନାହିଁ, ତେବେ ଯୋଜନାର ସଫଳତା ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି । କ୍ଷକାର୍ଯ୍ୟାଳୟର ଫାଇଲରେ ସବୁ ଠିକ୍ ଥାଇପାରେ, କିନ୍ତୁ ବାସ୍ତବରେ ଯଦି ପିଲାଙ୍କ ଜୀବନ ବିପଦରେ ରହେ, ତେବେ ଦାୟିତ୍ୱ କାହାର ବୋଲି ଆଲୋଚନା ହେଉଛି ଦୁର୍ଘଟଣା ଘଟିବା ପରେ ତଦନ୍ତ ଓ କ୍ଷତିପୂରଣ ଘୋଷଣା କରିବା ଠାରୁ ଭଲ, ପୂର୍ବରୁ ସ୍ଥାନୀୟ ପ୍ରଶାସନ ସଚେତନ ହେବା ଆବଶ୍ୟକ। ପିଲାଙ୍କ ଜୀବନ ମୂଲ୍ୟବାନ ପ୍ରଶାସନ ତୁରନ୍ତ ପଦକ୍ଷେପ ଯଦି ଗ୍ରହଣ ନ କରେ ଗ୍ରାମବାସୀ ପରବର୍ତୀ ନିଷ୍ପତି ନେବେ ବୋଲି ରୋକ ଠୋକ ପ୍ରଶାସନକୁ ଶୁଣେଇ ଦେଇଛନ୍ତି ଗ୍ରାମବାସୀ ଓ ଅଭିଭାବକ ।ଗାଦବାଗୁଡା ପ୍ରାଥମିକ ବିଦ୍ୟାଳୟର ଏହି ଅଧାପନ୍ତରିଆ ଶ୍ରେଣୀ ଗୃହ ଏବେ ପ୍ରଶାସନର ଅବହେଳାର ଏକ ବଡ଼ ଉଦାହରଣ ପାଲଟିଛି। ନିର୍ମାଣ କାମ ଶେଷ କରାଯାଉ, ନଚେତ୍ ବିପଦପୂର୍ଣ୍ଣ ସ୍ଥାନକୁ ସୁରକ୍ଷିତ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି । କାରଣ ଏଠି କଥା କେବଳ ଗୋଟିଏ କୋଠାର ନୁହେଁ, କଥା ହେଉଛି ଶହ ଶହ ସ୍ୱପ୍ନ ନେଇ ସ୍କୁଲକୁ ଆସୁଥିବା ଛୋଟ ଛୋଟ ପିଲାଙ୍କ ଜୀବନର। ତେଣୁ ପ୍ରଶାସନ ତୁରନ୍ତ ଅଧପାନ୍ତରିଆ ବିଦ୍ୟାଳୟ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# କୁକୁରଜଙ୍ଘା ରଥଯାତ୍ରା ପାଇଁ ଝାରସୁଗୁଡ଼ା ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୧୦/୦୭ (ନି.ପ୍ର): ଆସନ୍ତା ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କୁକୁରଜଙ୍ଘା ସ୍ଥିତ ପତିତପାବନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପବିତ୍ର ରଥଯାତ୍ରା-୨୦୨୬ ର ସୁପରିଚାଳନା ପାଇଁ ଆଜି ଝାରସୁଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି। ରଥଯାତ୍ରା ସମୟରେ ମନ୍ଦିର ପରିଚାଳନା କମିଟି କୌଣସି ପ୍ରକାରର ବ୍ୟବସାୟିକ କାର୍ଯ୍ୟକଳାପ କରିପାରିବେ ନାହିଁ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି। ସେହିପରି ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ସହ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ଦ୍ୱାରା ରଥଯାତ୍ରା ପୂର୍ବରୁ ଅଗ୍ନି ନିରାପତା ଯାଂଚ୍ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଏହା ସହିତ ରଥଟଣା ମାର୍ଗରେ ଥିବା ବୈଦ୍ୟୁତିକ ତାର ଓ ସଂଯୋଗୀକରଣର ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଛି, ଯେପରି ଯାତ୍ରା ସମୟରେ କୌଣସି ଅଘଟଣ ନଘଟେ। ଜନସାଧାରଣ ଓ ଭକ୍ତମାନଙ୍କ ପାଇଁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ମେଡିକାଲ ଟିମ୍ ଏବଂ ପ୍ରାଥମିକ ଚିକିତ୍ସାର ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ରଥଯାତ୍ରାର ପ୍ରତ୍ୟେକଟି ଦୃଶ୍ୟ, ନୀତିକାନ୍ତି ଏବଂ ପ୍ରଶାସନିକ ସୂଚନା ସଠିକ୍ ଭାବେ ପ୍ରସାରଣ ତଥା ପ୍ରକାଶନ କରିବା ପାଇଁ ମନ୍ଦିର କମିଟିର ସୂଚନା କେନ୍ଦ୍ର ଦ୍ୱାରା ବ୍ୟାପକ ସମନ୍ୱୟ ରକ୍ଷା କରାଯିବ। ଭକ୍ତମାନଙ୍କ ସୁବିଧା ଓ ଉତମ ସମନ୍ୱୟ ପାଇଁ ମୋଟ ୪ଟି ସୂଚନା କାଉଂଟର ଖୋଲାଯିବ। ଏହି ବୈଠକର ନିର୍ଦ୍ଧାରିତ ନିଷ୍ପତି ସମ୍ପର୍କରେ ଝାରସୁଗୁଡ଼ା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିୟାରସିଂହ ସୂଚନା ପ୍ରଦାନ କରିଛନ୍ତି। ବୈଠକରେ ବିଡିଓ, ଏସଡିପିଓ, ଅଗ୍ନିଶମ ଅଧିକାରୀ, ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀ ଏବଂ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର କର୍ମକର୍ତାମାନେ ଉପସ୍ଥିତ ଥିଲେ।

# ଦୁତିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, ୦୯ ଜୁଲାଇ(ହି.ସ.) – ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଖଜୁରୀପଡା ବ୍ଲକ ଅନ୍ତର୍ଗତ ଦୁତିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ରାମାକାନ୍ତ ମହାନ୍ତି, ଡି.ଏସ୍.ପି. ଫୁଲବାଣୀ ବ୍ରଜମୋହନ ପ୍ରଧାନ, ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ନିମାଇଁ ଚରଣ ବିଶି, ଜିଲ୍ଲା ଆଇନ ସେବା ସମୁଖ କାର୍ଯ୍ୟାଳୟର ରିଟେନର ପୀତାମ୍ବର ସାହୁ, ଦୁତିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ରଶ୍ମୀତା ତ୍ରିପାଠୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟର ଛାତ୍ରୀବୃନ୍ଦ ଓ ପାରା ଲିଗାଲ ସ୍ୱେଚ୍ଛାସେବି ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ଶିକ୍ଷାର ଅଧିକାର ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା। ଶିଶୁଙ୍କ ଅଧିକାର, ସୁରକ୍ଷା, ନିଶୁଳ୍କ ଆଇନ ସହାୟତା ନମ୍ବର-୧୫୧୦୦, ଶିକ୍ଷାର ଗୁରୁତ୍ୱ ଏବଂ ଆଇନଗତ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ସରଳ ଭାଷାରେ ଅବଗତ କରାଯାଇଥିଲା। ସେହିପରି ଶିଶୁ ନିର୍ଯ୍ୟାତନା, ବାଲ୍ୟବିବାହ, ଶିଶୁ ଶ୍ରମ ଭଳି ସାମାଜିକ ସମସ୍ୟାରୁ ଦୂରେଇ ରହିବା ସହ ଆବଶ୍ୟକ ସ୍ଥଳରେ ଆଇନର ସହାୟତା ନେବା ପାଇଁ ପରାମର୍ଶ ଦିଆଯାଇଥିଲା।

# କନ୍ଧମାଳରେ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ

କନ୍ଧମାଳ, ୧୦/୦୭ (ନି.ପ୍ର): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି(ଅତ୍ୟାଚାର ନିବାରଣ) ଆଇନ, ୧୯୮୯ର କାର୍ଯ୍ୟକାରିତାକୁ ଅଧିକ ଫଳପ୍ରଦ କରିବା, ପୀଡ଼ିତମାନଙ୍କୁ ସମୟୋପଯୋଗୀ ନ୍ୟାୟ ଓ ସରକାରୀ ସହାୟତା ସୁନିଶ୍ଚିତ କରିବା ସହ ଆଇନର କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ ଦେଇ ଗୁରୁବାର ଫୁଲବାଣୀସ୍ଥିତ ସଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କନ୍ଧମାଳ ଶ୍ରୀ ବେଦଭୂଷଣ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲାରେ ରୁଜୁ ହୋଇଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଅତ୍ୟାଚାର ସମ୍ବନ୍ଧୀୟ ମାମଲାର ତଦନ୍ତ, ବିଚାର ପ୍ରକ୍ରିୟା, ପୀଡ଼ିତମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଆନ୍ତଃ ଜାତି ବିବାହ, ପୁନର୍ବାସ ବ୍ୟବସ୍ଥା ଓ ଆଇନର ବିଭିନ୍ନ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ପ୍ରତ୍ୟେକ ମାମଲାର ତ୍ୱରିତ ତଦନ୍ତ, ସମୟବଦ୍ଧ ଚାର୍ଜସିଟ୍ ଦାଖଲ ଏବଂ ପୀଡ଼ିତଙ୍କୁ ସରକାରୀ ସହାୟତା ବିନା ବିଳମ୍ବରେ ପହଂଚାଇବା ପାଇଁ କମିଟିରେ ମତ ପ୍ରକାଶ ପାଇଥିଲା। ଏଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଜିଲ୍ଲପାଳ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାପାଳ କହିଥିଲେ ଯେ, ଅତ୍ୟାଚାର ନିବାରଣ ଆଇନର ମୂଳ ଉଦ୍ଦେଶ୍ୟ କେବଳ ଅପରାଧୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ନୁହେଁ, ବରଂ ପୀଡ଼ିତମାନଙ୍କୁ ସୁରକ୍ଷା, ନ୍ୟାୟ ଓ ସମ୍ମାନର ସହିତ ପୁନର୍ବାସ ସୁନିଶ୍ଚିତ କରିବା। ଏଥିପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ ଫୁଲବାଣୀ ବିଧାୟକ ଶ୍ରୀ ଉମାଚରଣ ମଲ୍ଲିକ, ଜି. ଉଦୟଗିରି ବିଧାୟକ ଶ୍ରୀ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାମେନ୍ଦ୍ର ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ କୁଶଳ ଚନ୍ଦ୍ର ନାଏକ, ପି.ଏ. ଆଇଟିଡିଏ, ଫୁଲବାଣୀ ଶ୍ରୀ ଯୁଧିଷ୍ଠିର ମେହେର,ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ରବି ନାରାୟଣ ମିଶ୍ର, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ମତାମତ ରଖିଥିଲେ। ବୈଠକ ଶେଷରେ ଆଇନର ସୁଫଳ ତୃଣମୂଳ ସ୍ତରରେ ପହଂଚାଇବା ଏବଂ ପୀଡ଼ିତମାନଙ୍କୁ ଯଥାସମୟରେ ନ୍ୟାୟ ପ୍ରଦାନ ଦିଗରେ ସମନ୍ୱିତ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରାଯାଇଥିଲା।




ଖରାଦିନରେ ଅଧିକାଂଶ ଲୋକ ଫଳ ଖାଇବାକୁ ଭାରି ପସନ୍ଦ କରନ୍ତି । ଖାସ୍ କରି ଅଙ୍ଗୁର,ଛୋଟପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବଜାରକୁ ଆସୁଥିବା ଅଙ୍ଗୁର ଖାଇବାକୁ ପସନ୍ଦ କରନ୍ତି । କିନ୍ତୁ ମନରେ ପ୍ରଶ୍ନ ଆସେ ଯେ ସତେଜ ଦେଖାଯାଉଥିବା ଏହି ଅଙ୍ଗୁର କ'ଣ ପ୍ରକୃତରେ ସ୍ୱାସ୍ଥ୍ୟକର ? ଅନେକ ସମୟରେ ବାହାରୁ ଏକଦମ୍ ଫ୍ରେଶ୍ , ଚମକଦାର ଦେଖାଯାଉଥିବା ଅଙ୍ଗୁର ଭିତରୁ ଆଦୌ ହିତକର ହୋଇନଥାଏ । କାରଣ ବର୍ତ୍ତମାନ ସମୟରେ ଫଳକୁ ଅଧିକ ଦିନ ଧରି ସତେଜ ରଖିବା ପାଇଁ ଚାଷବେଳେ ରାସାୟନିକ ପଦାର୍ଥର ବ୍ୟବହାର କରାଯାଏ । ବିଭିନ୍ନ କୀଟନାଶକ ଏବଂ ରାସାୟନିକ ପଦାର୍ଥ ବ୍ୟବହାର କରି ଅଙ୍ଗୁରକୁ ଚାଷ କରାଯାଏ ଯାହାଦ୍ୱାରା କ୍ୟାମିକାଲ୍ ଏହାକୁ ଶୀଘ୍ର ଖରାପ କରାଏ ନାହିଁ ।

ଆପଣ ଅନେକ ଲୋକଙ୍କୁ ଦେଖିଥିବେ ଅଙ୍ଗୁର କିଣିବା ସମୟରେ ସ୍ୱାଦିଷ୍ଟ ଅଛି କି ନାହିଁ ଟେଷ୍ଟ୍ କରିବାକୁ ସିଧା ପାଟିରେ ପକାଇ ଖାଆନ୍ତି କିନ୍ତୁ ଏହାଦ୍ୱାରା କେତେ କ୍ୟାମିକାଲ୍ ଆପଣଙ୍କ ପେଟକୁ ଯାଉଛି ତାହା ବୋଧହୁଏ ଆପଣ ଜାଣିନଥିବେ । ବିଶେଷଜ୍ଞଙ୍କ ମତରେ ସତେଜ, ସଫା ଦେଖାଯାଉଥିବା ଫଳଗୁଡ଼ିକ ମଧ୍ୟ ରାସାୟନିକ ପଦାର୍ଥରେ ପରିପୂର୍ଣ୍ଣ ହୋଇପାରେ । ଏହି ଅଙ୍ଗୁରଗୁଡ଼ିକରେ ପ୍ରାୟତଃ ଏପରି ରାସାୟନିକ ପଦାର୍ଥ ଥାଏ ଯାହା ଧୀରେ ଧୀରେ ଶରୀରରେ ପ୍ରବେଶ କରି କ୍ଷତି କରିପାରେ ଖାସ୍ କରି ଯଦି ସେଗୁଡ଼ିକୁ ଭଲ ଭାବରେ ସଫା ନ କରାଯାଏ । ତେବେ ଆପଣ ବି ଯଦି ଅଙ୍ଗୁର ପ୍ରିୟ ତେବେ ରାସାୟନିକ ପଦାର୍ଥ ଥିବା ଅଙ୍ଗୁରକୁ ଚିହ୍ନଟ କରିବା ନିହାତି ଜରୁରୀ ।

ଏକ୍ସପର୍ଟ କୁହନ୍ତି ଯେ ବଜାରରେ ଉପଲବ୍ଧ ଅନେକ ଅଙ୍ଗୁର ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ରାସାୟନିକ ଭାବରେ ପାଚିଥିବା ଅଙ୍ଗୁର ବିଷଠାରୁ କମ୍ ନୁହେଁ । ଅଙ୍ଗୁରକୁ ଅଧିକ ସମୟ ପାଇଁ ତାଜା ରଖିବା ପାଇଁ ମାନକୋଜେବ ଏବଂ ସାଇପରମେଥ୍ରିନ ବ୍ୟବହାର କରାଯାଏ । ପ୍ରାୟତଃ ଅଙ୍ଗୁରରୁ ସଲଫର ଡାଇଅକ୍ସାଇଡ ଗ୍ୟାସ୍ ମଧ୍ୟ ନିର୍ଗତ ହୁଏ । ଏହି ରାସାୟନିକ ପଦାର୍ଥ ଅଙ୍ଗୁର ଉପରେ ଧଳା ରଙ୍ଗର ପରଦା ସୃଷ୍ଟି କରେ । ତେଣୁ ଯଦି ଅଙ୍ଗୁରକୁ ଠିକ୍ ଭାବରେ ସଫା ନ କରି ଖାଇବେ ତେବେ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଆପଣ ସହଜରେ ଏଭଳି ରାସାୟନଯୁକ୍ତ ଅଙ୍ଗୁରକୁ ଚିହ୍ନଟ କରିପାରିବେ । ଏଥିପାଇଁ ଅଙ୍ଗୁର ପେନ୍ଥାର କାଣ୍ଡରୁ ଭାଙ୍ଗି ପରୀକ୍ଷା କରିପାରିବେ । ଯଦି କାଣ୍ଡ ତାଜା ଏବଂ ସବୁଜ ଦେଖାଯାଏ ତା'ହେଲେ ଏହା ଫ୍ରେଶ୍ ଏବଂ ଖାଦ୍ୟଯୋଗ୍ୟ । ଯଦି ଶୁଖିଲା ଦେଖାଯାଏ ତେବେ ବୁଝିନିଅନ୍ତୁ ଯେ ସେଗୁଡ଼ିକୁ ରାସାୟନିକ ପ୍ରକ୍ରିୟାରେ ପଚାଯାଇଛି । ଏହା ଛଡ଼ା ଯଦି ଅଙ୍ଗୁର ଉପରେ ଅତ୍ୟଧିକ ଧଳା ଆବରଣ ଦେଖାଯାଏ କିମ୍ବା ଫଳକୁ ଛୁଇଁବା ମାତ୍ରେ ଅଜବ ଅନୁଭବ ହୁଏ ତେବେ ବୁଝିଯାଆନ୍ତୁ ଯେ ଅଙ୍ଗୁରକୁ ରାସାୟନିକ ପ୍ରକ୍ରିୟାରେ ପଚାଯାଇଛି । ସାଧାରଣତଃ ଲୋକମାନେ ଫଳ ଖାଇବା ପୂର୍ବରୁ ଏହାକୁ ଧୋଇ ଦିଅନ୍ତି । କିନ୍ତୁ ଅଙ୍ଗୁର ପାଚିବା ପାଇଁ ବ୍ୟବହୃତ ରାସାୟନିକ ପଦାର୍ଥଗୁଡ଼ିକ କେବଳ ପାଣିରେ ଧୋଇବା ଯଥେଷ୍ଟ ନୁହେଁ । ଅଙ୍ଗୁର କିଣିବା ପରେ ଏହାକୁ ୧୫ ମିନିଟ୍ ପାଇଁ ବେକିଂ ସୋଡ଼ା ପାଣିରେ ବୁଡ଼ାଇ ରଖନ୍ତୁ ଏବଂ ପରେ ଧୋଇ ଦିଅନ୍ତୁ । ଧୋଇବା ଦ୍ୱାରା ରାସାୟନିକ ପଦାର୍ଥ ଥିବା ଧଳା ସ୍ତର ବାହାରିଯିବ ଏବଂ ଅଙ୍ଗୁର ଖାଇବା ଉପଯୋଗୀ ହୋଇଯିବ ।

# ପାଣି ପିଇବା ପରେ ମଧ୍ୟ ଲାଗୁଛି କି ଶୋଷ ? ତେବେ ଜାଣନ୍ତୁ ଏହା ପଛରେ ଥିବା କାରଣ ...

ଆମ ଭିତରୁ ଅଧିକାଂଶ ଲୋକଙ୍କ ପାଇଁ ଦୈନିକ ଅଢ଼େଇରୁ ସାଢ଼େ ତିନି ଲିଟର ପାଣି ଦରକାର ହୋଇଥାଏ। ଏଥିରୁ ପ୍ରାୟ ୨୦% ଖାଦ୍ୟରୁ ମିଳିଥାଏ। ଏହା ସତ୍ତ୍ୱେ କେତେକ ଲୋକଙ୍କୁ ଶୋଷ ହୋଇ ଶରୀର ଜଳଶୂନ୍ୟ ହେଲା ପରି ଲାଗେ । ତେଣୁ ଅଧିକ ପାଣି ପିଇଲେ ଜଳଶୂନ୍ୟତା ଦେଖାଯାଏ ନାହିଁ ବୋଲି ଅନେକଙ୍କର ଧାରଣା। ହେଲେ ଯେତେ ପାଣି ପିଇଲେ ବି କିଛି ଲୋକଙ୍କୁ ଶୋଷହୁଏ ଓ ହାଲିଆ ଲାଗେ କାହିଁକି ? ସାଧାରଣତଃ ଗରମ ପାଗ ଓ କାର୍ଯ୍ୟବ୍ୟସ୍ତ ରହିଲେ ଏହିଭଳି ହୁଏ। ତେଣୁ ପିଉଥିବା ପାଣି ଉପରେ ଶୋଷ ବା ଜଳଶୂନ୍ୟତା ନିର୍ଭର କରେ ନାହିଁ।



କଥା ହେଉଛି, ପିଉଥିବା ପାଣିକୁ ଦେହ କିପରି ବିଶୋଷଣ କରି ବଣ୍ଟନ କରିବା ସହ ଦେହରେ ତାକୁ ଧରି ରଖୁଛି, ତାହା ବଡ଼କଥା। ବିଭିନ୍ନ ଜୀବନ ଶୈଳୀ, ଖାଦ୍ୟରୁଚି ଓ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଦେହର ଜଳଶୂନ୍ୟତାକୁ ପ୍ରଭାବିତ କରିଥାଏ। ଫଳରେ ଯେତେ ପାଣି ପିଇଲେ ବି ଶୋଷହୁଏ। ମୁମ୍ବାଇସ୍ଥିତ ଫୋର୍ଟିସ୍ ହସ୍ପିଟାଲ୍‌ର ଡାକ୍ତର ଶୋଭା ଇଟୋଲିକର କହନ୍ତି, ଯଥେଷ୍ଟ ପାଣି ପିଇବା ସତ୍ତ୍ୱେ ଶୋଷ ଲାଗିବାର ବିଭିନ୍ନ କାରଣ ରହିଛି। ପିଇବା ପଦ୍ଧତି ଓ ସ୍ୱାସ୍ଥ୍ୟାବସ୍ଥା ଭଳି ଅନେକ କାରଣ ଏଥିପାଇଁ ଦାୟୀ।

ଥରକେ ବହୁତ ପାଣି ପିଇବା ପରେ ଅନେକ ସମୟ ଧରି ଆଉ ପାଣି ନ ପିଇଲେ ଶୋଷ ଲାଗେ। ତେଣୁ ଏକା ଥରକେ ବହୁତ ପାଣି ନ ପିଇ ଦିନସାରା ନିୟମିତ ବ୍ୟବଧାନରେ ଅଳ୍ପ ଅଳ୍ପ ପାଣି ପିଇବା ଉଚିତ। ଥରକେ ବହୁତ ପାଣି ପିଇଲେ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହୋଇଥାଏ। କାରଣ ଶରୀରରେ ସୋଡିୟମ୍ ପତଳା ହୋଇ ୱାଟର ଇଣ୍ଟୋକ୍ସିକେସନ୍ ଭଳି ଅବସ୍ଥା ସୃଷ୍ଟି କରିଥାଏ। ଏଥିଯୋଗୁଁ ତଣ୍ଟି ଶୁଖିଯାଏ। ସେହିପରି ଚା, କଫି ଓ ମଦ ପିଇଲେ ବାରମ୍ବାର ପରିସ୍ରା ହୋଇ ଦେହରୁ ପାଣି କ୍ଷୟ ହୋଇଯାଏ।

ଏ ସମୟରେ ଯେତେ ପାଣି ପିଇଲେ ବି ଶୋଷ ଲାଗେ। ଭଲ ଭାବେ ପାଟି ଭିତର ପରିଷ୍କାର ନ କଲେ, ଧୂମପାନ କଲେ ଓ ତମାଖୁ ସେବନ କଲେ ମଧ୍ୟ ସବୁବେଳେ ଶୋଷହୁଏ । ଆମ ଖାଦ୍ୟ ଅନେକ ସମୟରେ ଶୋଷକୁ ପ୍ରଭାବିତ କରେ।

ଅଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇଲେ ହଜମ ଓ ବର୍ଜ୍ୟ ନିଷ୍କାସନ ପାଇଁ ଅଧିକ ପାଣି ପିଇବାକୁ ପଡ଼େ। ଅଧିକ ଲୁଣ, ଚିନି ଓ ମସଲା ଖାଦ୍ୟ ଖାଇଲେ ଶୋଷହୁଏ। କମ୍ ଫାଇବରଯୁକ୍ତ ଖାଦ୍ୟ ଯୋଗୁଁ ଦେହରେ ଜଳ ଧାରଣ କ୍ଷମତା କମିଯାଏ ବୋଲି ଡାକ୍ତର କହନ୍ତି। ସେହିପରି ଗରମ ପାଗରେ ବେଶି ବ୍ୟାୟାମ କଲେ ଓ ଝାଳ ବୋହିଲେ ଦେହରୁ ଅଧିକ ଜଳୀୟ ଅଂଶ ବାହାରିଯାଏ। ଫଳରେ ଶୋଷହୁଏ । ଏହାଛଡ଼ା ଜ୍ୱର, ବାନ୍ତି ବା ଡାଇରିଆ ହେଲେ ଏବଂ ହାଇ ବ୍ଲଡ୍ ସୁଗାର ଲେବଲ୍ ଶୋଷ ବଢ଼ାଇ ଥାଏ। ହରମୋନ୍ ସନ୍ତୁଳନ ଠିକ୍ ନ ରହିଲେ ଶୋଷହୁଏ ଓ ତାହା ମେଣ୍ଟେ ନାହିଁ। ନିଦ, ଚାପ ଓ ଉତ୍କଣ୍ଠା ବି ଶୋଷ ବଢ଼ାଇଥାଏ। ଏହା ପ୍ରକୃତ ଜଳଶୂନ୍ୟତା ନୁହେଁ। ଏହାଛଡ଼ା ଦେହରେ ସୋଡିୟମ୍ ଓ କ୍ଲୋରାଇଡ୍ ଭଳି ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳିତ ହେଲେ ଯେତେ ପାଣି ପିଇଲେ ବି ଶୋଷ ମରେ ନାହିଁ। ବାରମ୍ବାର ପାଣି ପିଇବାକୁ ଇଚ୍ଛା ହୋଇଥାଏ।

# ନିଦ୍ରା କାହିଁକି ସମ୍ପୂର୍ଣ୍ଣ ଥକ୍କାପଣ ଦୂର କରେ ନାହିଁ ? ଜାଣନ୍ତୁ କଣ କହୁଛି ରିପୋର୍ଟ ...



ଆଜିକାଲି ଲୋକମାନେ ପ୍ରବଳ ଥକ୍କା ଅନୁଭବ କରୁଛନ୍ତି, ଯାହା ଶୋଇବା କିମ୍ବା ବିଶ୍ରାମ ନେବା ପରେ ମଧ୍ୟ କମିଯାଏ ନାହିଁ। ଲେ ?ହସାର ଅଭାବ ପ୍ରାୟତଃ ଏହାର କାରଣ। ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ଖରାପ ପୁଷ୍ଟିସାର ହେତୁ ଆଇରନ୍ ର ଅଭାବର ଲକ୍ଷଣ ରହୁଛି। ଏହି ଖଣିଜ ଅଭାବ ରକ୍ତହୀନତାର ଆଶଙ୍କା ବଢ଼ାଇଥାଏ ଓ ଶରୀରକୁ ଅମ୍ଳଜାନ ଯୋଗାଣ ହ୍ରାସ କରିଥାଏ। ଲୁହା ଅଭାବର ଏହି ଲକ୍ଷଣକୁ ଶୀଘ୍ର ଚିହ୍ନି ପାରିଲେ ସ୍ୱାସ୍ଥ୍ୟରେ ତୁରନ୍ତ ଉନ୍ନତି ଆସିପାରେ।

କମ୍ ହିମୋଗ୍ଲୋବିନ କାରଣ

ରକ୍ତରେ ହିମୋଗ୍ଲୋବିନ୍ ଉତ୍ପାଦନ ପାଇଁ ଲୌହସାର ଅତ୍ୟାବଶ୍ୟକ। ହିମୋଗ୍ଲୋବିନ୍‌ର କାର୍ଯ୍ୟ ହେଉଛି ରକ୍ତ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ପରିବହନ କରିବା। ଅଭାବ ହେଲେ ଥକ୍କାପଣ, ଫିକାପଣ ଓ ଶ୍ୱାସକ୍ରିୟା ଭଳି ଦଶଟି ଲକ୍ଷଣ ଦେଖାଯାଇପାରେ। ଏଗୁଡ଼ିକୁ ଅଣଦେଖା କଲେ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇପାରେ।

*୧. ଲଗାତାର ଥକ୍କାପଣ*

କାମ ପରେ କ୍ଲାନ୍ତ ଅନୁଭବ କରିବା ସାଧାରଣ କଥା। ତଥାପି, ଯଦି ଆପଣ ଅଧିକ କାର୍ଯ୍ୟକଳାପ ବିନା ମଧ୍ୟ କ୍ଲାନ୍ତ ଅନୁଭବ କରନ୍ତି ଏବଂ ବିଶ୍ରାମ ନେବା ପରେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରନ୍ତି ନାହିଁ ତେବେ ଏହା ଲୌହ ଅଭାବର ଲକ୍ଷଣ ହୋଇପାରେ। ଏହା ପ୍ରାୟତଃ ସେତେବେଳେ ଘଟେ ଯେତେବେଳେ ଆପଣଙ୍କ ପାଖରେ ପର୍ଯ୍ୟାପ୍ତ ଅମ୍ଳଜାନ ଗ୍ରହଣ ନ ଥିବାରୁ ଶକ୍ତିର ଅଭାବ ହୁଏ।

*୨. ଚର୍ମ ହଳଦିଆ ପଡ଼ିବା*

ଯଦି ଆପଣଙ୍କ ଚର୍ମ ଫିକା ପଡ଼ିବାକୁ ଲାଗେ ଏବଂ ଲୋକମାନେ ହଳଦିଆ ରଙ୍ଗ ଦେଖୁଛନ୍ତି ତେବେ ଏହା ଲୌହ ଅଭାବ ଯୋଗୁଁ ହୋଇପାରେ। ହିମୋଗ୍ଲୋବିନର ଅଭାବ ଆପଣଙ୍କ ଶରୀରରେ ରକ୍ତର ପରିମାଣକୁ ହ୍ରାସ କରିପାରେ, ଯାହା ଫଳରେ ଆପଣଙ୍କ ଶରୀର ଫିକା ଦେଖାଯିବ।

*୩. ନିଶ୍ୱାସ ନେବା*

କଠିନ ଶାରୀରିକ ପରିଶ୍ରମ ପରେ ନିଶ୍ୱାସ ନେବା କଷ୍ଟକର ହୁଏ। ତଥାପି, ଯଦି ଆପଣ ଅଳ୍ପ ଚାଲିବା କିମ୍ବା ସିଡ଼ି ଚଢ଼ିବା ପରେ ମଧ୍ୟ ଏହି ସମସ୍ୟା ଅନୁଭବ କରନ୍ତି, ତେବେ ସତର୍କ ରୁହନ୍ତୁ। ଏହାର ଅର୍ଥ ହେଉଛି ଆପଣଙ୍କ ଶରୀର ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ୍ ପାଉନାହିଁ।

*୪. ହୃଦସ୍ପନ୍ଦନ*

ଲୁହା ଅଭାବରୁ ମଧ୍ୟ ହୃଦସ୍ପନ୍ଦନ ଦ୍ରୁତ ହୋଇପାରେ। କାରଣ ହୃଦୟକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହା ହୃଦସ୍ପନ୍ଦନ ବୃଦ୍ଧି କରେ। ଯଦି ଆପଣ ଏହି ଲକ୍ଷଣ ଲକ୍ଷ୍ୟ କରନ୍ତି, ତେବେ ଆପଣଙ୍କ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ଆବଶ୍ୟକୀୟ ପରୀକ୍ଷା କରାନ୍ତୁ।

*୫. ମୁଣ୍ଡ ବୁଲାଇବା ଏବଂ ମୁଣ୍ଡ ବିନ୍ଧା*

ଯେତେବେଳେ ମସ୍ତିଷ୍କ ଅମ୍ଳଜାନର ଅଭାବରେ ପ୍ରଭାବିତ ହୁଏ, ସେତେବେଳେ ଏହାର କାର୍ଯ୍ୟକ୍ଷମତା ମଧ୍ୟ ଖରାପ ହୋଇଯାଏ। ଏହା ମୁଣ୍ଡ ବୁଲାଇବା କିମ୍ବା ମୁଣ୍ଡ ବିନ୍ଧା ସୃଷ୍ଟି କରିପାରେ।

*୬. କେଶ ପଡ଼ିବା*

ଲୌହ ଅଭାବ କେଶ ମୂଳର ପୁଷ୍ଟିସାର ହ୍ରାସ କରେ, ଯାହା ଫଳରେ ହଠାତ୍ କେଶ ଝଡ଼ିଯାଏ। ଏହି ଲକ୍ଷଣ ବିଶେଷକରି ମହିଳାମାନଙ୍କଠାରେ ଦେଖାଯାଏ।

*୭. ଦୁର୍ବଳ ନଖ*

ନଖ ଦେଖି ମଧ୍ୟ ଲୁହା ଅଭାବ ଚିହ୍ନଟ କରାଯାଇପାରିବ। ଲୁହା ଅଭାବ ଯୋଗୁଁ ନଖ ପତଳା ଓ ଭାଙ୍ଗିଯାଏ।

*୮. ଶରୀର ଥଣ୍ଡା ହୋଇଯାଏ*

କମ ଲୌହ ସ୍ତର ରକ୍ତ ସଞ୍ଚାଳନକୁ ପ୍ରଭାବିତ କରେ, ଯାହା ଫଳରେ ଶରୀର ଥଣ୍ଡା ହୋଇଯାଏ, ବିଶେଷକରି ହାତ ଏବଂ ପାଦରେ, ଯାହା ରକ୍ତ ପ୍ରବାହରେ ବାଧା ସୃଷ୍ଟି କରି ଥଣ୍ଡା ଅନୁଭବ କରିପାରେ।

ଲୁହା ଅଭାବୀ ଖାଦ୍ୟ

ଲୌହ ଅଭାବରୁ ରକ୍ଷା ପାଇବା ପାଇଁ, ନିୟମିତ ପରୀକ୍ଷା କରାଇବା ଓ ସନ୍ତୁଳିତ ଖାଦ୍ୟ ଖାଇବା ଅତ୍ୟନ୍ତ ଜରୁରୀ। ମହିଳାମାନେ ବିଶେଷକରି ମାସିକ ଋତୁସ୍ରାବ ସମୟରେ ବିପଦରେ ଥାଆନ୍ତି, ତେଣୁ ଏହି ସମୟରେ ସେମାନେ ସେମାନଙ୍କ ଖାଦ୍ୟ ପ୍ରତି ବହୁତ ସତର୍କ ରହିବା ଉଚିତ। ପାଳଙ୍ଗ ପରି ସବୁଜ ପତ୍ରଯୁକ୍ତ ପନିପରିବା, ଗୁଡ଼, ବିନ୍ସ ଏବଂ ଡାଲି, ଆପଲ୍, ଖଜୁର ଏବଂ ଡାଳିମ୍ବ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଲୌହ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ।

# କେଉଁ ଲଙ୍କା ଖାଇବା ଦେହ ପାଇଁ ଭଲ ?

ଲଙ୍କା ବିନା ଭାରତୀୟଙ୍କ ଖାଦ୍ୟ ଅଧୁରା । ଆମ ଘରେ ସାଧାରଣତଃ ଦୁଇ ପ୍ରକାରର ଲଙ୍କା ବ୍ୟବହାର ହୋଇଥାଏ- କଞ୍ଚା ସବୁଜ ଲଙ୍କା ଓ ଲାଲ ଶୁଖିଲା ଲଙ୍କା । ଉଭୟର ସ୍ୱାଦ ଭିନ୍ନ ଓ ସ୍ୱାସ୍ଥ୍ୟ ପାଇଁ ଭିନ୍ନ ଭିନ୍ନ କାମ କରିଥାନ୍ତି । ସବୁଜ ଲଙ୍କା ଶୁଖିଗଲେ ଲାଲ ହୋଇଯାଏ । କାରଣ ଏହା ସମସ୍ତ ଜଳୀୟ ଅଂଶ ହରାଇଥାଏ। ଆସନ୍ତୁ ଜାଣିବା, ଏହି ଦୁଇ ପ୍ରକାର ଲଙ୍କା ଭିତରେ କ'ଣ ରହିଛି ଫରକ ।



କେଉଁଟା ଭଲ: ଶୁଖିଲା ଲଙ୍କା ତୁଳନାରେ ସବୁଜ ଲଙ୍କା ଅଧିକ । ସବୁଜ ଲଙ୍କାରେ ଅଧିକ ଜଳୀୟ ଅଂଶ ଓ ଜିରୋ କ୍ୟାଲୋରି ଥାଏ । ଏହା ଓଜନ କମାଇବାରେ ସାହାଯ୍ୟ କରେ। ସବୁଜ ଲଙ୍କାରେ ବିଟା-କାରୋଟିନ୍, ଆଣ୍ଟିଅକ୍ସିଡାଣ୍ଟ୍ ଓ ଏଣ୍ଡୋରଫିନ୍‌ର ଉତ୍ସ ରହିଥାଏ । ଅଧିକ ଶୁଖିଲା ଲଙ୍କା ଖାଇଲେ ଆଭ୍ୟନ୍ତରୀଣ ପ୍ରଦାହ ଦେଖାଯାଏ, ଯାହାଦ୍ୱାରା ପେପ୍‌ଟିକ୍ ଅଲ୍‌ସର ହୋଇପାରେ। ଇରିଟେବ୍‌ଲ୍ ବାଓ୍ୱେଲ୍ ସିଣ୍ଡ୍ରୋମ୍ ବା ଇନ୍‌ଫ୍ଲାମେଟରି ବାଓ୍ୱେଲ୍ ଭଳି ରୋଗରେ ପୀଡ଼ିତ ବ୍ୟକ୍ତି ଲାଲ୍ ଲଙ୍କା ଖାଇଲେ ପେଟ ଯନ୍ତ୍ରଣା ଓ ଡାଇରିଆରେ ପଡ଼ିବା ଆଶଙ୍କା ରହିଛି। ଏହା ମଧ୍ୟ ଅସ୍ଥାୟୀ ଭାବେ ରକ୍ତଚାପ ବୃଦ୍ଧି କରିପାରେ।

କଞ୍ଚା ଲଙ୍କାର ଲାଭ: ନିୟମିତ କଞ୍ଚା ଲଙ୍କା ଖାଇଲେ ଇନ୍‌ସୁଲିନ୍ ସ୍ତର ନିୟନ୍ତ୍ରିତ ହୋଇ ଉଚ୍ଚ ରକ୍ତ ଶର୍କରା ସ୍ତର ସନ୍ତୁଳିତ ହୋଇଥାଏ। ଡାଏଟାରି ଫାଇବରରେ ପରିପୂର୍ଣ୍ଣ କଞ୍ଚା ଲଙ୍କା ଭଲ ପାଚନ ପ୍ରକ୍ରିୟାରେ ସାହାଯ୍ୟ କରେ। କଞ୍ଚା ଲଙ୍କା ଭିଟାମିନ୍-ଇ ଓ ଭିଟାମିନ୍-ସିର ଉତ୍ସ, ଯାହା ସୁସ୍ଥ ତ୍ୱଚା ପାଇଁ ବହୁତ ଭଲ। ଯଥେଷ୍ଟ ବିଟା-କାରୋଟିନ୍ ପରିମାଣ ହେତୁ କଞ୍ଚା ଲଙ୍କା ହୃତ୍‌ପିଣ୍ଡକୁ କାର୍ଯ୍ୟକ୍ଷମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ । କଞ୍ଚା ଲଙ୍କା କ୍ୟାଲୋରି ନଷ୍ଟ କରିବା ଓ ମେଟାବୋଲିଜିମ୍‌କୁ ତ୍ୱରାନ୍ୱିତ କରିବାରେ ମଧ୍ୟ ସାହାଯ୍ୟ କରେ। ତେଣୁ ଓଜନ ହ୍ରାସ ପାଇଁ ଏହା ଭଲ।

ଶୁଖିଲା ଲଙ୍କାର ଲାଭ: ଏଥିରେ ଅଧିକ ପୋଟାସିୟମ୍ ଥିବାରୁ ଏହା ରକ୍ତବାହୀ ନଳୀକୁ ସକ୍ରିୟ କରି ରକ୍ତଚାପ ନିୟନ୍ତ୍ରଣ କରେ। ନାଲି ଲଙ୍କାରେ ଥିବା କ୍ୟାପ୍‌ସାଇସିନ୍ ନାମକ ଯୌଗିକ ଶରୀରର ମେଟାବୋଲିଜିମ୍ ହାର ବୃଦ୍ଧି କରିଥାଏ। ଏହା ଭିଟାମିନ୍-ସିରେ ପରିପୂର୍ଣ୍ଣ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ଦୀର୍ଘକାଳୀନ ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ। ଶୁଖିଲା ଲଙ୍କାରେ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ୍ ରହିଛି, ଯାହା ରକ୍ତବାହୀ ନଳୀ ତଥା ଧମନୀରେ ଥିବା ଅବରୋଧକୁ ଦେଇଥାଏ।




କସମେଟିକ୍ ବ୍ୟବହାରରେ ଚେହେରା ତ ଚମକେ କିନ୍ତୁ ଏହା କେତେ ଘଣ୍ଟା ପାଇଁ ଲାଷ୍ଟିଙ୍ଗ୍ କରିବ ତାହା ବ୍ୟବହାରକାରୀ ହିଁ କହିପାରିବେ । କିନ୍ତୁ ବର୍ତ୍ତମାନ ବଜାରରେ କୋରିଆନ୍ ପ୍ରଡକ୍ଟର ଅଧିକ ଚାହିଦା ରହିଛି । ଖାସ୍ କରି ଯୁବତୀମାନେ କୋରିୟାନ୍ ପ୍ରଡକ୍ଟ କସମେଟିକ୍ ପାଇଁ ବାଇୟା । କିନ୍ତୁ କିଛି ଯୁବତୀ ପ୍ରାକୃତିକ ଉପାୟରେ କୋରିଆନ୍ ଗ୍ଲାସ୍ ସ୍କିନ୍ ପାଇବା ପାଇଁ ପସନ୍ଦ କରନ୍ତି । ଯଦି ଆପଣ ମଧ୍ୟ ଗ୍ରୀଷ୍ମରେ କୋରିଆନଙ୍କ ପରି ଚମକଦାର ତ୍ୱଚା ପାଇବାକୁ ଚାହୁଁଛନ୍ତି ସେ ବି ବିନା ରସାୟନଯୁକ୍ତ ତା'ହେଲେ ଆସନ୍ତୁ ଜାଣିବା କିଛି ଟିପ୍ସ । ଯଦି ଆପଣ ପ୍ରକୃତରେ ଆପଣଙ୍କ ତ୍ୱଚାକୁ ହେଲ୍ଦି କରିବାକୁ ଚାହୁଁଛନ୍ତି ତେବେ ରାତି ସମୟରେ ସ୍କିନ୍ ଧ୍ୟାନ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ । ଶୋଇବା ପୂର୍ବରୁ ମାତ୍ର ଗୋଟିଏ ଷ୍ଟେପ୍ ଆପଣଙ୍କ ଚର୍ମକୁ ଚମକଦାର କରିବାରେ ସାହାଯ୍ୟ କରିବ । ଏଥିପାଇଁ ଆପଣଙ୍କୁ ୩ ଟି ଉପାୟର ଆବଶ୍ୟକତା ପଡ଼ିବ । ଗୋଟିଏ ଚାମଚ କାକୁଡ଼ି ରସରେ ଗୋଟିଏ ଚାମଚ ଗୋଲାପ ଜଳ ଏବଂ ଅଳ୍ପ ଚନ୍ଦନ ପାଉଡର ପକାଇ ସ୍ମୁଥ୍ ପେଷ୍ଟ୍ ତିଆରି କରନ୍ତୁ । ଶୋଇବା ପୂର୍ବରୁ ମୁହଁକୁ ଭଲରେ ଫେସୱାଶରେ ଧୋଇ ସଫା କରନ୍ତୁ । ସଫା ମୁହଁରେ ଏହି ପେଷ୍ଟ୍ ଲଗାନ୍ତୁ ଏବଂ ୧୦ ମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ । ଏହାପରେ ଓଦା ସଫା କପଡ଼ାରେ ମୁହଁକୁ ଧୀରେ ଧୀରେ ପୋଛି ଦିଅନ୍ତୁ । ଶେଷରେ ଅଳ୍ପ ବାଦାମ ତେଲ ମୁହଁରେ ଧୀରେ ଧୀରେ ମାଲିସ୍ କରନ୍ତୁ । ଏହି ଗୋଟିଏ ପେଷ୍ଟ୍ ଏବଂ ତେଲ ମାଲିସ୍ ଆପଣଙ୍କ ଚେହେରାକୁ ଚମକ ଦେବାରେ ସାହାଯ୍ୟ କରିବ । କାକୁଡ଼ି ରସ ଚର୍ମକୁ ଥଣ୍ଡା କରିବାରେ ସାହାଯ୍ୟ କରେ ଏବଂ ହାଇଡ୍ରେସନ୍ ବୃଦ୍ଧି କରେ । ଏହା ମୁହଁକୁ ସତେଜ ଏବଂ ଆରାମଦାୟକ କରେ । ତ୍ୱଚା ମରାମତିର କାମ କରେ ଗୋଲାପ ଜଳ । ଏହା ତ୍ୱଚାର ପ୍ରାକୃତିକ ଚମକ ଫେରାଇ ଆଣିବାରେ ସାହାଯ୍ୟ କରେ । ସରଳ ଭାଷାରେ କହିଲେ ଗୋଲାପ ଜଳ ଟୋନରର କାମ କରେ । ଚନ୍ଦନ ତ୍ୱଚାକୁ ଥଣ୍ଡା କରାଏ ଏବଂ ଭିତରର ମଇଳା ବାହାର କରିବାରେ ସାହାଯ୍ୟ କରେ ଯାହାଦ୍ୱାରା ଚେହେରା ସଫା ଦେଖାଯାଏ । ମନେ ରଖନ୍ତୁ ଶୋଇବା ପୂର୍ବରୁ ସବୁବେଳେ ଆପଣଙ୍କ ମୁହଁକୁ ସଫା କରନ୍ତୁ । ଦିନସାରା ପ୍ରଚୁର ପାଣି ପିଅନ୍ତୁ । ଅତ୍ୟଧିକ ରାସାୟନିକ ପଦାର୍ଥ ଥିବା କସମେଟିକ୍ ବ୍ୟବହାର କରନ୍ତୁ ନାହିଁ । ସପ୍ତାହରେ ୨ ଥର ଏହି ଉପଚାର କରନ୍ତୁ ଏବଂ ମୁହଁକୁ ଅତ୍ୟଧିକ ସ୍କ୍ରବ୍ କରନ୍ତୁ ନାହିଁ । ଯଦି ଆପଣ ଏହାକୁ ନିୟମିତ ଭାବରେ କରୁଛନ୍ତି ତେବେ କିଛି ଦିନ ମଧ୍ୟରେ ଆପଣଙ୍କ ସ୍କିନ୍ ନରମ ଏବଂ ସୁସ୍ଥ ଦେଖାଯିବ । ଧୀରେ ଧୀରେ ଆପଣ ପ୍ରାକୃତିକ ଚମକ ମଧ୍ୟ ଲକ୍ଷ୍ୟ କରିବା ଆରମ୍ଭ କରିବେ ।

# ସୁରକ୍ଷିତ କାରାଗାରରୁ ଅସୁରକ୍ଷିତ ସମାଜ

ବିଶ୍ୱାୟନର ଏହି ଯୁଗରେ ଅପରାଧ ମଧ୍ୟ ଏବେ ସୀମା ଅତିକ୍ରମ କରି ଏକ ଆନ୍ତର୍ଜାତୀୟ ରୂପ ନେଇସାରିଛି । ଆମେରିକାର ନ୍ୟାୟ ବିଭାଗ ବା ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ୍ (ଡିଓଜେ) ଦ୍ୱାରା ନିକଟରେ ପ୍ରକାଶିତ ଏକ ଚାଞ୍ଚଲ୍ୟକର ରିପୋର୍ଟ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଏବଂ ଜେଲ୍ ପ୍ରଶାସନ ଉପରେ ଅନେକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆମେରିକୀୟ ରିପୋର୍ଟ ଅନୁଯାୟୀ, ଭାରତର ଅନ୍ୟତମ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଏକ ବିକେନ୍ଦ୍ରୀକୃତ ଆନ୍ତର୍ଜାତୀୟ ଅପରାଧିକ ସିଣ୍ଡିକେଟ୍ ପରିଚାଳନା କରୁଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ୨୦୨୩ ମସିହାରୁ ଗୁଜରାଟର ଅହମ୍ମଦାବାଦ ସ୍ଥିତ ଏକ ଅତି ସୁରକ୍ଷିତ କାରାଗାରରେ ବନ୍ଦୀ ଥିବା ସତ୍ତ୍ୱେ ସେ ଏତେ ବଡ଼ ସାମ୍ରାଜ୍ୟ ଚଳାଇବାରେ ସକ୍ଷମ ହୋଇପାରିଛି । ୨୦୨୬ ମସିହା ଫେବୃଆରୀ ମାସରେ ଆମେରିକାର କାଲିଫର୍ଣ୍ଣିଆ କୋର୍ଟରେ ଦାଖଲ ହୋଇଥିବା ଡିଓଜେର ଅଭିଯୋଗ ଫର୍ଦ୍ଦରେ ସ୍ପଷ୍ଟ ଭାବରେ ଦର୍ଶାଯାଇଛି ଯେ ୨୦୨୨ ରୁ ୨୦୨୬ ମଧ୍ୟରେ ବିଷ୍ଣୋଇ ନିଜର ଅପରାଧିକ ସାମ୍ରାଜ୍ୟର ପ୍ରଭାବ ବିସ୍ତାର କରିବା ଏବଂ ସାଧାରଣ ଜନତାଙ୍କ ମନରେ ଆତଙ୍କ ଖେଳାଇବା ଉଦ୍ଦେଶ୍ୟରେ ଭାରତର ଜଣେ ପ୍ରସିଦ୍ଧ ଅଭିନେତା ତଥା ଟେଲିଭିଜନ ବ୍ୟକ୍ତିତ୍ୱ 'ଏସ.କେ.' ଅର୍ଥାତ୍ ସଲମାନ ଖାନଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲା । ଏହି ଘଟଣା କେବଳ ଏକ ସାଧାରଣ ହତ୍ୟା ଧମକ ନୁହେଁ, ବରଂ ଏହା ଏକ ସୁଚିନ୍ତିତ ଆନ୍ତର୍ଜାତୀୟ ଅପରାଧିକ ରଣନୀତିର ଅଂଶବିଶେଷ ଅଟେ । ଆମେରିକା ଭଳି ଏକ ବିକଶିତ ରାଷ୍ଟ୍ରର ତଦନ୍ତକାରୀ ସଂସ୍ଥା ଏହି ନେଟୱର୍କର ଗଭୀରତାକୁ ଅନୁଧ୍ୟାନ କରିବା ଏବଂ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରମାଣିତ କରୁଛି ଯେ ବିଷ୍ଣୋଇ ଗ୍ୟାଙ୍ଗର ଚେର ଏବେ କେବଳ ପଞ୍ଜାବ ବା ଉତ୍ତର ଭାରତରେ ସୀମିତ ନାହିଁ, ବରଂ ଏହା ସାତ ଦରିଆ ପାର ହୋଇ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ ନିଜର ଆଧିପତ୍ୟ ବିସ୍ତାର କରିସାରିଲାଣି ।

ଏହି ଅପରାଧିକ ସଂଗଠନର ସବୁଠାରୁ ଭୟଙ୍କର ଦିଗଟି ହେଉଛି ଏହାର ବିକେନ୍ଦ୍ରୀକୃତ କାର୍ଯ୍ୟଶୈଳୀ ବା ଡିସେଣ୍ଟ୍ରାଲାଇଜଡ୍ ମଡେଲ୍ । ଆମେରିକୀୟ ନ୍ୟାୟ ବିଭାଗର ତଥ୍ୟ ଅନୁଯାୟୀ, ବିଷ୍ଣୋଇର ଏହି ସିଣ୍ଡିକେଟ୍ କୌଣସି ପାରମ୍ପରିକ ଗୁଣ୍ଡା ଦଳ ଭଳି କାମ କରେ ନାହିଁ । ଏହା ଏକ ଆଧୁନିକ ବହୁରାଷ୍ଟ୍ରୀୟ କମ୍ପାନୀ କିମ୍ବା ଏକ ଆନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନ ଭଳି ପରିଚାଳିତ ହେଉଛି । ଏହି ନେଟୱର୍କରେ କାମ କରୁଥିବା ସଦସ୍ୟମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଅଲଗା ଅଲଗା ସେଲ୍ ବା ଗୋଷ୍ଠୀରେ ବିଭକ୍ତ କରାଯାଇଥାଏ । ଡିଓଜେ ସ୍ପଷ୍ଟ କରିଛି ଯେ ଗୋଟିଏ ଗୋଷ୍ଠୀର ସଦସ୍ୟମାନଙ୍କ ପାଖରେ ଅନ୍ୟ ଗୋଷ୍ଠୀର ସଦସ୍ୟମାନଙ୍କ ପରିଚୟ, ପୃଷ୍ଠଭୂମି କିମ୍ବା ଅବସ୍ଥିତି ବିଷୟରେ ଖୁବ୍ ସୀମିତ ତଥ୍ୟ ରହିଥାଏ । ଏହି ରଣନୀତିକୁ ଗୁଇନ୍ଦା ଭାଷାରେ 'କମ୍ପାର୍ଟମେଣ୍ଟାଲାଇଜେସନ୍' କୁହାଯାଏ। ଏହାର ମୁଖ୍ୟ ଫାଇଦା ହେଉଛି ଯେ ଯଦି ପୋଲିସ କିମ୍ବା ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ହାତରେ ତଳ ସ୍ତରର କୌଣସି ସୁଟର କିମ୍ବା ସଦସ୍ୟ ଧରାପଡ଼େ, ତେବେ ସେ ଚାହିଁଲେ ମଧ୍ୟ ସଂଗଠନର ଉପର ସ୍ତରର ନେତାମାନଙ୍କ ବିଷୟରେ କୌଣସି ବିଶେଷ ସୂଚନା ଦେଇପାରିବ ନାହିଁ । ନିର୍ଦ୍ଦେଶଗୁଡ଼ିକ ଅନେକ ସ୍ତର ଦେଇ ଆସୁଥିବାରୁ ମୂଳ ଷଡ଼ଯନ୍ତ୍ରକାରୀ ପାଖରେ ପହଞ୍ଚିବା ପୋଲିସ ପାଇଁ ଅସମ୍ଭବ ହୋଇପଡ଼େ । ସଲମାନ ଖାନଙ୍କୁ ହତ୍ୟା କରିବା ପାଇଁ ହୋଇଥିବା ଷଡ଼ଯନ୍ତ୍ରରେ ମଧ୍ୟ ଏହି ବିକେନ୍ଦ୍ରୀକୃତ ପ୍ରଣାଳୀର ବ୍ୟବହାର କରାଯାଇଥିଲା, ଯେଉଁଥିରେ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ, ରେକି କରୁଥିବା ବ୍ୟକ୍ତି ଏବଂ ଗୁଳି ଚଳାଉଥିବା ସୁଟରମାନଙ୍କ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନଥିଲା । ଏହି ଆଧୁନିକ ଅପରାଧିକ ପ୍ରଣାଳୀ ଭାରତୀୟ ପୋଲିସ ବ୍ୟବସ୍ଥା ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି, କାରଣ ଆମର ପାରମ୍ପରିକ ତଦନ୍ତ ପ୍ରକ୍ରିୟା ଏତେ ଜଟିଳ ନେଟୱର୍କକୁ ଭେଦ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ ।

ଏହି ସିଣ୍ଡିକେଟର ମାନବ ସମ୍ବଳ ପରିଚାଳନା ବା ରିକ୍ରୁଟମେଣ୍ଟ ପ୍ରକ୍ରିୟା ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ ଅଟେ । ଆମେରିକା ଡିଓଜେ ରିପୋର୍ଟରେ ସ୍ପଷ୍ଟ ଭାବରେ ଦର୍ଶାଯାଇଛି ଯେ ବିଷ୍ଣୋଇ ଗ୍ୟାଙ୍ଗର ନିଯୁକ୍ତି ସଂଯୋଜକମାନେ ଭାରତର ଗରିବ ଏବଂ ଅସହାୟ ନାବାଳକମାନଙ୍କୁ ଟାର୍ଗେଟ୍ କରୁଛନ୍ତି। ଯେଉଁ ପିଲାମାନେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି କିମ୍ବା ଯେଉଁମାନଙ୍କର ଉପଯୁକ୍ତ ଶିକ୍ଷା ଓ ରୋଜଗାରର ମାଧ୍ୟମ ନାହିଁ, ସେମାନଙ୍କୁ ଏହି ସଂଗଠନ ସହଜରେ ନିଜ ଜାଲରେ ଫସାଉଛି । ଏହି ନାବାଳକମାନଙ୍କୁ ଅର୍ଥ, ସାମାଜିକ ପ୍ରତିଷ୍ଠା, ସୁରକ୍ଷା ଏବଂ ସୋସିଆଲ୍ ମିଡିଆରେ ତଥାକଥିତ ଖ୍ୟାତିର ପ୍ରଲୋଭନ ଦେଖାଇ ଅପରାଧ ଦୁନିଆକୁ ଟାଣି ଅଣାଯାଉଛି । ସାମାଜିକ ଗଣମାଧ୍ୟମରେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ ଏବଂ ଅପରାଧୀମାନଙ୍କୁ ହିରୋ ଭାବରେ ଚିତ୍ରଣ କରିବା ଏହି ଯୁବପିଢ଼ିଙ୍କ ମାନସିକତା ଉପରେ ଗଭୀର ପ୍ରଭାବ ପକାଉଛି । ଥରେ ଏହି ପିଲାମାନେ ସଂଗଠନରେ ସାମିଲ ହୋଇଗଲେ, ସେମାନଙ୍କୁ ବ୍ରେନୱାଶ୍ କରାଯାଇ ବିଭିନ୍ନ ଅପରାଧିକ କାର୍ଯ୍ୟରେ ବ୍ୟବହାର କରାଯାଉଛି। ସେମାନେ ନିଜ ଜୀବନକୁ ବାଜି ଲଗାଇ ବଡ଼ ବଡ଼ ହତ୍ୟାକାଣ୍ଡ ଭିଆଇବାକୁ ମଧ୍ୟ ପଛାଉ ନାହାନ୍ତି। ରିପୋର୍ଟ ଅନୁଯାୟୀ, ଯେଉଁ ସଦସ୍ୟମାନେ ସଂଗଠନ ପ୍ରତି ଅଧିକ ଆନୁଗତ୍ୟ ପ୍ରଦର୍ଶନ କରୁଛନ୍ତି, ସେମାନଙ୍କୁ ପୁରସ୍କାର ସ୍ୱରୂପ ବିଦେଶ ପଠାଇ ଦିଆଯାଉଛି । ସେଠାରେ ସେମାନେ ଆନ୍ତର୍ଜାତୀୟ ସ୍ତରରେ ସଂଗଠନର କାର୍ଯ୍ୟକଳାପକୁ ପରିଚାଳନା କରୁଛନ୍ତି । ଏହା କେବଳ ଏକ ଆଇନଗତ ସମସ୍ୟା ନୁହେଁ, ବରଂ ଏହା ଏକ ଗଭୀର ସାମାଜିକ ଓ ଅର୍ଥନୈତିକ ସମସ୍ୟା ଅଟେ । ବେକାରୀ ସମସ୍ୟା ଏବଂ ସାମାଜିକ ଅସମାନତା କିପରି ଅପରାଧକୁ ଜନ୍ମ ଦେଉଛି, ଏହା ତାର ଏକ ଜ୍ୱଳନ୍ତ ଉଦାହରଣ ।

ଏହି ଗ୍ୟାଙ୍ଗର ଆନ୍ତର୍ଜାତୀୟ ପ୍ରସାର ଏବଂ ଏହାର ଭୂ-ରାଜନୈତିକ ପ୍ରଭାବକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ । ପ୍ରାପ୍ତ ତଥ୍ୟ ଅନୁଯାୟୀ, ଆମେରିକା, କାନାଡା, ୟୁରୋପ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭଳି ଦେଶଗୁଡ଼ିକରେ ଏହି ସିଣ୍ଡିକେଟ୍ ନିଜର ଆସ୍ଥାନ ଜମାଇ ସାରିଲାଣି । ଆମେରିକାର ସଂଘୀୟ ତଦନ୍ତକାରୀ ସଂସ୍ଥା ଏଫବିଆଇ, କାନାଡା ଏବଂ ୟୁରୋପୀୟ ଏଜେନ୍ସିମାନଙ୍କ ଦ୍ୱାରା ମିଳିତ ଭାବରେ ପରିଚାଳିତ 'ଅପରେସନ୍ ହାର୍ଡ ବଲ୍' ଏହାର ଏକ ବଡ଼ ପ୍ରମାଣ ଅଟେ । ଏହି ଅପରେସନ୍ ମାଧ୍ୟମରେ ମୋଟ ୨୪ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି, ଯେଉଁମାନେ ଭାରତ ଭିତ୍ତିକ ଆନ୍ତର୍ଜାତୀୟ ସଂଗଠିତ ଅପରାଧ ଗୋଷ୍ଠୀ ସହିତ ଜଡ଼ିତ ଥିଲେ । ପରିସଂଖ୍ୟାନ ଅନୁଯାୟୀ, ଆମେରିକାରେ ୧୩ ଜଣଙ୍କୁ ଗିରଫ କରାଯାଇଛି, ଯେଉଁଥିରୁ ୧୧ ଜଣ କାଲିଫର୍ଣ୍ଣିଆରୁ, ଜଣେ ଇଣ୍ଡିଆନାରୁ ଏବଂ ଜଣେ ଜର୍ଜିଆରୁ ଗିରଫ ହୋଇଛନ୍ତି । ସେହିପରି କାନାଡାରୁ ୩ ଜଣ ଏବଂ ସ୍ପେନରୁ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପୂର୍ବରୁ ୭ ଜଣ ହେପାଜତରେ ଅଛନ୍ତି । ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ଏବେ ମଧ୍ୟ ୧୦ ଜଣ ଫେରାର ଅପରାଧୀଙ୍କୁ ଖୋଜୁଛି, ଯେଉଁଥିରୁ ୭ ଜଣ ଆମେରିକାରେ, ୨ ଜଣ ଭାରତରେ ଏବଂ ଜଣେ ୟୁରୋପରେ ଲୁଚି ରହିଥିବାର ସନ୍ଦେହ କରାଯାଉଛି । ଆମେରିକୀୟ ଆଇନ ଅନୁଯାୟୀ, ଯଦି ଏହି ଅପରାଧୀମାନେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେମାନଙ୍କୁ ସର୍ବନିମ୍ନ ୧୦ ବର୍ଷରୁ ଆରମ୍ଭ କରି ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ଦଣ୍ଡ ମିଳିବାର ବ୍ୟବସ୍ଥା ରହିଛି । ଏହି ସଂଗଠନଗୁଡ଼ିକ କେବଳ ହତ୍ୟା କିମ୍ବା ଚାନ୍ଦା ଆଦାୟରେ ସୀମିତ ନାହାନ୍ତି, ବରଂ ସେମାନେ ଆନ୍ତର୍ଜାତୀୟ ସୀମା ପାର କରି ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ, ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଏବଂ ଟାର୍ଗେଟେଡ୍ କିଲିଂ ଭଳି ସାଂଘାତିକ ଅପରାଧରେ ସମ୍ପୃକ୍ତ ଅଛନ୍ତି । ବିଦେଶରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବ ବା ପ୍ରବାସୀ ଭାରତୀୟମାନେ ଏହି ଅପରାଧୀଙ୍କ ମୁଖ୍ୟ ଶିକାର ପାଲଟୁଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ଅପରାଧିକ ସଂଗଠନଗୁଡ଼ିକ ଏବେ କେବଳ ପୋଲିସ ପାଇଁ ନୁହେଁ, ବରଂ ଜାତୀୟ ସୁରକ୍ଷା ପାଇଁ ମଧ୍ୟ ଏକ ବଡ଼ ବିପଦ ସାଜିଛନ୍ତି ।

ଏହି ପରିପ୍ରେକ୍ଷୀରେ ଭାରତୀୟ ଜେଲ୍ ବ୍ୟବସ୍ଥା ଏବଂ ଆଭ୍ୟନ୍ତରୀଣ ନିରାପତ୍ତା ପ୍ରଣାଳୀର ବିଫଳତାକୁ ସମାଲୋଚନା ନକରି ରହିହେବ ନାହିଁ । ଜଣେ ଅପରାଧୀ ଦେଶର ଏକ ଅତି ସୁରକ୍ଷିତ ଜେଲରେ ରହି ମଧ୍ୟ କିପରି ବିଦେଶରେ ଥିବା ନିଜର ସହଯୋଗୀମାନଙ୍କୁ ନିର୍ଦ୍ଦେଶ ଦେଇପାରୁଛି, ତାହା ଏକ ବିରାଟ ପ୍ରଶ୍ନ । ସ୍ମାର୍ଟଫୋନ୍, ଇଣ୍ଟରନେଟ୍ କଲିଂ, ଭିପିଏନ୍ ଏବଂ ଏନକ୍ରିପ୍ଟେଡ୍ ମେସେଜିଂ ଆପ୍ ଗୁଡ଼ିକର ବେଆଇନ ବ୍ୟବହାର ଜେଲ୍ ଭିତରେ ନିର୍ବାଧରେ ଚାଲିଛି। ଜେଲ୍ କର୍ମଚାରୀମାନଙ୍କର ଦୁର୍ନୀତି ଏବଂ ପ୍ରଶାସନିକ ଶିଥିଳତା ଯୋଗୁଁ ଅପରାଧୀମାନେ ଜେଲକୁ ନିଜର ସୁରକ୍ଷିତ ମୁଖ୍ୟାଳୟରେ ପରିଣତ କରିଦେଇଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ଯେ ଭାରତର ଜଣେ ନାଗରିକଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର ଏବଂ ଏକ ଭାରତୀୟ ଗ୍ୟାଙ୍ଗର ସମ୍ପୂର୍ଣ୍ଣ କାର୍ଯ୍ୟଶୈଳୀ ବିଷୟରେ ଆମେରିକାର ନ୍ୟାୟ ବିଭାଗକୁ ତଦନ୍ତ କରି ଖୁଲାସା କରିବାକୁ ପଡୁଛି । ଏହା ଆମର ସ୍ଥାନୀୟ ଗୁଇନ୍ଦା ବିଭାଗ ଏବଂ ତଦନ୍ତକାରୀ ସଂସ୍ଥାମାନଙ୍କର ଦକ୍ଷତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ଠିଆ କରୁଛି । ଯଦିଓ ଜାତୀୟ ତଦନ୍ତକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ବିଭାଗ ଏହି ଦିଗରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ତଥାପି ଏହା ସମସ୍ୟାର ମୂଳୋତ୍ପାଟନ ପାଇଁ ଯଥେଷ୍ଟ ନୁହେଁ । ଯେପର୍ଯ୍ୟନ୍ତ ଜେଲ୍ ଭିତରେ ମୋବାଇଲ୍ ଫୋନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇ ନାହିଁ ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ, ସେପର୍ଯ୍ୟନ୍ତ ଏହିଭଳି ସିଣ୍ଡିକେଟ୍ ଗୁଡ଼ିକୁ ରୋକିବା ଅସମ୍ଭବ ଅଟେ । ଅପରାଧୀମାନେ ଜେଲର ଚାରି କାନ୍ଥ ଭିତରେ ରହି ମଧ୍ୟ ବାହ୍ୟ ଦୁନିଆ ସହିତ ନିରନ୍ତର ସମ୍ପର୍କରେ ରହିବା ଆମ ନ୍ୟାୟିକ ବ୍ୟବସ୍ଥାର ଏକ ବଡ଼ ଦୁର୍ବଳତାକୁ ଦର୍ଶାଉଛି ।

ଏହି ଆନ୍ତର୍ଜାତୀୟ ସିଣ୍ଡିକେଟ୍ ଗୁଡ଼ିକର ମୁକାବିଲା କରିବା ପାଇଁ ଭାରତ ସରକାରଙ୍କୁ ଏବେ ଏକ ବହୁମୁଖୀ ରଣନୀତି ଆପଣାଇବାକୁ ପଡ଼ିବ । ପ୍ରଥମତଃ, ଜେଲ୍ ସଂସ୍କାରକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ହେବ । ଅତ୍ୟାଧୁନିକ ଜାମର୍ ଲଗାଇବା, ନିୟମିତ ସୁରକ୍ଷା ଯାଞ୍ଚ କରିବା ଏବଂ ଜେଲ୍ କର୍ମଚାରୀଙ୍କ ଉପରେ କଡ଼ା ନଜର ରଖିବା ନିହାତି ଆବଶ୍ୟକ । ଦ୍ୱିତୀୟତଃ, ଆନ୍ତର୍ଜାତୀୟ ସ୍ତରରେ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ ଏବଂ ସହଯୋଗ ବୃଦ୍ଧି କରିବାକୁ ପଡ଼ିବ । ଆମେରିକା, କାନାଡା ଏବଂ ୟୁରୋପୀୟ ଦେଶଗୁଡ଼ିକ ସହିତ ମିଶି ଏକ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ବିଦେଶରେ ଲୁଚି ରହିଥିବା ଏହି ଗ୍ୟାଙ୍ଗର ମୁଖ୍ୟ ପରିଚାଳକମାନଙ୍କୁ ଗିରଫ କରାଯାଇପାରିବ । ଏହାବ୍ୟତୀତ ଅର୍ଥ ହେରଫେର ବା ମନି ଲଣ୍ଡରିଂ ଉପରେ କଠୋର ନିୟନ୍ତ୍ରଣ ଆଣିବା ଜରୁରୀ, କାରଣ ଅର୍ଥ ବିନା ଏହି ସଂଗଠନଗୁଡ଼ିକ ଗୋଟିଏ ଦିନ ମଧ୍ୟ ତିଷ୍ଠି ପାରିବେ ନାହିଁ । ତୃତୀୟ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବା । ଯେଉଁ ଗରିବ ଏବଂ ଅସହାୟ ନାବାଳକମାନଙ୍କୁ ଏହି ଗ୍ୟାଙ୍ଗ ନିଜର ହାତିଆର ବନାଉଛି, ସେମାନଙ୍କୁ ରକ୍ଷା କରିବା ପାଇଁ ସରକାରଙ୍କୁ ସ୍ୱତନ୍ତ୍ର ନିଯୁକ୍ତି ଏବଂ ଶିକ୍ଷା ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ । ସୋସିଆଲ୍ ମିଡିଆରେ ଅପରାଧକୁ ଗୌରବାନ୍ୱିତ କରୁଥିବା ଆକାଉଣ୍ଟଗୁଡ଼ିକୁ ତୁରନ୍ତ ବନ୍ଦ କରିବା ସହିତ ଯୁବପିଢ଼ିଙ୍କୁ ସଠିକ୍ ମାର୍ଗଦର୍ଶନ ଦେବାର ଆବଶ୍ୟକତା ରହିଛି । ସାମାଜିକ ସ୍ତରରେ ପରିବର୍ତ୍ତନ ନଆସିଲେ କେବଳ ପୋଲିସ ବଳ ପ୍ରୟୋଗ କରି ଏହି ସମସ୍ୟାର ସମାଧାନ କରାଯାଇପାରିବ ନାହିଁ ।

ପରିଶେଷରେ, ଆମେରିକା ନ୍ୟାୟ ବିଭାଗର ଏହି ରିପୋର୍ଟ ଭାରତ ପାଇଁ ଏକ ଚେତାବନୀ ସଦୃଶ ଅଟେ । ବିଷ୍ଣୋଇ ଗ୍ୟାଙ୍ଗ କେବଳ ଏକ ଆଇନ ଶୃଙ୍ଖଳା ସମସ୍ୟା ହୋଇ ରହିନାହିଁ, ଏହା ଦେଶର ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା ପ୍ରତି ଏକ ଗମ୍ଭୀର ବିପଦରେ ପରିଣତ ହୋଇଛି । ଏକ ବିକେନ୍ଦ୍ରୀକୃତ ଆନ୍ତର୍ଜାତୀୟ ଅପରାଧିକ ସିଣ୍ଡିକେଟକୁ ନଷ୍ଟ କରିବା ପାଇଁ କେବଳ ପାରମ୍ପରିକ ପୋଲିସିଂ ଯଥେଷ୍ଟ ନୁହେଁ । ଏଥିପାଇଁ ଏକ କେନ୍ଦ୍ରୀକୃତ, ବୈଷୟିକ ଜ୍ଞାନସମ୍ପନ୍ନ ଏବଂ ଆନ୍ତର୍ଜାତୀୟ ସ୍ତରରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି । ଯଦି ଆମେ ଏବେଠାରୁ ଦୃଢ଼ ପଦକ୍ଷେପ ନନେବା, ତେବେ ଆଗାମୀ ଦିନରେ ଏହିଭଳି ଅପରାଧିକ ସଂଗଠନଗୁଡ଼ିକ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ଅର୍ଥନୀତିକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରିଦେବେ । ଏଣୁ ସରକାର, ନ୍ୟାୟପାଳିକା, ପୋଲିସ ପ୍ରଶାସନ ଏବଂ ସାଧାରଣ ଜନତା ସମସ୍ତଙ୍କୁ ମିଳିତ ଭାବରେ ଏହି ଅଦୃଶ୍ୟ ଆତଙ୍କବାଦ ବିରୋଧରେ ଲଢ଼େଇ କରିବାକୁ ପଡ଼ିବ । ତେବେ ଯାଇ ଆମେ ଏକ ସୁରକ୍ଷିତ ଏବଂ ଭୟମୁକ୍ତ ସମାଜ ଗଠନ କରିପାରିବା ।

# ଶିକ୍ଷା ବ୍ୟବସ୍ଥାରେ ବିଶ୍ୱାସହାନୀ ଓ ବ୍ରେନ୍‌ଡ୍ରେନ



## ମନସିଜ୍ ଦାସ

ଭାରତର ବିଶାଳ ଅଭିବୃଦ୍ଧି ବିଶେଷକରି ଶିକ୍ଷା ଓ ଯୁବ ବର୍ଗଙ୍କୁ ନେଇ ଗର୍ବ କରୁଥିବାବେଳେ ସମସ୍ତେ ଯୁବପିଢ଼ି ହିଁ ଆମ ଦେଶର ସବୁଠାରୁ ମୂଲ୍ୟବାନ ସମ୍ପଦ ଭାବେ ଜାଣନ୍ତି। ସେମାନଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ଦେଶର ଅଗ୍ରଗତି ପାଇଁ କର୍ଣ୍ଣଧାର ସଦୃଶ କିନ୍ତୁ ଏ ସବୁ ଭିତରେ ଏକ ଗୁରୁତର ପ୍ରଶ୍ନ ଉଙ୍କି ମାରୁଛି - ଆମର ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥା ଅଜାଣତରେ ଆମ ଦେଶର ଶ୍ରେଷ୍ଠ ପ୍ରତିଭାବାନ ମାନଙ୍କୁ ଦେଶ ଛାଡ଼ିବା ପାଇଁ ପ୍ରକାରାନ୍ତରେ ପ୍ରେରିତ କରୁନାହିଁ କି? ଗତ ନିଟ୍ ପ୍ରଶ୍ନପତ୍ର ଲିକ୍ ବିଭ୍ରାଟ, ବିହାରରେ ପରୀକ୍ଷା ବିଭ୍ରାଟ, ମେଧାସମ୍ପନ୍ନ ତୀବ୍ର ପ୍ରତିଯୋଗିତା ମୂଳକ ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା ଠାରୁ ମୂଲ୍ୟାୟନରେ ତ୍ରୁଟି ଓ ଅସଂଗତି ଏସବୁ ଭିତରେ ଫଳାଫଳକୁ ନେଇ ବିବାଦ ଓ ନିଯୁକ୍ତି ପରୀକ୍ଷାରେ ବାରମ୍ବାର ବିଳମ୍ବ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମନରେ ଯେତିକି ଅସନ୍ତୋଷ ସେତିକି କ୍ଷୋଭ ଏବଂ ନିରାଶା ମଧ୍ୟ। ସିବିଏସଇ, ନିଟ୍, ଏସଏସସି-ଜିଡ଼ି ଭଳି ପରୀକ୍ଷାରେ ଯେଉଁଭଳି ବିଭ୍ରାଟ ଏହା ପଛରେ କେବଳ ପ୍ରଶାସନିକ ତ୍ରୁଟି ରହିନି ବରଂ ସେମାନଙ୍କ ମନୋବଳକୁ ଭାଙ୍ଗିବା ପାଇଁ ଏକ ଅଯଥାର୍ଥ ଚାପ ସଦୃଶ। ଏହା ଭବିଷ୍ୟତ ପିଢ଼ିର ବିଶ୍ୱାସ ଉପରେ ସିଧାସଳଖ ଆଘାତ।

ଧରନ୍ତୁ ମୁଁ ଜଣେ ସିବିଏସଇ ଦ୍ୱାଦଶ ଶ୍ରେଣୀର ଛାତ୍ର। କଠୋର ଅଧ୍ୟବସାୟ, ଦିନରାତିର ପରିଶ୍ରମ ସତ୍ତ୍ୱେ ଯଦି ଫଳାଫଳରେ ଅସ୍ପଷ୍ଟତା, ମାର୍କିଂରେ ଅସଙ୍ଗତି, ବିଭ୍ରାଟ ବା ବିବାଦ ତେବେ ଏ ସବୁ ସ୍ୱାଭିବକ ଭାବରେ ମୋ ଭିତରେ କ୍ଷୋଭ ସୃଷ୍ଟି କରିବ। ମୋତେ ଏହା ଭାବିବା ପାଇଁ ବାଧ କରିବ, ଯେଉଁଠି ମୋ ଦିନ ରାତିର ପରିଶ୍ରମର ନ୍ୟାୟ ସଂଗତ ମୂଲ୍ୟ ମିଳୁନି ସେଠାରେ ଭବିଷ୍ୟତ ଗଢ଼ିବା କେତେ ସୁରକ୍ଷିତ? ଏପରି ସମୟରେ ଅନେକ ମେଧାବୀ ନିଜର ଅନିଶ୍ଚିତ ଭବିଷ୍ୟତ ଆଶଙ୍କା କରି ବିଦେଶରେ ଉଚ୍ଚଶିକ୍ଷାସହ ସେଇଠି ହିଁ କ୍ୟାରିୟର ଗଢ଼ିବାକୁ ନିରାପଦ, ନିର୍ଭରଯୋଗ୍ୟ ଶ୍ରେୟସ୍କର ମନେ କରିବେ। ଅନ୍ୟପଟେ ଜାପାନ, ଜର୍ମାନ ସମେତ ଅନେକ ବିକଶିତ ଦେଶ ଆଜି ଜନସଂଖ୍ୟା ହ୍ରାସ ଓ ଦକ୍ଷ ଜନଶକ୍ତିର ଅଭାବର ସମ୍ମୁଖୀନ। ସେମାନଙ୍କର ଅର୍ଥନୀତିକୁ ଆଗକୁ ନେବା ପାଇଁ କୁଶଳୀ, ଦକ୍ଷ ପେଷାଦାର, ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଯୁକ୍ତିବିତ୍‌ଙ୍କ ଆବଶ୍ୟକତା ଦିନକୁ ଦିନ ବଢ଼ୁଛି। ବିଦେଶୀ ପ୍ରତିଭାମାନଙ୍କୁ ଆକର୍ଷିତ କରିବାରେ ସେ ଦେଶ ଗୁଡ଼ିକ ଅନେକ କ୍ଷେତ୍ର ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଏପରି ସମୟରେ ଭାରତର ଶିକ୍ଷା ବ୍ୟବସ୍ଥାର ତ୍ରୁଟି ଓ ଦୁର୍ବଳତା ଅନ୍ୟ ଦେଶ ମାନଙ୍କ ପାଇଁ ସୁଯୋଗରେ ପରିଣତ ହେଉଛି।

ସମସ୍ୟାଟି କେବଳ ଛାତ୍ରଛାତ୍ରୀଙ୍କ ଭିତରେ ସୀମିତ ରହିନି। ଏହାର ପ୍ରଭାବ ଅଭିଭାବକଙ୍କ ଉପରେ ଗୁରୁତର ଭାବେ ଯେତିକି ଚିନ୍ତିତ କରୁଛି ସେତିକି ବିରକ୍ତ। ପିଲାମାନଙ୍କ ଭବିଷ୍ୟତକୁ ନେଇ ବିକଳ୍ପ ରାସ୍ତା ଖୋଜିବା ପାଇଁ ଅଭିଭାବକମାନେ ନିଜ ଅନୁଭବକୁ ଦେଖି ଆରମ୍ଭରୁ ହିଁ ନିଜ ସନ୍ତାନଙ୍କ ପାଇଁ ବିଦେଶୀ ଶିକ୍ଷା କିମ୍ବା ଅନ୍ୟ ବିକଳ୍ପ ବ୍ୟବସ୍ଥାର ଯୋଜନା କରିପାରନ୍ତି। ଆମେ ଆଲୋଚନା କରୁଥିବା 'ବ୍ରେନ୍‌ଡ୍ରେନ୍' ବା ମେଧା ପଳାୟନକୁ ସାଧାରଣତଃ ଆର୍ଥିକ ସମସ୍ୟା ଭାବରେ ଦେଖିଥାଉ। କିନ୍ତୁ ଏହା ପଛରେ ସ୍ୱାଭାବିକ ଭାବରେ ରହିଛି ଅନେକ ପ୍ରଶ୍ନ। ଯେଉଁଠି ପ୍ରତିଭାର ପରିଶ୍ରମର ଆଦର ନାହିଁ ପରୀକ୍ଷାରେ ସ୍ୱଚ୍ଛତା ରହୁନି ସେଠି ବିଶ୍ୱାସ ଓ ଭରଷା ଭାଙ୍ଗି ଯିବା ସହ ଅନ୍ୟ ସୁଯୋଗ ହିଁ ପ୍ରାଥମିକତା। ତେଣୁ ଏହିପରି ଏକ ସମୟରେ ପ୍ରତିଭାବାନମାନେ ନିଜ ଗନ୍ତବ୍ୟ ଖୋଜି ନିଅନ୍ତି। ଭାରତ ପାଇଁ ଏହା ଏକ ଗମ୍ଭୀର ସତର୍କ ବାଣୀ କହିଲେ ଅତ୍ୟୁକ୍ତି ହେବନାହିଁ। ଆମର ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଉତ୍ତରଦାୟୀ ଓ ବିଶ୍ୱସନୀୟ କରିବା ଆବଶ୍ୟକ। ଅନେକ ସମୟରେ ପ୍ରଶ୍ନପତ୍ର ଲିକ୍, ପ୍ରତ୍ୟେକ ଅସଙ୍ଗତ ମୂଲ୍ୟାୟନ ଓ ମେଧାର ଅନିଶ୍ଚିତତା ହିଁ ଯୁବପିଢ଼ିର ବିଶ୍ୱାସକୁ ଭାଙ୍ଗି ଦେଉଛି। ଦେଶ କେବଳ ପ୍ରତିଭା ସୃଷ୍ଟିକଲେ ଚଳିବ ନାହିଁ ବରଂ ସେହି ପ୍ରତିଭାକୁ ଦେଶ ଭିତରେ ରଖି ସେମାନଙ୍କ ସ୍ୱପ୍ନକୁ ସାକାର କରିବା ସହ ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଯୁବପିଢ଼ିଙ୍କ ମେଧାଶକ୍ତିର ମଧ୍ୟ ଯଥାର୍ଥ ମୂଲ୍ୟାୟନ ହୋଇପାରିବ। ତେଣୁ ଏହିପରି ଏକ ସମୟରେ ଯଦି ଆମେ ଆମର ଯୁବପିଢ଼ିର ବିଶ୍ୱାସକୁ ସୁରକ୍ଷିତ ରଖିପାରିବା ତେବେ ବ୍ରେନ୍ ଡ୍ରେନ୍‌ର ଅନ୍ତ ସମ୍ଭାବନା ଦେଖାଯିବ।



+ବ୍ୟବସାୟ ରଣନୀତି ଓ
କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ,
ଗୁରୁଗ୍ରାମ, ହରିୟାନା

# 'ନିରୋଧନ ଗୃହ'ରେ : ଶ୍ରୀଜୀଉଙ୍କ ଗୋପନୀୟ ସେବା



## ବିକ୍ରମ ମହାପାତ୍ର

ଶ୍ରୀମନ୍ଦିର ଲୀଳା ଓ ଯାତ୍ରାର ସ୍ଥାନ। ଲୀଳା ପାଇଁ ଯାତ୍ରା ଓ ଯାତ୍ରା ପାଇଁ ଲୀଳା ଏଠାରେ ଅନୁଷ୍ଠିତ ହୁଏ। ବହୁବିଧ ଲୀଳା ରଚନା କରିବା ଅବତାର ଗୁଡ଼ିକର ମୂଳ ଲକ୍ଷ୍ୟ। ଶ୍ରୀଜଗନ୍ନାଥ ସ୍ୱୟଂ ଅବତାରୀ। ପୁଣି ଲୀଳାମୟ ସେ। ଅବତାରମାନଙ୍କ ଲୀଳାକୁ ସେ ନିଜେ ଆଚରଣ କରନ୍ତି।

ବିଭିନ୍ନ ରୂପରେ ବିଭିନ୍ନ ବେଶରେ ଭିନ୍ନ ଭିନ୍ନ ଲୀଳାକୁ ସେ ନିଜେ ଆଚରଣ କରନ୍ତି। ଲୀଳା ମାଧ୍ୟମରେ ସେ ସବୁ ରୂପ, ଗୁଣ ଓ ପୂଜାର ଅଧିକାରୀ ତାହା ପ୍ରତିପାଦନ କରନ୍ତି।

ଶ୍ରୀମନ୍ଦିରରେ ତାଙ୍କର ସବୁ ଲୀଳା ବିଧି ନିର୍ଦ୍ଦିଷ୍ଟ ମତେ ସମ୍ପାଦିତ ହୁଏ। ଏହି ଲୀଳାକୁ ନେଇ ଭକ୍ତଙ୍କ ମିଳନ ହୁଏ। ମିଳନରୁ ମହାଭାବ ଆସେ। ଭକ୍ତ ଓ ଭଗବାନ ନିକଟତର ହୁଅନ୍ତି। ଲୀଳା ଭଗବାନ କରନ୍ତି ଭକ୍ତଙ୍କ ପାଇଁ ଏବଂ ଭକ୍ତ ଯାତ୍ରା ସୃଷ୍ଟି କରନ୍ତି ଭଗବାନଙ୍କୁ ନେଇ। ଭକ୍ତ ଓ ଭଗବାନଙ୍କ ବିଚିତ୍ର ବନ୍ଧନର ଭୂମି ଶ୍ରୀକ୍ଷେତ୍ର। ଏଣୁ ଶ୍ରୀକ୍ଷେତ୍ରରେ କେତେବେଳେ କି ନୀତି ହୁଏ ତାହାର ସମୟ, ସ୍ୱରୂପ ଓ ସିଦ୍ଧାନ୍ତ ଦିଗକୁ ବୁଝିବା ଆମ ପକ୍ଷରେ ଦୁରୂହ ହୋଇପଡ଼େ। ଶ୍ରୀଜୀଉଙ୍କ ଦେବସ୍ନାନ ଓ ଶ୍ରୀଗୁଣ୍ଡିଚା ନୀତି ମଧ୍ୟରେ ମଧ୍ୟବର୍ତ୍ତୀ ସମୟଟି ହେଉଛି ଅଣସର ବା ଯାହାକୁ ସମସ୍ତେ ଅନବସର ଭାବେ ଜାଣିଥାନ୍ତି। ପାଖାପାଖି ପନ୍ଦର ଦିନ ଅର୍ଥାତ୍ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ଏହି ଅଣସର ନୀତି ସମ୍ପାଦିତ ହୋଇଥାଏ। ଶ୍ରୀଜୀଉଙ୍କ ଦେବସ୍ନାନ ପରେ ଅଣସର ପିଣ୍ଡିରେ ବିଶ୍ରାମ ନେଇଥାନ୍ତି ଏବଂ ଏହି ସମୟରେ ସାଧାରଣ ଦର୍ଶନ ବନ୍ଦ ହୋଇଥାଏ। ତେବେ ଅନବସର ସମୟର ସ୍ୱତନ୍ତ୍ରତା ହେଉଛି ଶ୍ରୀଜୀଉଙ୍କ ବଂଶଧର କୁହାଯାଉଥିବା ଦଇତାପତି ସେବକମାନେ ଅଣସର ନୀତି ନିର୍ବାହ କରିଥାନ୍ତି। ଏହି ସମୟରେ ଶ୍ରୀଜୀଉଙ୍କୁ ନିୟମିତ ମଣୋହି ବଦଳରେ ପଣା ଭୋଗ, ଚକଟା ଓ ବିଭିନ୍ନ ଫଳ ଅର୍ପଣ କରାଯାଇଥାଏ।

ଶ୍ରୀଜୀଉଙ୍କ ଗୁପ୍ତ ସେବା ଭାବରେ ସେ ଜ୍ୱରରେ ପୀଡ଼ିତ ହୋଇଥିବାରୁ ତାଙ୍କ ଅଙ୍ଗରେ ଫୁଲୁରି ତେଲ ଲାଗି ହୋଇଥାଏ। ପରବର୍ତ୍ତୀ ସମୟରେ ପରମ୍ପରା ଅନୁଯାୟୀ ଓଷ ଲାଗି ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ଅଣସରଘରକୁ 'ନୀଳାଦ୍ରି ମହୋଦୟ'ରେ କୁହାଯାଇଛି 'ନିରୋଧନ ଗୃହ'। ଏହାର ଅର୍ଥ ରୁଦ୍ଧ ଗୃହ। କାରଣ ସ୍ନାନ ପୂର୍ଣ୍ଣିମା ରାତିରୁ ଆରମ୍ଭ ହେଉଥିବା ଅଣସର ନୀତିରେ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧା ମୂର୍ତ୍ତି ଏକପକ୍ଷ ବ୍ୟାପୀ ବା ପନ୍ଦରଦିନ ଧରି ଏହି ଅଣସର ଘରେ ରୁଦ୍ଧ ହୋଇ ରହନ୍ତି। ସେହି ସମୟରେ ବିଶ୍ୱାବସୁ ବଂଶର ଦଇତା ସେବକ ଏବଂ ବିଦ୍ୟାପତି ବଂଶର ପତିମହାପାତ୍ର ସେବକ ତାଙ୍କର ବିଭିନ୍ନ ପ୍ରକାରର ଗୁପ୍ତସେବା କରିଥାଆନ୍ତି।

'ନୀଳାଦ୍ରି ମହୋଦୟ'ର ଚତୁର୍ଦ୍ଦଶ ଅଧ୍ୟାୟରେ ଏ ସଂପର୍କରେ ବର୍ଣ୍ଣନା ଅଛି। ଏକଦା ବ୍ରହ୍ମା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଯାହା କହିଥିଲେ, ଅନ୍ୟ ମୁନି ମାନଙ୍କୁ ସୂତମୁନି ତାହା କହିଛନ୍ତି। ତାହା ହେଉଛି ସେହି 'ନିରୋଧନ ଗୃହ' ବା ଅଣସର ଘର ବାଉଁଶତାଟିର ଦୃଢ଼ ଆବରଣ ଦ୍ୱାରା ନିର୍ମିତ ହେବ। ତାହା ମଧ୍ୟରେ ଠାକୁରମାନେ ପନ୍ଦରଦିନ ଧରି ରହିବେ। ସେହି ସମୟରେ କେବଳ ଅଧିକୃତ ଦଇତା ଓ ପତି ସେବକଙ୍କ ଭିନ୍ନ ଅନ୍ୟ କେହି ସେମାନଙ୍କୁ ଦର୍ଶନ କରିବେ ନାହିଁ। ଏହାର ମୂଳ ଉତ୍ସ ରହିଛି 'ସ୍କନ୍ଦପୁରାଣ'ରେ। ଯେତେବେଳେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସହସ୍ର ଅଶ୍ୱମେଧ ଯଜ୍ଞର ଶେଷରେ ମହୋଦଧିରେ ଦିବ୍ୟତାରୁ ଆବିର୍ଭୂତ ହେଲେ, ସେତେବେଳେ ଦିବ୍ୟବାଣୀ ଅନୁସାରେ ଜଣେ ବୃଦ୍ଧ ବଢ଼େଇ ଉପସ୍ଥିତ ହୋଇ ଚତୁର୍ଦ୍ଧା ବିଗ୍ରହଙ୍କର ନିର୍ମାଣ କରିଥିଲେ।

'ସ୍କନ୍ଦ ପୁରାଣ'ର ଅଷ୍ଟାଦଶ ଅଧ୍ୟାୟ ଅନୁସାରେ ସେ ଥିଲେ ସ୍ୱୟଂ ନାରାୟଣ। ଶସ୍ତ୍ରଧାରୀ ବୃଦ୍ଧବର୍ଦ୍ଧକୀ ରୂପେ ଆସି ସେ ନିଜେ ନିଜର ମୂର୍ତ୍ତି ଗଢ଼ିଥିଲେ। ସେହି ଦାରୁମୂର୍ତ୍ତି ଗଠିତ ହୋଇଯିବା ପରେ ଆଉ ଏକ ଦିବ୍ୟବାଣୀ ହୋଇଥିଲା। ସେଥିରେ କୁହାଯାଇଥିଲା ଏହି ନବନିର୍ମିତ ପ୍ରତିମାମାନେ ନିଜ ନିଜର ବର୍ଣ୍ଣରେ ରଂଜିତ ହୋଇ ନାହାନ୍ତି। ଗାତ୍ରଲେପ ନଥିଲେ ମଧ୍ୟ ସେହି ଦିବ୍ୟମୂର୍ତ୍ତି ଚିରନ୍ତନ। ତଥାପି ବି ଗାତ୍ରଲେପ ନଥିବା ଅବସ୍ଥାରେ ତାଙ୍କୁ ଦର୍ଶନ କଲେ ନର୍କବାସ ହୋଇଥାଏ।

ଏହି କାରଣରୁ ଅଣସର ଘରେ ବା ନିରୋଧନ ଗୃହରେ ଥିବାବେଳେ ସେହି ଠାକୁରମାନଙ୍କୁ କେହି ଦର୍ଶନ କରନ୍ତି ନାହିଁ। ତାଙ୍କର ଦର୍ଶନ ଏବଂ ସମସ୍ତ ପୂଜା ଓ ଭୋଗ ନୈବେଦ୍ୟ ଆଦି ପଟିଦିଅଁଙ୍କ ମାଧ୍ୟମରେ ହିଁ ହୋଇଥାଏ।

ମହାପ୍ରଭୁ ନବଯୌବନ ପ୍ରାପ୍ତି ପୂର୍ବରୁ ଅଣସର ପିଣ୍ଡିରେ ସଞ୍ଚାଳିତ ହୁଏ ଗୋପନ ସେବା। ମହାପ୍ରଭୁ ଚକା ବିଜେ କରିବା ପରେ ଅଣସର ନୀତି ଚକା ଉପରେ ସଂପନ୍ନ ହୋଇଥାଏ। ପରେ, ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ନୀତି ଅନୁଷ୍ଠିତ ହେବାର ବିଧି ରହିଛି। ଚକା ଉପରେ ବିଜେ ଅବସ୍ଥାରେ ମହାପ୍ରଭୁ ରକ୍ତବସ୍ତ୍ର ଗାଢ଼ ନାଲି ରଙ୍ଗର ପାଟବସ୍ତ୍ର ପରିଧାନ କରିଥାନ୍ତି। ଖଳିଲାଗି ଏକାଦଶୀରେ ପ୍ରଥମେ ପଟିଦିଅଁଙ୍କ ଦ୍ୱାରଫଟା ନୀତି ଅନୁଷ୍ଠିତ ହୋଇଥାଏ। ଏହାପରେ ପଟିଦିଅଁଙ୍କ ନିକଟରେ ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ ପରେ ଅଣସର ଦ୍ୱାର ଫିଟା ଯାଇଥାଏ। ପ୍ରତିଦିନ ଭଳି ଚକଡଟା ଓ ପଣା ଭୋଗ ହୋଇଥାଏ।

ପରେ ସିଂଘାରୀ ସେବକମାନେ ପଟିଦିଅଁଙ୍କୁ ଚନ୍ଦନଲାଗି କରିଥାନ୍ତି। ଏହି ସମୟରେ ଦଇତାପତି ସେବକମାନେ ଅଣସର ଘରେ ଥିବା ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ନୀତି ସଂପନ୍ନ କରିଥାନ୍ତି। ଶ୍ରୀବିଗ୍ରହଙ୍କ ପୁରା ଶରୀରରେ ଚନ୍ଦନର ପ୍ରଲେପ ଦିଆଯାଇଥାଏ। ସର୍ବାଙ୍ଗ ଚନ୍ଦନ ନୀତି ପାଇଁ ପ୍ରାୟ ୭ କେଜି ଚନ୍ଦନର ପ୍ରଲେପ ପ୍ରସ୍ତୁତ ହୋଇଥାଏ। ଯେଉଁଥିରେ କସ୍ତୁରୀ, ଅଁଳା ଆଦି ମିଶ୍ରଣ କରାଯାଇଥାଏ। ଏହା ମହାପ୍ରଭୁଙ୍କ ସବୁଠୁ ବଡ଼ ସର୍ବାଙ୍ଗ ଚନ୍ଦନ ନୀତି। ଏହି ଚନ୍ଦନ ଶ୍ରୀଜିଉଙ୍କ ଦେହରେ ବର୍ଷେ ପର୍ଯ୍ୟନ୍ତ ରହିବ।



ଶ୍ରୀଜଗନ୍ନାଥ କେବଳ ସମଗ୍ର ଜଗତର ଦେବତା କିମ୍ବା କର୍ତ୍ତା ନୁହନ୍ତି, ସେ ଜଣେ ସାଧାରଣ ମଣିଷ ଭଳି ମଣିଷ। କଥାରେ ଅଛି - 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ଜଗନ୍ନାଥ ଯେତେବେଳେ ମର୍ତ୍ତ୍ୟ ମଣ୍ଡଳରେ ତାଙ୍କର ଆବାସସ୍ଥଳୀ ନିରୂପଣ କରିନେଇଛନ୍ତି, ସେ ଅଜର, ଅମର, ଅନନ୍ତ ଓ ଜନ୍ମ ମରଣରହିତ ହେଲେ ହେଁ, ସାଧାରଣ ଲୋକ ସମକକ୍ଷରେ ସାଧାରଣ ବ୍ୟବହାର ପ୍ରଦର୍ଶନପୂର୍ବକ ଜନ୍ମ ମରଣ ଲୀଳା ପ୍ରକଟ କରିଥାନ୍ତି, ନବ କଳେବର ହୁଅନ୍ତି ଏବଂ ବିଭିନ୍ନ ରୀତି ନୀତି ମାଧ୍ୟମରେ ସାଧାରଣ ମଣିଷର ଆଚାର ବ୍ୟବହାର ଓ ଚଳଣି ଭଳି ତାଙ୍କର ଦୈନନ୍ଦିନ କର୍ମ ପ୍ରବାହ, ତଥା ଜୀବନଧାରାକୁ ବାଛି ନେଇଛନ୍ତି। ଦାନ୍ତ ଘସିବା, ଖାଇବା, ପିଇବା, ଶୋଇବା ଠାରୁ ଆରମ୍ଭ କରି ରାଗିବା, ରୁଷିବା, ରୋଗ ଭୋଗିବା, ଶଯ୍ୟାଶାୟୀ ହେବା, ଔଷଧ ସେବନ କରିବା ପ୍ରଭୃତି ତାଙ୍କର ପର୍ବପର୍ବାଣି ଓ ପାରମ୍ପରିକ ରୀତି ପାଳନାରେ ପ୍ରତିଫଳିତ। ଶ୍ରୀଜଗନ୍ନାଥଙ୍କର ଯେଉଁ ଦଶାବତାର ଲୀଳା ଅନୁଷ୍ଠିତ ହୁଏ, ତାହା ସାଧାରଣ ମଣିଷ ଜୀବନର କ୍ରମ ବିକାଶର ଏକ ନମୁନା ମାତ୍ର। ମାତୃଜଠରରେ ଭ୍ରୂଣ ସଂଚାରର ପ୍ରତୀକ 'ମତ୍ସ୍ୟ' ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଦ୍ଧବିକଶିତ ଶିଶୁ 'କଚ୍ଛପ' ରୂପେ ରୂପାନ୍ତରିତ ହୁଏ। ତୃତୀୟ ଅବସ୍ଥାରେ ଶିଶୁ ମାତୃଗର୍ଭରୁ ଧରାଶାୟୀ ହେବା ପୂର୍ବରୁ 'ବରାହ' ଆକୃତି ଗ୍ରହଣ କରିଥାଏ। ସଦ୍ୟଜାତ ଶିଶୁ ଶୈଶବ ଶେଷ ପର୍ଯ୍ୟନ୍ତ ଅର୍ଦ୍ଧମଣିଷ ଓ ଅର୍ଦ୍ଧ ପଶୁତୁଲ୍ୟ, ତେଣୁ 'ନୃସିଂହ' ଅବତାରର ପରିକଳ୍ପନା। କିଶୋରାବସ୍ଥା 'ବାମନ'ର ଅନୁରୂପ। ତଦ ପରବର୍ତ୍ତୀ ଯୌବନରେ ଓଜଃ ଓ ତେଜର ପ୍ରକାଶ ଘଟେ, ଯାହା 'ପର୍ଶୁରାମ'ଙ୍କ ପ୍ରତୀକ। 'ରାମଚନ୍ଦ୍ର' ନ୍ୟାୟ ବିଚାର ସମନ୍ୱିତ ସାଂସାରିକ ଦାୟିତ୍ୱ ଓ ସାମାଜିକ କର୍ତ୍ତବ୍ୟର ଅବତାର।

ଜୀବନ ବୃତ୍ତି ତଥା କୃଷକ ସମାଜର ପ୍ରତିନିଧି ବଳରାମ। ପ୍ରୌଢ଼ାବସ୍ଥାରେ ମଣିଷର ମାନସିକ ପରିପକ୍ୱତା ଆସେ ଏବଂ ଭଗବତ ବିଶ୍ୱାସ ଜାଗ୍ରତ ହୁଏ, ଏହି ଅବସ୍ଥା ହିଁ 'ବୌଦ୍ଧାବତାର' ନିର୍ଦ୍ଦେଶ କରେ। 'କଳ୍କୀ' ମଣିଷର ଶେଷ ଅବସ୍ଥା ସୂଚାଏ ଏବଂ ମୃତ୍ୟୁ ତଥା ଶରୀରର ବିନାଶର ଅପରିହାର୍ଯ୍ୟତା ପ୍ରମାଣ କରେ। ସୁତରାଂ ପୁନର୍ଜନ୍ମରେ ଆସ୍ଥାବାନ ମଣିଷ ନିଜର ପୂର୍ବ ଜୀବନର ପ୍ରାରବ୍ଧ ଫଳ ଅନୁଭୋଗରୁ ତିକ୍ତ ଅନୁଭୂତି ଅର୍ଜ୍ଜନ କରି ପରବର୍ତ୍ତୀ ଜୀବନର ସାର୍ଥକତା କାମନା ପୋଷଣପୂର୍ବକ ନିଜ ଜୀବନ ଯାପନ ପ୍ରଣାଳୀକୁ ନିୟନ୍ତ୍ରିତ କରିଥାଏ। ଏହା ହିଁ ଶ୍ରୀଜଗନ୍ନାଥଙ୍କର ଦଶାବତାର ଲୀଳାର ଅନ୍ତର୍ନିହିତ ତାତ୍ପର୍ଯ୍ୟ।

+ଚଣ୍ଡୀମନ୍ଦିର ମାର୍ଗ, କଟକ,
ମୋ: ୯୪୩୭୦୨୧୬୧୫

କବିତା କୋଣାର୍କ

## ନାଲି ରଙ୍ଗ

### ଦୀପକ କୁମାର ନାୟକ



ତୋତେ ଭଲ ଲାଗେ ନାଲି ରଙ୍ଗ ବୋଲି
ହାତକୁ ମୋ କାଟିଦେଲି
ସେହି ରକତରେ ତୋହରି ମଥାରେ
ସିନ୍ଦୁର ପିନ୍ଧାଇଥିଲି ।।
ତୋତେ ମୋର ମନ ପସନ୍ଦ ବୋଲିକି
ମନଟାକୁ ଦେଇଥିଲି
ପ୍ରତି ମୂହୁର୍ତ୍ତରେ ସେଇ ମନକଥା
କହୁଥିଲି ତୋତେ ଖୋଲି ।।
ଆପଣାର ଭାବି ହୃଦୟକୁ ମୋର
ସମର୍ପଣ କରିଥିଲି
ଜାଣି ମୁଁ ନଥିଲି ସାତପର ଦିନେ
ମୋତେ ତୁ ଭାବିବୁ ବୋଲି ।।
ସିନ୍ଦୂର ବଦଳେ ହାତ କାଟି ରକ୍ତ
ମଥାରେ ପିନ୍ଧେଇଥିଲି
ଜାଣି ମୁଁ ନଥିଲି ତୋ ମନେ ମୋପାଇଁ
ଛଳନା ରହିଛି ବୋଲି ।।
ନାଲି ରଙ୍ଗ ତୋତେ ଭଲ
ଲାଗେ ବୋଲି
ହାତକୁ ମୋ କାଟିଥିଲି
ସେଇ ରକ୍ତ ନେଇ ହୋଲି ତୁ ଖେଳିବୁ
ଯମାରୁ ଭାବିନଥିଲି ।।
ଜୀବନଠାରୁ ମୁଁ ଅଧିକ ଲୋ ତୋତେ
ପାଇଥିଲି ଦିନେ ଭଲ
ଏଡ଼େ ସ୍ୱାର୍ଥପର ବୁଝି ପାରିଲୁନି
ମୋ ପ୍ରେମର ତୁହି ମୂଲ ।।
ରକ୍ତରେ ମୋହର ହୋଲି ଖେଳି ନିଷ୍ଠେ
ଖୁସି ଭାରି ହେଉଥିବୁ
ଜଣାନାହିଁ ତୋତେ କଲାକର୍ମ ଫଳ
ନିଶ୍ଚୟ ଦିନେ ଭୋଗିବୁ
ନିଶ୍ଚୟ ଦିନେ ଭୋଗିବୁ ।।

+ଗଣ୍ଡାନାଳୀ,
ହିନ୍ଦୋଳ, ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮

## ଦୂରେ ବହୁଦୂରେ...

### ନିରଞ୍ଜନ ସାହୁ

ଆମରି ଗାଆଁକୁ ଦୂରରୁ ଦେଖିଲେ
ଯେତିକି ସୁନ୍ଦର ଲାଗେ
ପାଖରୁ ଦେଖିଲେ ସେମିତି ଲାଗେନା
ମନ ମାନେନାହିଁ ବାଗେ ।
ଆମ ଗାଆଁ କଥା ବର୍ଣ୍ଣନା କରନ୍ତି
ପାଖ ଗାଆଁ ଲୋକ ଯେବେ
ଛାତି ମୋର କୁଣ୍ଢେମୋଟ ହୋଇଯାଏ
ତାହା ଶୁଣି କେବେକେବେ
ମୋ ଗାଆଁର ଇତିହାସ ଶୁଣିଦେଲେ
ଗାଆଁ ମୁହଁ ଦିଶେ ଆଗେ ।
ଦୂର ପ୍ରବାସରେ ଥାଏ ଯେତେବେଳେ
ମନେପଡେ ଗାଆଁ କଥା
ଭାରି ଇଚ୍ଛା ହୁଏ ଗାଆଁକୁ ଯାଇକି
ନୁଆନ୍ତି ମୋହରି ମଥା
ଗାଆଁ ଦୃଶ୍ୟରାଜି ଭାସି ଯାଉଥାଏ
ଗାଆଁ ପ୍ରୀତି ଅନୁରାଗେ ।
ପାଖରୁ ଦେଖିଲେ ଗାଆଁର ସୌନ୍ଦର୍ଯ୍ୟ
ଆଗପରି ନାହିଁ ଭଲ
ଗାଆଁ ଲୋକଙ୍କର ଜୀବନ ଜୀବିକା
କରେ ମୋତେ କଳବଳ
ମୋ ଗାଆଁର ଭବିଷ୍ୟତ ଚିନ୍ତାକରି
ମନେ ଦୁଃଖ ଭାବ ଜାଗେ ।
କ'ଣ ଥିଲା କ'ଣ ହୋଇଅଛି ଆଜି
ଯେବେ ମୁହଁ ଚିନ୍ତା କରେ
ବର୍ତ୍ତମାନ ସ୍ଥିତି ପରଖି ନେଲେ ମୋ
ନୟନରେ ଲୁହ ଭରେ
ମୋ ଗାଆଁକୁ ରକ୍ଷାକର ଗ୍ରାମଦେବୀ
ମାଆଙ୍କର କୃପା ମାଗେ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ଯୁବ ବେପାରୀ ଓ ସାଧୁ

## ନଗେନ୍ଦ୍ର ନାଥ ପଟ୍ଟନାୟକ

ଥରେ ଜଣେ ଯୁବ ବେପାରି ଥିଲା । ଚାକିରି ଖଣ୍ଡେ ନ ମିଳିବାରୁ ସେ ତା କୁଳ ବେଉସାକୁ ଆପଣାଇ ନେଲା । ଜେଜେ ବାପା ଓ ବାପା ତ ବେପାର ବଣିଜ କରୁଥିଲେ । ସେମାନଙ୍କ ଅନ୍ତେ ସେ ବେପାର କରିବାକୁ ଲାଗିଲା । ବେପାର ବଣିଜରେ ତାର ମୋଟେ ଲାଭ ହେଉ ନଥିଲା । ବରଂ ବାରମ୍ବାର ତାକୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଥିଲା । ଲାଗଲାଗ ଲୋକସାନ ତାକୁ ଖୁବ୍ ବାଧୁଥିଲା । ନିରାଶା ଓ ଦୁଃଖରେ ସେ ଭାଙ୍ଗିପଡ଼ିଲା । ହତାଶ ହୋଇ ସେ ଦିନେ ଜଣେ ଜ୍ଞାନୀ ସାଧୁ ମହାତ୍ମାଙ୍କ ନିକଟରେ ପହଞ୍ଚିଲା । ଦୁଃଖ ମନରେ ହାତଯୋଡ଼ି ନମ୍ରତା ସହକାରେ କହିଲା - ମହାରାଜ, ମୁଁ ଯେଉଁ କାମ ଆରମ୍ଭ କରୁଛି, ସଫଳ ହୋଇପାରୁନି । ହାତ ଦେଲା ମାତ୍ରେ କାମଟା ବିଗିଡି ଯାଉଛି । ଆରମ୍ଭରୁ ବେପାର ରେ ଲାଭ ପଇସା ତ ଦୂର କଥା ମୂଳ ପୁଞ୍ଜି ତକ ବି ବୁଡି ଯାଉଛି । ମୋ ଜେଜେ ବାପା ଆଉ ବାପା ଏ ବେପାର ବଣିଜ କରି ବେଶ୍ ଦି ପଇସା ରୋଜଗାର କରୁଥିଲେ । ସେମାନେ ସଫଳ ବ୍ୟବସାୟୀ ଥିଲେ, ଆଉ ବ୍ୟବସାୟରୁ ବହୁତ ଲାଭ ଉପାର୍ଜନ କରୁଥିଲେ । ଭାବୁଚି ଏ ବେପାର ବାଣିଜ ଆଉ ମୋ ଦେଇ ହେବନି ବୋଧ ହୁଏ ମୁଁ ଜଣେ ଅଭାଗା, ମୋ ପୋଡାକପାଳରେ ସଫଳତା ଲାଭ କରିବା ଲେଖାଯାଇନି ।



ମୃଦୁ ମୃଦୁ ହସି ଦେଲେ ସାଧୁ ମାହାତ୍ମ୍ୟ । ବିନା କୌଣସି ବାକ୍ୟ ବିନିମୟରେ ସେଇ ଯୁବ ବେପାରି ହାତକୁ ଗୋଟାଏ କୁନି ମଞ୍ଜି ତା ହାତକୁ ବଢାଇ ଦେଉ ଦେଉ କହିଲେ: ହେଇ ନିଅ ଏଇଟିକି ମଞ୍ଜିକୁ, ଏଟାକୁ ନିଜ ବଗିଚାରେ ବୁଣିଦେବ । ସେ ବେଶ୍ ଯତ୍ନର ସହିତ ସେ ମଞ୍ଜିଟିକୁ ହାତରେ ଟୋଳି ଧରି ସାଧୁ ମହାତ୍ମାଙ୍କୁ ଓଳିଗି ହେଲା । ତାପରେ ଆଉ କିଛି ନ କହି ଘର ମୁହାଁ ବାଟରେ ଆଗେଇ ବାକୁ ଲାଗିଲା । ଘରେ ପହଞ୍ଚିଲା କ୍ଷଣି ଆଉ ସବୁ ଜରୁରି କାମକୁ ପଛ କରି ସେଇ ମଞ୍ଜିଟିକୁ ବଗିଚା ମାଟିରେ ପୋତି ଦେଲା । ଦିନାକେତେ ପରେ ପ୍ରଚଣ୍ଡ ବେଗରେ ଝଡ ତୋଫାନ ଓ ମୁଷଳ୍ ଧାରାରେ ବର୍ଷା ଅଜାଡ଼ି ଦେବାରୁ ବଗିଚାର ମାଟିତକ ବୋହିଗଲା । ତଥାପି ସେଇ କୁନିମଞ୍ଜିଟି ସେଇଟି ପୋତିହୋଇ ରହିଥିବା ଦେଖିବାକୁ ମିଳିଲା । ଏହା ଦେଖି ହଡବଡେଇ ଗଲା ଯୁବକ । ବଡ ଭାଳେଣିରେ ପଡ଼ି ଅଗତ୍ୟା ସେ ମହାତ୍ମାଙ୍କ ପାଖକୁ ଗଲା । ସାଧୁ ମହାତ୍ମା ତାକୁ ଆଦର ସମାଦର କରି ପାଛୋଟି ନେଲେ । ଯୁବକ ଜଣଙ୍କ ସବୁ ସବୁକଥା ଟିକିଏ ନିଖିଏ କରି ବାଖାଣ କରିଲାରୁ ସାଧୁ ମହାତ୍ମା ବେଶ୍ ଶାନ୍ତ ସ୍ଥିର ଭାବେ ବୁଝାଇଲେ - ହେଉ ଶୁଣ, ପ୍ରଚଣ୍ଡ ବାଆ ବତାସୀ ଆଗରେ ମାଟି ହାରମାନି ଧୋଇ ହୋଇ ବହି ଗଲା । କିନ୍ତୁ ଟିକି ମଞ୍ଜିଟି ବେଶ୍ ଦମ୍ଭର ସହ ଝଡତୋଫାନକୁ ସାମନା କଲା; ହେଲେ ମଥାନଇଁ ହାର ମାନିଲା ନାହିଁ । ବରଂ ତା' ମୂଳକୁ ଆହୁରି ମଜଭୁତ କରି ଚାରା ରୂପେ ମାଟି ଫଟେଇ ଉପରକୁ ଉଠିଲା । ସାଧୁ ଆଗକୁ ଟିକେ ବଳିପଡ଼ି ପୁଣି ଯୋଡିଲେ; ପଛଥର କ'ଣ କିଛି ଊଣାପଣ ରହିଛି ବୋଲି ତୁମକୁ ଏ ବିଫଳତା ଶିକ୍ଷା ଦେଇଛି । ବିଫଳତାର ଅନ୍ତ ନଥାଏ ; ବରଂ ଏହା ଏକ ନୂଆ ସୁଯୋଗ । ଯେଉଁଲୋକ ବିଫଳତା ଭୟରେ ଚେଷ୍ଟା କରିବା ଛାଡିଦିଏ ସେ କେବେ ସଫଳ ହୋଇପାରେ ନାହିଁ ।


+ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ,ଓଡ଼ିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ
ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮




# ବେଙ୍ଗୁଲି ରାଣୀ

## କୀର୍ତ୍ତନ ସାହୁ

ଫୁକୁଲ୍ ଫୁକୁଲ୍ ଡେଉଁଛି
ଆମ ବେଙ୍ଗୁଲି ରାଣୀ
ଦେଖେଇ ଦିଅରେ ଝିଅକୁ
ଖୁସି ହେବ ସେ ଜାଣି ।

ଟପର ଟପର ଶୁଭୁଛି
ପଡ଼ି ବରଷା ପାଣି
ଝିଅ ଆମ ବସି ଦେଖିବ
କେଡ଼େ ମଧୁର ଠାଣି ।

ଝପର ଝପର କରିକି
ମେଘ କଚାଡି ଦିଏ
କୁନି ପିଲାଙ୍କର ଡଙ୍ଗାକୁ
ପାଣି ଭସେଇ ନିଏ ।

ଚପର ଚପର ହୁଅନ୍ତି
କୁନି ବାବୁନି ସମା
ସାଥୀରେ ତ ମିଶି ଯାଆନ୍ତି
ଦେଖ ମାମୁନି ରମା ।

ସରର ସରର ଧାଇଁଛି
ପାଣି ଧାରଟି ପରା
ବରଷି ବରଷି ଯାଉଛି
ପୁଣି ଟିକିଏ ଖରା ।

ଭୁଟୁରୁ ଭୁଟୁରୁ ହୁଅନ୍ତି
ଆମ ଆଇମା ଅଜା
ବାଃ' ବାଃ' ବାଃ' ବାହାରେ
ବଜା ତେଲିଙ୍ଗି ବଜା ।


+ ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


# ସହଯୋଗର ମହାକାଶ

ବିଜ୍ଞାନ ଗବାକ୍ଷ-୧୦

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ





ଆଜି ହୁଏତ ଏ କଥା ଏକ ବିଜ୍ଞାନ କାହାଣୀ ପରି ଲାଗିପାରେ । ଦିନେ ନା ଦିନେ ନିଜ ଜାତିକୁ ବଂଚାଇବାକୁ ମଣିଷ ପୃଥିବୀକୁ ଛାଡ଼ିବ । ତାର ଲକ୍ଷ୍ୟସ୍ଥଳ ଶନିଗ୍ରହ ବା ବୃହସ୍ପତି ଗ୍ରହ ହୋଇପାରନ୍ତି ବା ତାଙ୍କ ଚାରି ପାଖରେ ବୁଲୁଥିବା ତାଙ୍କ ଉପଗ୍ରହମାନେ ହୋଇପାରନ୍ତି । ଏପରି ବି ହୋଇପାରେ ସୌରମଣ୍ଡଳ ବାହାରେ, ପୃଥିବୀଠାରୁ ଅନେକ ଆଲୋକ-ବର୍ଷ ଦୂରରେ ଥିବା ପୃଥିବୀ ପରି ଆଉ ଏକ ଗ୍ରହ ମଣିଷର ବାସସ୍ଥାନ ହୋଇପାରେ ।

ଜୀବନର ଉତ୍ପତ୍ତି ପୃଥିବୀରେ ହେବା ଏକ ଚମତ୍କାର ଘଟଣା ଥିଲା । ସଠିକତା ସହିତ କୁହାଯାଇପାରିବନି ଯେ ଜଳରୁ ଜୀବନ ଆରମ୍ଭ ହୋଇଥିଲା । ଅନେକ ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ ଜୀବନ ଲାଗି ଆବଶ୍ୟକ ବସ୍ତୁ ବା କୋଷ ମହାକାଶରୁ ଆସିଥିଲା । ଅସମ୍ଭବ ନୁହେଁ । ମହାକାଶ ବିଜ୍ଞାନର ଏକ ନୂତନ ଦିଗ ହେଉଛି ମହାକାଶରେ ଜୀବନବସ୍ତୁ ବା କୋଷ ସମ୍ପର୍କରେ ଅନୁଧ୍ୟାନ କରିବା । ଏବେ ହୁଏତ ଏହା ସମ୍ଭବ ହୋଇପାରିନାହିଁ, ଭବିଷ୍ୟତରେ ସେ ଦିଗରୁ ଅନେକ କାମ ହେବ ଏବଂ ପୃଥିବୀରେ ଜୀବନର ଉତ୍ପତ୍ତି ସଂପର୍କରେ ନୂଆ ଅଧ୍ୟାୟ ଲେଖାହେବ ।

ମଣିଷ-ଜାତିର ପୂର୍ବଜମାନେ ଅନ୍ୟ ଏକ ଗ୍ରହ, ଅନ୍ୟ ଏକ ତାରକାମଣ୍ଡଳରୁ ଆସିଥିବେ- ଏ କଥାକୁ ଅସ୍ୱୀକାର କରିହେବନି । ପୃଥିବୀ ଯେ ଆମର ଶେଷ ବାସସ୍ଥାନ- ସେ କଥା ମଧ୍ୟ ଶତ ପ୍ରତିଶତ ସତ୍ୟ ନୁହେଁ ।

ଏ ସବୁ କଥାର ଉଲ୍ଲେଖ କରିବାର ଲକ୍ଷ୍ୟ ଗୋଟିଏ- ଭବିଷ୍ୟତରେ ଆମକୁ ମହାକାଶ ବିଜ୍ଞାନ, ଉପଗ୍ରହ ବିଜ୍ଞାନ ଓ ରକେଟ ଜ୍ଞାନ କୌଶଳ କ୍ଷେତ୍ରରେ ଏକ ହୋଇ କାମ କରିବାକୁ ପଡ଼ିବ । ମହାକାଶ ଯୁଗ ଆରମ୍ଭ ହେବା ଆଗରୁ ପୃଥିବୀରେ ଦୁଇଟି 'ସୁପର ପାୱାର' ଥିଲେ । ସୋଭିଏତ ସଂଘ ଏବଂ ଯୁକ୍ତରାଷ୍ଟ୍ର ଆମେରିକା । ସେମାନଙ୍କ ମଧ୍ୟରେ ସବୁ କ୍ଷେତ୍ରରେ ଭୀଷଣ ପ୍ରତିଯୋଗିତା ଲାଗି ରହିଥିଲା । ସେମାନେ ପ୍ରମାଣ କରିବାକୁ ଚାହୁଁଥିଲେ ଯେ ଜଣେ ଅନ୍ୟ ଜଣକ ଆଗରେ । ମହାକାଶରେ ମଧ୍ୟ ତାଙ୍କ ପ୍ରତିଯୋଗିତା ଲାଗି ରହିଥିଲା । କେବେ ଋଷିଆ ଆଗରେ ଥିଲା ତ କେବେ ଆମେରିକା ।

କାଳକ୍ରମେ ପରିସ୍ଥିତି ବଦଳିଗଲା । ଋଷିଆର ଆର୍ଥିକ ପରିସ୍ଥିତି ଖରାପ ହେଲା । ଅମେରିକା ମଧ୍ୟ ପ୍ରତିଯୋଗିତାରେ ନରହି ନିଜର ଆବଶ୍ୟକତାକୁ ଧ୍ୟାନରେ ରଖି ମହାକାଶ ବିଜ୍ଞାନ କ୍ଷେତ୍ରରେ କାମ କଲା । ମହାକାଶରେ ସହଯୋଗର ସମୟ ଆରମ୍ଭ ହେଲା । ଯାହାର ଶ୍ରେଷ୍ଠ ଉଦାହରଣ ହେଉଛି ଆର୍ନ୍ତଜାତିକ ମହାକାଶ ଷ୍ଟେସନ (ଇଣ୍ଟରନ୍ୟାସନାଲ ସ୍ପେସ୍ ଷ୍ଟେସନ- ଆଇ.ଏସ୍.ଏସ୍) ।

ଏ ପର୍ଯ୍ୟନ୍ତ ମହାକାଶ ବିଜ୍ଞାନ କ୍ଷେତ୍ରରେ ସହଯୋଗ କେବଳ ଆଇ.ଏସ୍.ଏସ୍‌ରେ ଅଟକି ରହିଛି ଯେଉଁଠି ପୃଥିବୀର ଅଳ୍ପ କେତୋଟି ଦେଶ ସଂଯୁକ୍ତ ହୋଇରହିଛନ୍ତି । ଭାରତ, ଚୀନ ଓ ଅନ୍ୟ କେତେକ ଦେଶ ସେ ପ୍ରକଳ୍ପର ଅଂଶ ନୁହନ୍ତି । ଏ ଦେଶମାନେ ନିଜ ବଳରେ ମହାକାଶରେ କୀର୍ତ୍ତିମାନ ସ୍ଥାପନ କରିବାକୁ ଚାହୁଁଛନ୍ତି ।

ମଣିଷ ଜାତିକୁ ସୌରମଣ୍ଡଳ ବାହାରକୁ ନେବାକୁ ହେଲେ ସବୁ ଦେଶକୁ ଏକ ହୋଇ କାମ କରିବାକୁ ପଡ଼ିବ । ଆମେରିକା ପ୍ରେରିତ ଭୟଜର ୧ ବର୍ତ୍ତମାନ ପୃଥିବୀଠାରୁ କୋଟି କୋଟି କିଲୋମିଟର ଦୂରରେ ଅଛି ଏବଂ ପୃଥିବୀବାସୀଙ୍କୁ ଗୋଟିଏ ବାର୍ତ୍ତା ଦେଉଛି- ଏକା ନୁହେଁ, ମିଳିମିଶି ବିଶ୍ୱବ୍ରହ୍ମାଣ୍ଡକୁ ଜିତିହେବ ।

ଆମେରିକାରେ ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କ ସହଯୋଗରେ ମହାକାଶ ବିଜ୍ଞାନ କ୍ଷେତ୍ରରେ କାମ ହେଉଛି ଏବଂ ଆମେ ତାର ସୁଫଳ ଦେଖୁଛେ । ଭାରତରେ ମଧ୍ୟ ସେ ପ୍ରକ୍ରିୟା ଆରମ୍ଭ ହେଲାଣି । ଏତିକି କେବଳ ଦେଖିବାର ଅଛି, ନିଜ ଦେଶ, ମହାଦେଶର ସୀମାର ଉର୍ଦ୍ଧ୍ୱକୁ ଯାଇ ଦେଶମାନେ କେବେ ମହାକାଶରେ ସହଯୋଗର ସଂପର୍କ ସ୍ଥାପନ କରିବେ । (କ୍ରମଶଃ)


+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ
ଲେଖକ
ମୋ: ୯୯୩୮୭୬୯୯୦୮


# ଶ୍ରେଷ୍ଠ ବନ୍ଧୁ

## ଶୁଭନାରାୟଣ ଶତପଥୀ





ଶ୍ରୀପୁରର ରାଜା ଶ୍ରୀକୁମାର ବେଶ ପ୍ରଜାବତ୍ସଳ । ତାଙ୍କର କେହି ଉତରାଧିକାରୀ ନଥିଲେ । ରାଜ୍ୟବାସୀଙ୍କ ସେବାରେ ସେ ଯେମିତି ଜୀବନ ଉତ୍ସର୍ଗ କରିଛନ୍ତି । ରାଜା ଶ୍ରୀକୁମାର କୁହନ୍ତି ମୋ ରାଜ୍ୟର ଅଧିବାସୀ ମୋର ଭଗବାନ । ସେମାନଙ୍କ ସେବାରେ ମୁଁ ଆତ୍ମସନ୍ତୋଷ ଅନୁଭବ କରେ । ଉତମ ସଂପର୍କରୁ ରାଜ୍ୟ ଭିତରେ ଓ ବାହାରେ ରାଜାଙ୍କର ଅନେକ ବନ୍ଧୁ ଥାଆନ୍ତି । ସେମାନେ ରାଜାଙ୍କ ସୁଖଦୁଃଖରେ ଶୁଭେଚ୍ଛା ଓ ସମବେଦନା ଜଣାନ୍ତି । ଥରେ ମନ୍ତ୍ରୀ ଶ୍ରୀବୁଦ୍ଧିଙ୍କୁ ଡକାଇ ରାଜା ଶ୍ରୀକୁମାର କହିଲେ ତୁମେ ମୋର ପାଖରେ ରହି ମୋତେ ସବୁବେଳେ ଉତମ ପରାମର୍ଶ ଦେଇଆସିଛ । ମୁଁ ମଧ ରାଜ୍ୟବାସୀଙ୍କ ସୁବିଧା ଓ ସୁରକ୍ଷା ପାଇଁ ସେହି ଅନୁସାରେ କାମ କରିଚାଲିଛି । ତେବେ ମୋ ମନରେ ଏକ ପ୍ରଶ୍ନ ଅଛି ତାର ସମାଧନ ତୁମେ କରିପାରିବ କି ? ମନ୍ତ୍ରୀ ଶ୍ରୀବୁଦ୍ଧି କହିଲେ କୁହନ୍ତୁ ମହାରାଜ । ମୁଁ ଚେଷ୍ଟା କରିବି ସାମାଧାନ କରିବାକୁ । ରାଜା କହିଲେ ମୋର ଅନେକ ବନ୍ଧୁ ଅଛନ୍ତି । ସମସ୍ତଙ୍କ ସାହିତ ମୋର ଭଲ ସଂପର୍କ ଅଛି । କିନ୍ତୁ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠବନ୍ଧୁ କିଏ ମୁଁ ଜାଣିବାକୁ ଚାହୁଁଛି । ମନ୍ତ୍ରୀ କହିଲେ ମହାରାଜ ଏହା ଏକ ଜଟିଳ ପ୍ରଶ୍ନ । ତେବେ ମୋତେ ସାତଦିନ ସମୟ ଦିଅନ୍ତୁ । ଏଥିପାଇଁ ମୁଁ ଆପଣଙ୍କୁ ଯାହା କହିବି ତାହା କରିବେ । ଶ୍ରୀବୁଦ୍ଧିଙ୍କ ଉପରେ ରାଜା ଶ୍ରୀକୁମାରଙ୍କର ପୁର୍ଣ୍ଣବିଶ୍ୱାସ ଥିଲା । ବିଶ୍ୱାସ ଓ ଭାରସାରେ ତାଙ୍କୁ ହଁ କହିଲେ ରାଜା ଶ୍ରୀକୁମାର ।

ଏହାପରେ ମନ୍ତ୍ରୀ କହିଲେ ମହାରାଜ ଆପଣ ଏହି ସାତଦିନ ମୋତେ ରାଜ୍ୟ ଓ ରାଜ ସିଂହାସନ ଅର୍ପଣ କରିବେ । ଆଉ ଆପଣ ନିର୍ବାସନରେ ଜଙ୍ଗଲକୁ ଚାଲିଯିବେ । ପ୍ରଥମେ ରାଜା ଦ୍ୱନ୍ଦରେ ପଡିଲେ କିନ୍ତୁ ତାଙ୍କର ଶ୍ରେଷ୍ଠବନ୍ଧୁକୁ ଦେଖିବା ପାଇଁ ତାଙ୍କ ମନରେ ଏତେ ଉତ୍କଣ୍ଠା ଥିଲା ଯେ ସେ ମନ୍ତ୍ରୀଙ୍କ କଥାରେ ହଁ ଭରିଲେ । କଥା ଅନୁସାରେ ମନ୍ତ୍ରୀ ଶ୍ରୀବୁଦ୍ଧି ଶ୍ରୀପୁର ରାଜ୍ୟର ରାଜା ହେଲେ ଓ ରାଜା ଶ୍ରୀକୁମାର ନିର୍ବାସନରେ ଜଙ୍ଗଲକୁ ଚାଲିଗଲେ । ପ୍ରଚାର କରାଗଲା ଯେ ଶ୍ରୀବୁଦ୍ଧି ରାଜାଙ୍କ ସହିତ ସନ୍ଧିକରି ତାଙ୍କୁ ନିର୍ବାସନରେ ପଠାଇ ରାଜ୍ୟ ରାଜଗାଦି ମାଡି ବସିଛନ୍ତି । ରାଜ୍ୟରେ ଯିଏ ବିରୋଧ କାଲା ମନ୍ତ୍ରୀ ତାଙ୍କୁ ଡକାଇ ପ୍ରଲୋଭନ ଦେଖାଇ ବା ଧମକାଇ ଅଟକାଇ ଦେଉଥିଲେ । ଏହା ଭିତରେ ବାହାର ରାଜ୍ୟର ରାଜାମାନେ ଶୁଭେଚ୍ଛା ଜଣାଇଲେ ଓ ଶ୍ରୀବୁଦ୍ଧିଙ୍କ ସହିତ ବନ୍ଧୁତା ସ୍ଥାପନ କଲେ । କେହିଜଣେ ନିଜ ଜୀବନକୁ ବାଜିଲଗାଇ ରାଜା ଶ୍ରୀକୁମାରଙ୍କୁ ଖୋଜିବାକୁ ଆସିଲେନି କି ଶ୍ରୀବୁଦ୍ଧିଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେନାହିଁ । ଏସବୁ ଖବର ରାଜା ଶ୍ରୀକୁମାର ଜାଣୁଥାନ୍ତି । ଶେଷରେ ସାତଦିନ ପୂରଣ ହେଲା । ମନ୍ତ୍ରୀ ଶ୍ରୀକୁମାର ହାତୀ ଛତି ତ୍ରାସ ସୈନ୍ୟ ପଟୁଆର ସହିତ ଗଲେ ଜଙ୍ଗଲକୁ । ରାଜାଙ୍କୁ ରାଜଉଆସକୁ ପାଛୋଟି ଆଣିଲେ । ରାଜଉଆସକୁ ଆସିବା ବାଟରେ ହଠାତ ରାଜାଙ୍କ ଉପରେ ଏକ ଡକାୟତ ଗୋଷ୍ଠି ଆକ୍ରମଣ କଲେ । ମନ୍ତ୍ରୀ ଶ୍ରୀବୁଦ୍ଧି ନିଜ ଜୀବନକୁ ବାଜିଲଗାଇ ତୁରନ୍ତ ସାମ୍ନାକୁ ଯାଇ ଡକାୟତଙ୍କୁ ପ୍ରତିରୋଧ କରିବା ସହିତ ବନ୍ଦୀ କରାଇଲେ । ରାଜା ଶ୍ରୀକୁମାର ରାଜ୍ୟକୁ ଫେରି ବନ୍ଧୁତ୍ୱ ଦିବସ ପାଳନ କଲେ । ଏହି ଦିବସରେ ସେ ଶ୍ରୀବୁଦ୍ଧିଙ୍କୁ କହିଲେ ତୁମେ ହିଁ ମୋର ଶ୍ରେଷ୍ଠବନ୍ଧୁ କାରଣ ମୁଁ ତୁମକୁ ସବୁ ସମର୍ପଣ କରିଦେଇ ଯିବା ସତ୍ୱେ ତୁମେ ରାଜସିଂହାସନ ଓ ରାଜ୍ୟପ୍ରତି ଲୋଭ କରିନାହଁ କି ରାଜଗାଦିରେ ଦିନେ ବସିନାହଁ । ନିଜ ଜୀବନକୁ ବାଜିଲାଗାଇ ମୋତେ ସୁରକ୍ଷା ଦେଇଛ । ଆଉ ସବୁବେଳେ ମୋତେ ଠିକ ମାର୍ଗଦର୍ଶନ କରିଛ । ଯାହା ମୋତେ ଅନ୍ୟ କୌଣସି ବନ୍ଧୁ ଦେଇପାରିନାହାଁନ୍ତି । ଏଣୁ ତୁମେ ମୋର ଶ୍ରେଷ୍ଠବନ୍ଧୁ ଓ ଏ ରାଜ୍ୟର ଉପଯୁକ୍ତ ଉତରାଧିକାରୀ । ରାଜାଙ୍କ ଘୋଷଣାରେ ରାଜ୍ୟବାସୀ ଖୁସି ହେଲେ । ଯେଉଁମାନେ ମନ୍ତ୍ରୀ ଶ୍ରୀବୁଦ୍ଧି ଓ ରାଜା ଶ୍ରୀକୁମାରଙ୍କ ବନ୍ଧୁତାକୁ ନେଇ ପୁର୍ବରୁ ଇର୍ଷା କରୁଥିଲେ ସେମାନେ ନିଜର ଭୁଲ ବୁଝିପାରିଲେ । ଯେଉଁ ବନ୍ଧୁମାନେ ରାଜାଙ୍କ ଅସୁବିଧାରେ ତାଙ୍କ ପାଖରେ ପହିଁଚିଲେ ନାହିଁ କି ତାଙ୍କୁ ରାଜ୍ୟକୁ ଫେରାଇ ଆଣିବାକୁ ପ୍ରୟାସ କଲେ ନାହିଁ ସେମାନଙ୍କ ମୁଣ୍ଡ ସବୁଦିନ ପାଇଁ ତଳକୁ ହୋଇଗଲା ।


+ ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩


# ଆସରେ ଯିବା ରଥ ଯାତରା...

## ରାମଚନ୍ଦ୍ର ବେହେରା

ଆସରେ ଯିବା ଶିରୀ କ୍ଷେତର
ରଥ ଯାତରା ଦେଖି
ରଥରେ ଦେଖି ତିନି ଦିଅଁକୁ
ଆଖି ଯିବରେ ଲାଖି ।

ତିନି ରଥରେ ଭାଇ ଭଉଣୀ
ଦେବେରେ ଦରଶନ
ରଥ ଦଉଡି ଟାଣିବା ଆମେ
ମିଳିବ କୋଟି ପୂଣ୍ୟ ।

ନଅ ଦିନର ଏଇ ଯାତରେ
ମାଉସୀ ଘରେ ରହି
ପୋଡପିଠାକୁ ସରାଗେ ଖାଇ
ଫେରିବେ ଭାବଗ୍ରାହୀ ।

ଛୁଆଁ ଅଛୁଆଁ ଭେଦ ଭାବକୁ
ତେଜି ଶ୍ରଦ୍ଧାଳୁ ଜନେ
ବଡଦାଣ୍ଡରେ ହୋଇବେ ମେଳ
ଦିଅଁକ ଦରଶନେ ।

ଘଣ୍ଟ କାହାଳୀ ମୃଦଂଗ ତୂରୀ
ଭକ୍ତଂକ କରତାଳି
ହରିବୋଲର ଧ୍ୱନି ସହିତ
ଶୁଭିବ ହୁଳହୁଳି ।

ଯାତରେ ସାର ରଥ ଯାତରା
ଦିଅଁକ ଦରଶନ
ଭକ୍ତ ଗହଳି ରଥର ଶୋଭା
ଲୁଟିବ ସର୍ବ ମନ ।


+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


# ଛୋଟଛୋଟ ଶିଶୁ କୋମଳ କଳିକା

## ପ୍ରଶାନ୍ତ କୁମାର ନାୟକ

ଛୋଟଛୋଟ ଶିଶୁ କୋମଳ କଳିକା
ବଢିଅଛ କେତେ ଯତନେ,
ବିକଶିତ ହେବ ବିତରି ସୁବାସ
ସୁନ୍ଦର ଏ ଧରାଧାମେ ।

ଆଜିସିନା ଶିଶୁ କାଲି ନାଗରିକ
ସ୍ୱାର୍ଥଦେଇ ଜଳାଞ୍ଜଳି ,
କରିଯିବ କାମ ଦେଶପାଇଁ କେତେ
ଶକ୍ତିଘଟେ ହେଲେ ମେଳି ।

ପରିତ୍ୟାଗ କର କୁସଙ୍ଗ କୁ ଖାଦ୍ୟ
ସୁ ପଥରେ ରଖ ଧ୍ୟାନ,
ସହାୟ ହୁଅନ୍ତୁ ଈଶ୍ୱର ତୁମକୁ
ସୁଖେ ବିତିଯାଉ ଦିନ ।

ଶିଶୁ ଦୁନିଆଟି କେତେଯେ ସୁନ୍ଦର
ସୁମଧୁର ତାଙ୍କ ହସ ,
ଶିଶୁଙ୍କ ହୃଦୟେ ହୋଇଥାଏ ସଦା
ସ୍ୱୟଂ ଈଶ୍ୱରଙ୍କ ବାସ ।

ଶିଶୁ କୁନିଫୁଲ ଅମୂଲ ସେ ମୂଲ
ଅଗଣାରେ ଆମ ଫୁଟିଛି ,
ଚହଟାଇ ବାସ ଆମ ଚତୁଃପାର୍ଶ୍ୱ
ମନକୁ ସଭିଙ୍କ ମୋହୁଛି ।

ସେହି କୁନିଫୁଲ କେହିନୁହେଁ ଆଉ
ଆମ ଶିଶୁପୁତ୍ର କନ୍ୟା ,
ଗୁଣରେ ଜ୍ଞାନରେ ହେଉବା କ୍ରୀଡ଼ାରେ
ହୋଇବେ ସର୍ବେ ନିପୁଣା ।


+ୟୁନିଟ୍-୦୫, ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪


# ଧରିବୁନି ମୋର ଦୋଷ

## ପ୍ରଶାନ୍ତ କୁମାର ଦାଶ

ମନ୍ଦିର ପରିକା ମହଲଟେ ସିନା
ଗଢ଼ି ପାରିବିନି ମୁହିଁ
ଗଢ଼ିଛି କୁଡ଼ିଆ ଆସିବୁ କାଳିଆ
ସେ ଦିନକୁ ଅଛି ଚାହିଁ ।।

କାଠରେ ବିଶାଳ ରଥଟିଏ ମୁଁ ଯେ
କରିପାରିବିନି ସାଇଁ
କୁନିହାତେ ମୋର ବାଲି ରଥଟିଏ
ଗଢ଼ିଛି ଆସ ହେ ଧାଇଁ ।।

ଦୟଣା ତୁଳସୀ ଚନ୍ଦନ ରଖିଚି
ତତେ ମୁଁ ପିନ୍ଧାଇ ଦ୍ୱେି
ମିଠା ଫଳ କୋଳି ସାଇତିଛି ତୋଳି
ଖୁଆଇ ଜୁହାର ହ୍ୱେି ।।

ପାଟ ପିତାମ୍ବରୀ ପାରିବିନି ଦେଇ
ରଖିଚି ରଙ୍ଗୀନ ଲୁଗା
ଶରଧାରେ ତତେ ପିନ୍ଧାଇ ଦ୍ୱେିରେ
ଖୁସୀରେ ପିନ୍ଧିବୁ ଜଗା ।।

ଦେଇପାରିବିନି ଗଜମୋତି ପାନ
ପାଖରେ ନାହିଁ ମୋ ଧନ
ଦୁଇହାତ ଯୋଡି ଦ୍ୱେି ଲୁହ ଢାଳି
ତୋ ଚରଣେ ରଖି ମନ ।।

ନୀଳାଚଳ ତୋର୍ ବଇକୁଣ୍ଠ ଧାମ
ଦୂର ଗାଆଁରେ ମୋ ଘର
ଯାଇ ପାରୁନାହିଁ ତତେ ଦେଖିବାକୁ
ମତେ ମଣିବୁନି ପର ।।

ଏଇଠି କରୁଛି ଶତ ପ୍ରଣିପାତ
ଧରିବୁନି ମୋର ଦୋଷ
କିଛି ପାଖେ ନାହିଁ ଦେଇତ ପାରୁନି
କରିବୁନି ଜମା ରୋଷ ।।


+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ:୯୭୬୮୮୨୨୧୯୦

## ବ୍ରହ୍ମାକୁମାରୀ ଆଶ୍ରମରେ ମାଆଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୦/୦୭ (ନି.ପ୍ର): ଆଜି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ , ଆଦ୍ୟାଶକ୍ତି ଭବନରେ ତା ୦୯/୦୭/୨୦୨୬ ରିଖ ଗୁରୁବାର ଦିନ ମାଆଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। ତେଣୁ ଗୋଟିଏ ବ୍ୟକ୍ତି, ଗୋଟିଏ ବୃକ୍ଷ ରୋପଣ କରିବା ପାଇଁ ଉପସ୍ଥିତ ସଭାକୁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ବିଜେପି ଜିଲ୍ଲା ଉପ ସଭାପତି ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା । ବ୍ରହ୍ମା କୁମାରୀ ସଂଯୁକ୍ତା ଶୀର୍ଷକ ମାଆଙ୍କ ନାମରେ ଗଛଟିଏ ଉପରେ ଆଲୋକପାତ କରାଇବା ସହିତ ପ୍ରକୃତିର ଶୋଷଣ ନ କରି ପୋଷଣ କରିବା ପାଇଁ ସମସ୍ତଙ୍କୁ ଦୃଢ଼ ସଂକଳ୍ପ ପାଠ କରାଇଥିଲେ। ବ୍ରହ୍ମାକୁମାରୀ ଅଚିସ୍ମିତା ଉପସ୍ଥିତ ସଭାକୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ବ୍ରହ୍ମାକୁମାରୀ ସ୍ୱର୍ଣ୍ଣ ମଂଚ ପରିଚାଳନା କରିଥିଲେ। ଲେମ୍ବୁ, ପିଜୁଳି, ଅଁଳା,ବଉଳ, ଜାମ୍ବୁ, ପିସ୍ତା, ଅମୃତଭଣ୍ଡା, ଡାଳିମ୍ବ,ଇତ୍ୟାଦି ୧୫୫ଟି ବିଭିନ୍ନ ବୃକ୍ଷ ବଂଟନ କରିବା ସହ ନିଜେ ଗୋଟିଏ ବୃକ୍ଷ ନିଜ ମାଆଙ୍କ ସ୍ମୃତିରେ ବଡ଼ ଶ୍ରଦ୍ଧା ଓ ସମ୍ମାନର ସହ ଆଦ୍ୟାଶକ୍ତି ଭବନ ପରିସରରେ ରୋପଣ କରିଥିଲେ କୃଷ୍ଣଚନ୍ଦ୍ର ପଣ୍ଡା।

# ପ୍ରଶାସନ ଓ ସ୍ୱେଚ୍ଛାସେବୀ ମାନଙ୍କ ସୁସମନ୍ୱୟ ଶୃଙ୍ଖଳିତ ରଥଯାତ୍ରାରେ ସହାୟକ ହେବ : ଜିଲ୍ଲାପାଳ

ପୁରୀ, ୧୦/୦୭ (ନି.ପ୍ର): ସେବାର କୌଣସି ବିକଳ୍ପ ନାହିଁ। ଏହା ସମର୍ପଣ ଓ ଅନୁଭବର କଥା। ପ୍ରଶାସନ ଓ ସ୍ୱେଚ୍ଛାସେବୀ ମାନଙ୍କ ସୁସମନ୍ୱୟ ଶୃଙ୍ଖଳିତ ରଥଯାତ୍ରା ରେ ସହାୟକ ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା। ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଚଳିତ ରଥଯାତ୍ରାରେ ସ୍ୱେଚ୍ଛାସେବୀ ମାନଙ୍କ ଦାୟିତ୍ୱ, ଭୂମିକା, କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସ୍ୱେଚ୍ଛାସେବୀ ମାନେ ରଥଯାତ୍ରା ସମୟରେ ବିଭିନ୍ନ ସେବାରେ ସ୍ୱତଃପ୍ରବୃତ ଭାବେ ସାମିଲ ହୋଇ ଶ୍ରଦ୍ଧାଳୁ ମାନଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରଶାସନ ସହ ସେମାନଙ୍କ ସମନ୍ୱୟ ଏହାକୁ ଅଧିକ କ୍ରୀୟାଶୀଳ କରିବ। ତେବେ ସେବା ସମୟରେ ସମର୍ପଣର ସହ ସେବା କରିବା, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଉପଯୁକ୍ତ ପଦକ୍ଷେପ ନେବା, ଖାଦ୍ୟ ପ୍ରଦାନ ପରେ ପ୍ଲେଟ ବା ପତ୍ର, ଗ୍ଲାସ, ଖାଲି ପାଣି ବୋତଲ ଓ ଅନ୍ୟାନ୍ୟ ଅଳିଆ ଯାଡେ ସ୍ୟାଡେ ନ ପକାଇ ବଡ ବଡ କଳା ଜରିରେ ଭରି ମହାନଗର ନିଗମ ଅଳିଆ ବୁହା ଗାଡ଼ିରେ ଦେବା କିମ୍ବା ଉପଯୁକ୍ତ ସ୍ଥାନରେ ହସ୍ତାନ୍ତର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯେଉଁ ସେବା କାର୍ଯ୍ୟ କରିବାକୁ ଦାୟିତ୍ୱ ନେଇଛନ୍ତି ତାହାକୁ ଅତ୍ୟନ୍ତ ନିଷ୍ଠାର ସହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ସେମାନଙ୍କ କାର୍ଯ୍ୟ ଅନୁସାରେ ଦାୟିତ୍ୱ ଦେଉଥିବା ସ୍ୱେଚ୍ଛାସେବୀ ମାନଙ୍କ ତାଲିକା ପ୍ରଦାନ କରନ୍ତୁ ଯାହା ଫଳରେ ତାଙ୍କୁ ଉତରଦାୟୀ ଭାବେ ଗ୍ରହଣ କରିବା ସହ ସେମାନଙ୍କ ସହ ଯୋଗାଯୋଗ କରାଯାଇ ପାରିବ। ରଥଯାତ୍ରାରେ କାର୍ଯ୍ୟ କରୁଥିବା ପ୍ରତିଟି ଅନୁଷ୍ଠାନ ଉପରେ ନଜର ରଖାଯିବ ଓ ସେମାନଙ୍କ କାର୍ଯ୍ୟ ଶୈଳୀ ଆଧାରରେ ଭବିଷ୍ୟତରେ ସେମାନଙ୍କୁ ରଥଯାତ୍ରାରେ ସାମିଲ କରାଯିବ କି ନାହିଁ ତର୍ଜମା କରାଯିବ ବୋଲି କମିଶନର ସ୍ପଷ୍ଟ କରିଦେଇଥିଲେ। ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସରେ ନିୟୋଜିତ ସ୍ୱେଚ୍ଛାସେବୀମାନେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଏସଓପି ଆଧାରରେ କାମ କରିବା, ରନ୍ଧା ଖାଦ୍ୟ ଦେଉଥିବା ଅନୁଷ୍ଠାନ ମାନେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଗ୍ରହଣ କରିବା, ଭିଡ ନିୟନ୍ତ୍ରଣ କରାଯିବ ବୋଲି ସ୍ଥିର ହେଲା। ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ରଥଯାତ୍ରାର ସ୍ୱତନ୍ତ୍ର ଅଧିକାରୀ ଭବତାରଣ ସାହୁ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ଜିଏମ ୱାଟକୋ ବିକ୍ରମ ରାଉତ, ଜିଲ୍ଲା ଅଗ୍ନି ଶମ ଅଧିକାରୀ ପ୍ରଭାତ କୁମାର ରାଉତ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମାଲପଡ଼ା ନାଗରିକ କମିଟିର ବୈଠକ

ବଲାଙ୍ଗୀର, ୧୦/୦୭ (ନି.ପ୍ର): ମାଲପଡା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ପଡାର କେତେକ ଲୋକ ଇହଧାମ ତ୍ୟାଗ କରିଥିବାରୁ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ପରିବେଶ ସୁରକ୍ଷା ପାଇଁ ପଡାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯିବାକୁ ସ୍ଥିର କରାଗଲା। ଅନ୍ୟ ଏକ ଆଲୋଚନା କ୍ରମେ ମାଲପଡାର ବର୍ଷା ବିପ୍ରାତ ଯୋଗୁଁ ସ୍କୁଲ ଘର ଓ ପାଚେରୀ ଭାଙ୍ଗି ଯାଇଥିବାରୁ ଏହାକୁ ନୂତନ ଭାବରେ ନିର୍ମାଣ କରାଯିବା ପାଇଁ ପୌର ପାଳିକାକୁ ଅନୁରୋଧ କରାଯାଇଥିଲା। ଏହାର ସ୍ଥିତି ଅନୁଧ୍ୟାନ କରି ପୌରାଧକ୍ଷା ଲିକା ସାହୁ ଏହି କାର୍ଯ୍ୟ ତ୍ୱରାନ୍ୱିତ କରି କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ସଂଘ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ସହରରେ ବହୁଳ ପରିମାଣରେ ପଲିଥିନ ବ୍ୟବହାର ଯୋଗୁଁ ପରିବେଶ ଦୂଷିତ ହେଉଛି ଏବଂ ଗାଇ ଗୋରୁ ପଲିଥିନ ଖାଇ ମୃତ୍ୟୁବରଣ କରୁଛନ୍ତି। ଏଥିପାଇଁ ଜିଲ୍ଲାପାଳ ଓ ପୌରପାଳିକାକୁ ପଲିଥିନ ମୁକ୍ତ କରିବା ପାଇଁ ପତ୍ରାଳାପ କରିବାକୁ ସ୍ଥିର କରାଗଲା। ସଭ୍ୟ ଦୟାସାଗର ବଗର୍ତି, ବିନୋଦ ପାଣିଗ୍ରାହୀ ଓ ନିମାଇଁ ଚରଣ ଦାଶଙ୍କୁ ସମ୍ମାନିତ କରାଗଲା। ଏହି ସଭାରେ ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସଂପାଦକ ପଂଚାନନ ସେଠ, ସହ-ସଂପାଦକ ଅଶୋକ କୁମାର ଚାନ୍ଦ, କୋଷାଧ୍ୟକ୍ଷ ଦିବାକର ହୋତା, ସଭ୍ୟ ଅମିୟ କୁମାର ମିଶ୍ର, ସୂର୍ଯ୍ୟଭାନୁ ମିଶ୍ର, ଦେବଜିତ ଯୋଷୀ, ଶିବ ପ୍ରସାଦ ଶତପଥି, ସୁବାଷ ଚନ୍ଦ୍ର ପାତ୍ର ଓ ସନ୍ତୋଷ କୁମାର ସାହୁ ଆଦି ଆଲୋଚନାରେ ଭାଗ ନେଇଥିଲେ।

## ବୋନସ୍ ମିଳୁନଥିବା ଅଭିଯୋଗ କଲେ କେନ୍ଦୁପତ୍ର ବନ୍ଧାଳୀ

ନୂଆପଡ଼ା, ୧୦/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ କେନ୍ଦୁପତ୍ର ରେଞ୍ଜ ଅଧୀନରେ ଥିବା ବିଭିନ୍ନ ଫଡ଼ିରେ ବର୍ତମାନ କେନ୍ଦୁପତ୍ର ବନ୍ଧା କାର୍ଯ୍ୟ ଜୋରସୋରରେ ଚାଲିଛି। ଏହି ରେଞ୍ଜରେ ୫୩ ଟି ଫଡ଼ି ଥିବା ବେଳେ ସାତଟି ବନ୍ଧାଳୀ ପାର୍ଟିର ୧୦୫ ଜଣ ଶ୍ରମିକ କାମରେ ନିୟୋଜିତ ଅଛନ୍ତି। ଦୂରଦୂରାନ୍ତରୁ ଆସିଥିବା ଶତାଧିକ ବନ୍ଧାଳୀ ନିଜ ପରିବାର ସହ ଫଡ଼ିରେ ରହି କେନ୍ଦୁପତ୍ର ବଛାବଛି ଓ ବନ୍ଧା କାମରେ ନିୟୋଜିତ ଅଛନ୍ତି। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ କଠିନ ପରିଶ୍ରମ କରି ସେମାନେ କେନ୍ଦୁପତ୍ରକୁ ନିୟମ ଅନୁଯାୟୀ କେରିରେ ବାନ୍ଧୁଛନ୍ତି । ସରକାରୀ ନିୟମ ଅନୁସାରେ ପ୍ରତି କେରି ପିଛା ୯୫ ଟଙ୍କା ମଜୁରି ସହ ୫ ଟଙ୍କା ବୋନସ ମିଳିବାର ବ୍ୟବସ୍ଥା ରହିଛି। କିନ୍ତୁ ବନ୍ଧାଳୀ ମାନଙ୍କ ଅଭିଯୋଗ ହେଉଛି, ସେମାନଙ୍କୁ କେବଳ ୯୫ ଟଙ୍କା ଦିଆଯାଉଛି, ଯେଉଁଠାରେ ୫ ଟଙ୍କା ବୋନସ୍ ପ୍ରଦାନ କରାଯାଉନାହିଁ। ଏହାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସେମାନଙ୍କ କହିବା କଥା, ଅତ୍ୟନ୍ତ କଷ୍ଟକର ପରିଶ୍ରମ କରିବା ପରେ ମଧ୍ୟ ସରକାରଙ୍କ ନିର୍ଦ୍ଧାରିତ ପ୍ରାପ୍ୟ ସେମାନେ ପାଉନାହାନ୍ତି। ଅନ୍ୟପକ୍ଷରେ, ଫଡ଼ିରେ କାମ କରୁଥିବା ବନ୍ଧାଳୀ ଓ ସେମାନଙ୍କ ପରିବାରର ଜୀବନଯାପନ ମଧ୍ୟ ବେଶ୍ କଷ୍ଟଦାୟକ। ସେମାନେ ଫଡ଼ି ବାରଣ୍ଡାରେ ପଲିଥିନ ତଳେ ରାତି ବିତାଉଛନ୍ତି। ଅନେକ ସ୍ଥାନରେ ପିଇବା ପାଣିର ବ୍ୟବସ୍ଥା ନଥିବାରୁ ଦୂରରୁ ପାଣି ଆଣିବାକୁ ପଡୁଛି। ରାତିରେ ବିଦ୍ୟୁତ୍ ଆଲୋକ ନଥିବାରୁ ଅନ୍ଧାର ମଧ୍ୟରେ ରହିବାକୁ ପଡୁଛି। ଶୌଚାଳୟ, ସ୍ନାନଘର ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ମଧ୍ୟ ସେମାନଙ୍କ ଦୈନନ୍ଦିନ ଜୀବନକୁ ଅଧିକ କଷ୍ଟକର କରିଦେଇଛି। ବନ୍ଧାଳୀ ମାନଙ୍କ ଅଭିଯୋଗ, ପ୍ରତିବର୍ଷ ଏଭଳି ପରିସ୍ଥିତିରେ କାମ କରିବାକୁ ପଡୁଥିଲେ ମଧ୍ୟ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ। ଏପରି ସ୍ଥିତିରେ ପ୍ରାପ୍ୟ ବୋନସ ତୁରନ୍ତ ପ୍ରଦାନ କରିବା ସହ ଫଡ଼ିଗୁଡ଼ିକରେ ପାନୀୟ ଜଳ, ବିଦ୍ୟୁତ୍ ଆଲୋକ, ଶୌଚାଳୟ ଓ ରହିବା ପାଇଁ ଉନ୍ନତ ବ୍ୟବସ୍ଥା କରିବାକୁ ସେମାନେ ବନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏନେଇ ଖଡ଼ିଆଳ କେନ୍ଦୁପତ୍ର ଡିଏଫଓ ଏ ମାଧବୀ ଲତାଙ୍କୁ ପଚାରିବାରୁ ଧିରେ ଧିରେ ସବୁ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଥିଲେ। ଏବେ ଦେଖିବାକୁ ବାକି ରହିଲା, ଶ୍ରମିକମାନଙ୍କ ଏହି ଦାବି ପ୍ରତି ସମ୍ପୃକ୍ତ ବିଭାଗ କେତେ ଶୀଘ୍ର ପଦକ୍ଷେପ ନେଉଛି।

## ରଥଯାତ୍ରା ଅବସରରେ ପୂର୍ତ୍ତ ବିଭାଗର ପ୍ରସ୍ତୁତି ଜୋରଦାର୍

ପୁରୀ, ୧୦/୦୭ (ନି.ପ୍ର): ପୂର୍ତ୍ତ ବିଭାଗ ପକ୍ଷରୁ ଆଗାମୀ ରଥଯାତ୍ରାର ସଫଳ ପରିଚାଳନା ପାଇଁ ଭିତିଭୂମି ବିକାଶ ଏବଂ ସାଧାରଣ ସୁବିଧା ବ୍ୟବସ୍ଥାର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଲକ୍ଷ ଲକ୍ଷ ଭକ୍ତଙ୍କ ସୁଗମ ଯାତାୟାତ, ପର୍ଯ୍ୟାପ୍ତ ପାର୍କିଂ ସୁବିଧା, ସୁରକ୍ଷା ବ୍ୟବସ୍ଥା ଏବଂ ଶ୍ରଦ୍ଧାଳୁ ମାନଙ୍କୁ ବିବିଧ ସୁବିଧା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଓ ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ବାରମ୍ବାର କାର୍ଯ୍ୟର ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟ ଅଗ୍ରଗତିର ଅନୁଧ୍ୟାନ ମଧ୍ୟ କରୁଛନ୍ତି।

## ଝାରସୁଗୁଡ଼ା କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ ଓ ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା, ୧୦/୦୭ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ତାଙ୍କ ସହ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା 'ଆତ୍ମା' ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ପରିଦର୍ଶନ କାଳରେ ଜିଲ୍ଲାପାଳ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚାଲୁ ରହିଥିବା ବିଭିନ୍ନ ଚାଷୀ ଆଭିମୁଖୀ କାର୍ଯ୍ୟକ୍ରମର ବିସ୍ତୃତ ସମୀକ୍ଷା କରିଥିଲେ। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ, ଜିଲ୍ଲାପାଳଙ୍କୁ କେନ୍ଦ୍ର ଦ୍ୱାରା କରାଯାଉଥିବା ଅନ-ଫାର୍ମ ଟେଷ୍ଟିଂ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଦି ବାଧ୍ୟତାମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଚାଷୀ ଓ ମହିଳା କୃଷି ଶ୍ରମିକମାନଙ୍କର ଜ୍ଞାନକୌଶଳର ଅଭିବୃଦ୍ଧି ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରି ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ଏହିସବୁ ତାଲିମ ପ୍ରଦାନ କରାଯାଉଛି। ଏହା ସହିତ ଚାଷୀମାନଙ୍କୁ ସମୟୋପଯୋଗୀ, ବହୁଭାଷୀ କୃଷି ପରାମର୍ଶ ଏବଂ ପାଣିପାଗ ସୂଚନା ଯୋଗାଇ ଦେଉଥିବା ଡିଜିଟାଲ ପ୍ଲାଟଫର୍ମ 'କିଷାନ ସାରଥୀ (କଝ ୨.୦)' ର କାର୍ଯ୍ୟକାରିତାକୁ ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସୂଚନା ଦେଇଛନ୍ତି ଯେ, ବର୍ଷ ୨୦୨୫-୨୬ ମଧ୍ୟରେ କେନ୍ଦ୍ର ପକ୍ଷରୁ ୧୮୦୦ ପ୍ରଶିକ୍ଷାର୍ଥୀଙ୍କୁ ନେଇ ୭୧ଟି ତାଲିମ କାର୍ଯ୍ୟକ୍ରମ, ୧୦ଟି ଅନ-ଫାର୍ମ ଟେଷ୍ଟିଂ ଏବଂ ୨୪ଟି ପ୍ରଦର୍ଶନୀ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଛି। ଏହା ବ୍ୟତୀତ କୃଷି ଏବଂ ଆନୁଷଙ୍ଗିକ ବିଭାଗଗୁଡ଼ିକର ସହଯୋଗରେ ଗତ ଜୁନ୍ ୧ ତାରିଖରୁ ଜୁନ୍ ୩୦ ତାରିଖ, ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୫ଟି ବ୍ଲକର ୩୦ଟି ଗ୍ରାମରେ 'କ୍ଷେତ ବଂଚାଅ ଅଭିଯାନ', ସନ୍ତୁଳିତ ସାର ପ୍ରୟୋଗ ଏବଂ ପ୍ରାକୃତିକ ଚାଷ ଉପରେ ଜାତୀୟ ସଚେତନତା ଅଭିଯାନ ଭଳି ପ୍ରମୁଖ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ମାନିତ ଜିଲ୍ଲାପାଳ କେନ୍ଦ୍ର ପରିସରରେ ଚାଲୁ ରହିଥିବା କୁକୁଡ଼ା ପାଳନ ତାଲିମ ଶିବିରର ପ୍ରଶିକ୍ଷାର୍ଥୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସେ ସେମାନଙ୍କୁ ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ଆପଣାଇବା ସହ ଲାଭଜନକ କୃଷି ଭିତିକ ବ୍ୟବସାୟ କରି ନିଜର ରୋଜଗାର ଓ ଜୀବିକାର ମାନ ସୁଦୃଢ଼ କରିବାକୁ ଉତ୍ସାହିତ କରିଥିଲେ। ଏହାପରେ ଜିଲ୍ଲାପାଳ କେନ୍ଦ୍ରର ଆଇସିଟି କେନ୍ଦ୍ର, ମୃତିକା ପରୀକ୍ଷାଗାର, ରଙ୍ଗୀନ ମାଛ ଚାଷ ୟୁନିଟ୍, ପଲି ହାଉସ୍, ଆଜୋଲା ଉତ୍ପାଦନ କେନ୍ଦ୍ର, ଖତ ଓ କମ୍ପୋଷ୍ଟ ୟୁନିଟ୍ ଏବଂ କୁକୁଡ଼ା ପାଳନ କେନ୍ଦ୍ର ବୁଲି ଦେଖିଥିଲେ। ସଂପୃକ୍ତ କୃଷି ବୈଜ୍ଞାନିକମାନେ ଏହି ସମସ୍ତ ୟୁନିଟ୍ର ପରିଚାଳନା, କାର୍ଯ୍ୟପଦ୍ଧତି ଏବଂ ସମନ୍ୱିତ କୃଷି ପ୍ରଣାଳୀ ମାଧ୍ୟମରେ ଚାଷୀଙ୍କୁ ଉଦ୍ୟୋଗୀ କରିବାରେ ଏହାର ଉପାଦେୟତା ସମ୍ପର୍କରେ ଜିଲ୍ଲାପାଳଙ୍କୁ ବୁଝାଇଥିଲେ। ଗସ୍ତ ଶେଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କୃଷି ବିଜ୍ଞାନ କେନ୍ଦ୍ରର ଉନ୍ନତି ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ପକ୍ଷରୁ ଅଧିକ ସଂଖ୍ୟାରେ ଗୁଣାତ୍ମକ ଚାରା ଓ ରୋପଣ ସାମଗ୍ରୀ ଉତ୍ପାଦନ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମକୁ ଗ୍ରାମାଂଚଳର ଅଧିକରୁ ଅଧିକ ଚାଷୀଙ୍କ ପାଖରେ ପହଂଚାଇବା ପାଇଁ ଭିତିଭୂମିର ବିକାଶ ଏବଂ ଆଇସିଟି ସୁବିଧାର ବ୍ୟାପକ ବ୍ୟବହାର ସମ୍ପର୍କରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

## ଶ୍ରୀ ଅଲାରନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଜନସମାଗମ ପରିଚାଳନା ବ୍ୟବସ୍ଥା

ପୁରୀ, ୧୦/୦୭ (ନି.ପ୍ର): ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନସର ନୀତି ଚାଲିଥିବା ସମୟରେ ବ୍ରହ୍ମଗିରିସ୍ଥିତ ଶ୍ରୀ ଅଲାରନାଥ ମନ୍ଦିରରେ ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତମାନଙ୍କ ସମାଗମ ହେଉଛି। ରାଜ୍ୟର ବିଭିନ୍ନ ସ୍ଥାନ ସହିତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ଶ୍ରୀ ଅଲାରନାଥ ପ୍ରଭୁଙ୍କ ଦର୍ଶନ କରି ଆଧ୍ୟାତ୍ମିକ ଆନନ୍ଦ ଲାଭ କରୁଛନ୍ତି। ଭକ୍ତମାନଙ୍କ ସୁରକ୍ଷା, ସୁବିଧା ଓ ଶୃଙ୍ଖଳିତ ଦର୍ଶନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମନ୍ଦିର ପରିସର, ଧାଡ଼ି ଦର୍ଶନ, ପାର୍କିଂ ସ୍ଥଳ, ପ୍ରମୁଖ ରାସ୍ତା, ଯାତାୟାତ ପଏଂଟ ଏବଂ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟାରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଭିଡ଼ ପରିଚାଳନା, ଟ୍ରାଫିକ୍ ନିୟନ୍ତ୍ରଣ, ମହିଳା ଓ ବୃଦ୍ଧ ଭକ୍ତଙ୍କ ସହାୟତା, ଜରୁରୀକାଳୀନ ସେବା ଏବଂ ସୁରକ୍ଷା ଉପରେ ସ୍ୱତନ୍ତ୍ର ଭାବେ ନଜର ରଖାଯାଉଛି। ପୁରୀ ପୋଲିସ ସହିତ ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ସମନ୍ୱୟ ରକ୍ଷା କରି ଭକ୍ତମାନଙ୍କୁ ନିରବିଘ୍ନ ଦର୍ଶନ ସୁବିଧା ଯୋଗାଇ ଦେଉଛନ୍ତି। ଦର୍ଶନ ବ୍ୟବସ୍ଥାକୁ ସୁଚାରୁ ରଖିବା ପାଇଁ ପ୍ରବେଶ ଓ ପ୍ରସ୍ଥାନ ପଥର ସଠିକ୍ ପରିଚାଳନା ସହିତ ଆବଶ୍ୟକ ସ୍ଥାନରେ ବ୍ୟାରିକେଡିଂ, ସୂଚନା ପ୍ରଦାନ ଏବଂ ସହାୟତା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଏପର୍ଯ୍ୟନ୍ତ ଆସିଥିବା ସମସ୍ତ ଭକ୍ତ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଓ ସୁରକ୍ଷିତ ପରିବେଶରେ ଶ୍ରୀ ଅଲାରନାଥ ମହାପ୍ରଭୁଙ୍କ ଦର୍ଶନ କରି ଆନନ୍ଦର ସହିତ ଫେରିଛନ୍ତି। ଭକ୍ତମାନେ ପୋଲିସ ଓ ପ୍ରଶାସନ ପକ୍ଷରୁ କରାଯାଇଥିବା ସୁବ୍ୟବସ୍ଥାକୁ ପ୍ରଶଂସା କରିବା ସହ ସେମାନଙ୍କ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି।

## ଜୁନାଗଡ଼ରେ ବନ ମହୋତ୍ସବ ଅନୁଷ୍ଠିତ

ବଲାଙ୍ଗୀର, ୧୦/୦୭ (ନି.ପ୍ର): ଜୁନାଗଡ଼ ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳନର ସପ୍ତମ ଦିବସରେ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିବାବେଳେ ଡିଏଭି ମହାବିଦ୍ୟାଳୟ ଟିଟିଲାଗଡ଼ର ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଶିଷ୍ଟ ଶିକ୍ଷାବିତ ତଥା ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା କଟକର ପ୍ରମୁଖ ସଦସ୍ୟ ଡ଼ ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ରୂପେ ଯୋଗଦେଇ ବର୍ତମାନ ପରିପ୍ରେକ୍ଷୀରେ ବୃକ୍ଷ ବିନା ଜୀବନ ଅସମ୍ଭବ ଓ ବୃକ୍ଷରୋପଣ ନିହାତି ଜରୁରୀ ବୋଲି ଉଦବୋଧନ ଦେଇଥିଲେ।

## ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା କଲେ କେନ୍ଦ୍ରୀୟ ଅଧିକାରୀ

କେନ୍ଦୁଝର, ୧୦/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ ହଲ ଠାରେ କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ'ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱାନିଧି ଯୋଜନାର ଉପସଚିବ ତଥା କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଡ଼ଓ. ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତଓରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସାତଟି ଆକାଂକ୍ଷୀ ବ୍ଲକର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି ଓ କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଭାବରେ କେନ୍ଦୁଝର ଜିଲ୍ଲାକୁ ଏହା ତାଙ୍କର ଦ୍ୱିତୀୟ ଗସ୍ତ ।
ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝରର ବାଂଶପାଳ ଓ ହରିଚନ୍ଦନପୁର ବ୍ଲକକୁ ସାମିଲ କରାଯାଇଥିଲା ଓ ପରବର୍ତୀ ସମୟରେ ନୀତି ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଆଉ ୫ଟି ବ୍ଲକ ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହାଫଳରେ ଜିଲ୍ଲାରେ ମୋଟ ଆକାଂକ୍ଷୀ ବ୍ଲକ ସଂଖ୍ୟା ୭କୁ ବୃଦ୍ଧି ପାଇଛି ଓ ୨୦୨୪ ମସିହା ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମ୍ପୂର୍ଣ୍ଣତା ଅଭିଯାନ ୧.୦ ଅନ୍ତର୍ଗତ ୬ଟି ପ୍ରମୁଖ ସୂଚକାଙ୍କ ମଧ୍ୟରୁ ହରିଚନ୍ଦନପୁର ବ୍ଲକ ୩ ଟି ରେ ଏବଂ ବାଂଶପାଳ ବ୍ଲକ ୨ ଟି ରେ ଶତପ୍ରତିଶତ ଲକ୍ଷ୍ୟ ହାସଲ କରିଛି ଓ ଏହି ଉଲ୍ଲେଖନୀୟ ସଫଳତା ପାଇଁ ହରିଚନ୍ଦନପୁର ବିଡ଼ିଓ ଓ ଜିଲ୍ଲାପାଳଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି ଓ 'ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଦ୍ୱିତୀୟ:୨୦୨୬ ଜାନୁଆରୀ ୩୧ ତାରିଖରୁ ସମସ୍ତ ୭ଟି ବ୍ଲକରେ ଶୁଭାରମ୍ଭ କରାଯାଇଥିଲା ଓ ଏହି ଅଭିଯାନ ୨୦୨୬ ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିଲା। ଯେଉଁଥିରେ ଶିଶୁଙ୍କ ପୃଷ୍ଟିକର ଖାଦ୍ୟ, ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳ ଓ ଶୌଚାଳୟ ସୁବିଧା ଏବଂ ଗୋପାଳନ କ୍ଷେତ୍ରରେ ଟୀକାକରଣ ଭଳି ୬ ଗୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଧ୍ୟାନ ଦିଆଯାଉଛି।
ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଶିକ୍ଷା ସ୍ୱାସ୍ଥ୍ୟ ଓ ମୌଳିକ ଭିତିଭୂମିର ସୁଧାର ପାଇଁ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହଉଛି। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ବିଭିନ୍ନ ଗୁରତ୍ୱପୂର୍ଣ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୂଚକାଙ୍କରେ ବ୍ଲକମାନଙ୍କ ମଧ୍ୟରେ ରାଙ୍କିଙ୍ଗ କରାଯାଇ ବିକାଶ ପାଇଁ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରାଯାଉଛି। ଏହାଦ୍ୱାରା ଏହି ଅଂଚଳ ଗୁଡିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି। ପରେ ପରେ କେନ୍ଦୁଝର ଆକାଂକ୍ଷୀ ବ୍ଲକର ବିଭିନ୍ନ ପ୍ରକଳ୍ପ ଓ ଅଙ୍ଗନବାଡି କେନ୍ଦ୍ର ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପନିର୍ଦ୍ଦେଶକ(ଯୋଜନା ଓ ପରିସଂଖ୍ୟାନ) ଗଜେନ୍ଦ୍ର କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ୭ ଗୋଟି ବ୍ଲକର ବିଡ଼ିଓ ଓ ଅନ୍ୟ ବ୍ଲକ ଅଧିକାରୀ ଆଭାସୀ ମାଧ୍ୟମରେ ଓସୱାନ କେନ୍ଦ୍ରରୁ ଯୋଗ ଦେଇଥିଲେ।

## ଏକ୍ସ କ୍ୟାଡର ଶିକ୍ଷକ ମାନଙ୍କ ଦରମା ପାଇବାରେ ବିଳମ୍ବ

ଘଟଗାଁ , ୧୦/୦୭ (ନି.ପ୍ର): ସରକାରଙ୍କ ବିଚିତ୍ର ଯୋଗୁ ଏ କ୍ସ କ୍ୟାଡର ଶିକ୍ଷକ ମାନେ ନିୟମିତ ଦରମା ପାଇବାର ବଂଚିତ ହେଉଥିବା ଅଭିଯୋଗ ହୋଇଛି ସୂଚନା ଯୋଗ୍ୟ ଯେ ଏ କ୍ସ କ୍ୟାଡର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦରମା ଡିଗୀ ଗାନ ମାଧ୍ୟମରେ ପ୍ରତ୍ୟେକ ମାସ ୨କିମ୍ବା ୩ ମାସରେ ନିୟମିତ ଶିକ୍ଷକ ମାନଙ୍କ ମିଳି ଯାଉଥିଲା। କିନ୍ତୁ ଏବେ ଏକ ଚେକ ସିଷ୍ଟମ କରାଯାଇ ଥିବାରୁ ଠିକ ସମୟରେ ଶିକ୍ଷକ ମାନେ ଦରମା ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହୋଇଛି । ଶୁଣିବାକୁ ମିଳେ ଯେ ଚେକ ସିଷ୍ଟମରେ ଦରମା ଅନୁଦାନ ଟଙ୍କା ଅନେକ ଦିନରୁ ଡିପିସି ଅଫିସକୁ ଆସିଥିଲେ ମଧ୍ୟ ଡିପିସି ଅଫିସର କର୍ମଚାରୀ ମାମାନଙ୍କ ଆନ୍ତରିକତା ଇଛା ଶକ୍ତି ଅଭାବରୁ ଶିକ୍ଷକ ମାନଙ୍କ ଦରମା ଟଙ୍କା ବିଲପାସ ପାଇଁ କଲେକ୍ଟରଙ୍କ ଦସ୍ତକତ ପାଇଁ ବିଳମ୍ବ କରାଯାଉଛି ଫଳରେ ଶିକ୍ଷକ ଶିକ୍ଷୟତ୍ରୀମାନେ ୨/୩ମାସ ଦରମା ନପାଇ ବହୁ ଅସୁବିଧାର ଶିକାର ହେଉ ହେଉଛନ୍ତି ।


13001/1137/2627

**OFFICE OF THE BALASORE MUNICIPALITY, BALASORE**
**BALASORE, (ODISHA), PIN- 756003**
**Tel No- 06782-251267(O)**
**Email- Balasoremunicipality@rediffmail.com (GSTIN-21AAAGB00009D1ZM**

**INVITING EXPRESSION OF INTEREST**

(EOI regarding leasing of Municipality guest house)

The Executive Officer, Balasore Municipality on behalf of Balasore Municipal Council, Balasore invites EOI (Expression of Interest) for lease out of Municipality guest house situated at OT Road, Bhaskarganj, Balasore on as based to a timely line for a period of 02 years (Two) & Extension of 01 (One) Year based on satisfactory performance /(deprived on the healthy & positive response of the lease) towards his establishment. The willing participants can submit their proposals upto 21.07.2026 till 4:30 PM. The same will be opened on Dt 22.07.2026 at 11:30 AM by the Tender/Purchase Committee constituted for the above purpose.

( can be obtained in detail from Govt Website http://balasore.odisha.gov.in)

This is for your kind information and necessary action at your end.

OIPR: 13001/13154/1/26-27/0020

**Executive Officer,**
**Balasore Municipality**



**AFFIDAVIT**

By virtue of an affidavit before the Executive Magistrate Basudevpur, I Smt. Sushree Sangita Sahu, age about 39 yrs, W/o- Niranjan Sahu of vill/ Po- Mahisapata, Ps.- Nilgiri, Dist- Balasore declare that, I am the mother of Priyanhu Sahu, For and of behalf of my minor son, I wholly renounce, relinquish and abandon the use of the former name of my minor son Priyanhu Sahu and in place thereof assume from the date hereof the name of such minor as Priyanshu Sahu. From now on he shall be known as Priyanshu Sahu for all purposes.

**Sushree Sangita Sahu**


## ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଜୟପୁର, ୧୦/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ନାରାୟଣ ପାଟଣା ପଂଚାୟତ ସମିତି ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଙ୍କ ଅଧ୍ୟକ୍ଷତାରେ ପୋଡ଼ାପଦର ସଦର ପଂଚାୟତ ଠାରେ ପ୍ରଥମ ପର୍ଯ୍ୟାୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ନିମନ୍ତେ ବିଭିନ୍ନ ବିଭାଗର ଛଅଟି ଷ୍ଟଲ ଖୋଲା ଯାଇଥିବା ବେଳେ ବ୍ଲକର ନଅଟି ପଂଚାୟତର ବହୁ ସଂଖ୍ୟାରେ ଭିନ୍ନକ୍ଷମ ମାନେ ଯୋଗ ଦେଇଥିଲେ। ଏଥିରେ ସମୁଦାୟ ୧୩୯ ଜଣ ଭିନ୍ନକ୍ଷମ ନିଜ ନିଜ ନାମ ପଞ୍ଜିକରଣ କରିଥିବା ବେଳେ ପଂଚାୟତ ନିର୍ବାହୀ ଅଧିକାରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ,ସମସ୍ତ ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ନାମ ପଞ୍ଜିକରଣ କରିବା ସହ ଭିନ୍ନକ୍ଷମ ମାନଙ୍କୁ ସାହାଯ୍ୟ ସହଯୋଗ କରିଥିଲେ। ନାରାୟଣପାଟଣା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ ଦୋରା, ପୋଡ଼ାପଦର ସରପଂଚ ଦୟା ହବିକା, ବୋରିଗୀ ସରପଂଚ ସୁରେନ୍ଦ୍ର ପାଙ୍ଗି, ପୋଡ଼ାପଦର ସମିତି ସଭ୍ୟ ସନା ନାଚିକା ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆକାଶ ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ପୋଗ୍ରାମ ଆଶିଷ୍ଟାଣ୍ଡ ପ୍ରଶାନ୍ତ କୁମାର ହିଆଲ ଓ ଜୁନିୟର ଆସିଷ୍ଟାଣ୍ଡ ଅର୍ଜୁନ ମାଝୀଙ୍କ ସମେତ ବ୍ଲକ୍ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।ଏହି କ୍ଷେତ୍ରରେ କୋରାପୁଟରୁ ପାଂଚଜଣ ବିଶେଷଜ୍ଞ ଡାକ୍ତର ଯୋଗ ଦେଇ ଭିନ୍ନକ୍ଷମ ଓ ମାନସିକ ଅନଗ୍ରସର ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ପବିତ୍ର ଘୋଷଯାତ୍ରା ପାଇଁ ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ନୀଳଗିରି, ୧୦/୭ (ନି.ପ୍ର): ସ୍ଥାନୀୟ ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ପବିତ୍ର ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବାପାଇଁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବେ ମାନ୍ୟବର ବିଧୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ଯୋଗଦେଇଥିବା ବେଳେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ବସନ୍ତ ରାଉଳ,ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦିବ୍ୟଜ୍ୟୋତି ଦାଶ,ଏନ୍ ଏ ସି ନିର୍ବାହୀ ଅଧକାରୀ ଶ୍ରୀଯୁକ୍ତ ଅଂଶୁମାନ ପରିଡ଼ା, ନୀଳଗିରି ଠାକୁରମାହାଲର ବଂଶାନୁକ୍ରମିକ ଟ୍ରଷ୍ଟି ରାଣୀ ମନୋଜାମଞ୍ଜରୀ ଦେବୀ,ବ୍ଲକ୍ ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଏନ୍ ଏ ସି.କାର୍ଯ୍ୟନିର୍ବାହୀ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ରନାଥ ବେହେର ପ୍ରମୁଖ ମଞ୍ଚାସିନ ଥିଲେ। ଏହି ପବିତ୍ର ଘୋଷଯାତ୍ରାକୁ ଶାନ୍ତି, ଶୃଙ୍ଖଳା ଓ ସୁଚାରୁରୂପେ ସମ୍ପନ୍ନ କରିବାପାଇଁ ଅଧକ୍ଷ ଶ୍ରୀମତୀ ରଥ ଉପସ୍ଥିତ ସମସ୍ତ ସଦସ୍ୟା/ସଦସ୍ୟ ମାନଙ୍କ ସହଯୋଗ କାମନା କରିବା ସହ ବିବରଣୀ ଅନୁସାରେ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ଓ ପରାମର୍ଶକ୍ରମେ ନିମ୍ନ ପ୍ରମୁଖ ନିଷ୍ପତି ମାନ ଗ୍ରହଣ କରାଯାଇଛି ।ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଉତ୍ତରରେ ମହାରଣା ଓ ସହଯୋଗୀ ରଥର ଆନୁଷଙ୍ଗିକ ସମସ୍ତ ନିର୍ମାଣ କାର୍ଯ୍ୟର ସମାପ୍ତ ହୋଇଛି ବୋଲି ପ୍ରକାଶ କରିଥିଲେ ଏବଂ ଅଧକ୍ଷ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ଶେଷକରିବା ସହିତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଠାରୁ ରଥର ଯୋଗ୍ୟତା ପ୍ରମାଣପତ୍ର ପାଇଁ ନିର୍ଦ୍ଦେଶ ଦିଆଯାଇଛି ।ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ କ୍ଷେତ୍ରରେ ରଥଯାତ୍ରା ସମୟରେ ବ୍ୟାପକ ପୋଲିସ ମୁତୟନ ସହ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ସି ସି ଟିଭି ବ୍ୟବସ୍ଥା ଓ ସହରରେ ଯେପରି କୌଣସି ଟ୍ରାଫିକ ସମସ୍ୟା କିମ୍ୱା ଜାମ ନହୁଏ, ସେଥିପାଇଁ ସ୍ୱତନ୍ତ୍ର ଟ୍ରାଫିକ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି ।ରଥାରୂଢ଼ ସଦସ୍ୟ ଓ ବକ୍ତାଭାବେ ରଥ ଉପରେ କେଉଁ ପ୍ରବଚକ, ସେବାୟତ ଓ ସଦସ୍ୟମାନେ ଉପସ୍ଥିତ ରହିବେ ତାହାର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇଛି ।ଜଳ ଓ ବିଦ୍ୟୁତସେବା ନିରବିଚ୍ଛିନ୍ନ ଭାବେ ଜାରିରଖିବା, ସେବା ସମୟରେ ଅଦିନିଆ ବିଦ୍ୟୁତ କାଟ୍ ଯେପରି ନହୁଏ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛପାନୀୟ ଜଳଯୋଗାଣ କରାଯିବା ଜନସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟଜଳଯୋଗାଣ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ସୂଚନାକେନ୍ଦ୍ର, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଏକ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ଏକ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲା ଯିବା ପାଇଁ ନିଷ୍ପତି ହୋଇଛି । ରଥଯାତ୍ରା ସମୟରେ ସହରର ଗାରିମା ରକ୍ଷାକରିବାପାଇଁ ଆଇନ୍ ଶୃଙ୍ଖଳା ରକ୍ଷା ଏବଂ ଶାନ୍ତି ପୂର୍ଣ୍ଣ ବାତାବରଣ ପାଇଁ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ସମୟରେ ୩ଦିନ ଲେଖାଏଁ ସମ୍ପୃକ୍ତ ଅଞ୍ଚଳରେ ଏବଂ ବଡ଼ଦାଣ୍ଡ ଆଖ ପାଖରେ ଥିବା ସମସ୍ତ ବିଦେଶୀ ଓ ଦେଶୀ ମଦ ଦୋକାନ,ଆମିଷ ଏବଂ ରଙ୍ଗ ବୋଳା ଭୋଗ ସାମଗ୍ରୀ ଉପରେ କଟକଣା ଜାରି ପାଇଁ ପ୍ରଚାର କରାଯିବା ସହ ବାଲେଶ୍ୱର ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏତଦ୍ ଭିନ୍ନ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ସହରର ପ୍ରମୁଖ ସ୍ଥାନ ମାନଙ୍କରେ ଓ ବଡ଼ଦାଣ୍ଡ ପାର୍ଶ୍ୱରେ ପର୍ଯ୍ୟାପ୍ତ ଅସ୍ଥାୟୀ ଭ୍ରାମ୍ୟମାଣ ପରିସ୍ରାଗାର ତିଆରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସହର ଏବଂ ମୁଖ୍ୟ ରାସ୍ତା ଗୁଡ଼ିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଅଳିଆ ଆବର୍ଜନା ସଫା କରାଯିବା ଉପରେ ଗୁରୁତ୍ୱ ଦେବାକୁ ସିଦ୍ଧାନ୍ତ ହୋଇଛି । ରଥ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା ସ୍ଥାନୀୟ ପ୍ରଦର୍ଶନୀ ଭଳି ପଡ଼ିଆରେ ପାରମ୍ପରିକ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପବିତ୍ର ଘୋଷ ଯାତ୍ରା ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ସୁରକ୍ଷା ଓ ସେବାକୁ ସୁନିଶ୍ଚିତ କରିବା ପାଇଁ ପ୍ରଶାସନ,ପୋଲିସ ପ୍ରଶାସନ ଓ ପୌର ପରିଷଦଙ୍କ ମିଳିତ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପରାମର୍ଶ ଦେଇଥିଲେ। ଏହି ମହାପ୍ରଭୁଙ୍କ ମହାନ ପବିତ୍ର ଘୋଷ ଯାତ୍ରା ପାଇଁ ଦ୍ୱିତୀୟ ତଥା ଚୂଡ଼ାନ୍ତ ବୈଠକରେ ନୀଳଗିରି ସହରର ବୁଦ୍ଧିଜୀବି, ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ,ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଆଇନଜୀବୀ, ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ସମେତ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଶେଷରେ ବୈଠକର ସଫଳତା ନିମନ୍ତେ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାମମନ୍ଦିର ଦାନ ଚୋରି ...

ଆବେଦନକାରୀ ମାନେ ଆହୁରି କହିଛନ୍ତି, ସିସିଟିଭି ଫୁଟେଜ୍, ଡିଭିଆର ରେକର୍ଡ ଓ ଅନ୍ୟ ଇଲେକ୍ଟ୍ରୋନିକ ପ୍ରମାଣ ନଷ୍ଟ କିମ୍ବା ପରିବର୍ତ୍ତନ କରାଯିବାର ଆଶଙ୍କା ରହିଛି। ତେଣୁ ପ୍ରମାଣ ସୁରକ୍ଷିତ ରଖିବା ସହ ଅର୍ଥର ପ୍ରବାହର ସମ୍ପୂର୍ଣ୍ଣ ଯାଞ୍ଚ କରି ଦୋଷୀଙ୍କୁ ଚିହ୍ନଟ କରିବା ପାଇଁ ସ୍ୱାଧୀନ ତଦନ୍ତ ଜରୁରି ବୋଲି ସେମାନେ ଦର୍ଶାଇଛନ୍ତି। ଏପଟେ, ଉତ୍ତରପ୍ରଦେଶ ପୁଲିସ ଓ ଏସ୍ଆଇଟିର ତଦନ୍ତରେ ଏପର୍ଯ୍ୟନ୍ତ ଆଠ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତ ବେଳେ ନଗଦ ଅର୍ଥ ସହ କିଛି ବ୍ୟାଙ୍କ ଖାତା ମଧ୍ୟ ଜବତ କରାଯାଇଛି। ଏହି ଘଟଣାକୁ ନେଇ ମନ୍ଦିର ପରିଚାଳନା ଓ ଦାନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଥିବାରୁ ସୁପ୍ରିମ୍‌କୋର୍ଟର ଆସନ୍ତା ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି।

### ଶୃଙ୍ଖଳିତ ରଥଯାତ୍ରା ପାଇଁ ...

ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ, ସେଥିପାଇଁ ସ୍ୱତନ୍ତ୍ର ହେଲପ ଡେସ୍କର ବ୍ୟବସ୍ଥା ରହିବ। ଭିଡ଼ ନିୟନ୍ତ୍ରଣ ଓ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅନେକ ଇଭାକ୍ୟୁସନ କରିଡ଼ର ନିର୍ମାଣ କରାଯାଇଥିବାବେଳେ ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ଏକ ସମନ୍ୱିତ କମାଣ୍ଡ ଆଣ୍ଡ କଂଟ୍ରୋଲ ସେଂଟର ଜରିଆରେ ମନିଟରିଂ କରାଯିବ ବୋଲି ଜଣାପଡ଼ିଛି। ପୁରୀରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୧୨ହଜାର ପୁଲିସ ଓ କେନ୍ଦ୍ରୀୟ ପୁଲିସଙ୍କୁ ମୁତୟନ କରାଯିବ। ଏମାନଙ୍କ ବ୍ୟତୀତ ଭାରତୀୟ ନୌସେନା ଓ କୋଷ୍ଟାଗାର୍ଡକୁ ମଧ୍ୟ ଆଲର୍ଟ ମୋଡରେ ରହିବେ। ଏହି ସୁରକ୍ଷା ବ୍ୟବସ୍ଥାର ତଦାରଖ ଦାୟିତ୍ୱରେ ୧୯ଜଣ ବରିଷ୍ଠ ଆଇପିଏସ୍ ଅଧିକରୀଙ୍କୁ ମୁତୟନ କରାଯିବ। ବଡ଼ଦାଣ୍ଡ ଓ ପୁରୀ ସହର ଉପରେ ନଜର ରଖିବା ପାଇଁ ୪୭୩ଟି ସିସିଟିଭି କ୍ୟାମେରା ଲାଗିଛି। ଭକ୍ତମାନଙ୍କୁ ଓଡ଼ିଆ, ହିନ୍ଦି ଓ ଇଂରାଜୀ ଭାଷାରେ ଜରୁରୀ ସୂଚନା ଦେବା ପାଇଁ ୬୫ଟି ବଡ଼ ଏଲଇଡି ସ୍କ୍ରିନ୍ ଲଗାଯିବ। ମୋବାଇଲ ନେଟୱାର୍କକୁ ସୁଦୃଢ଼ କରିବା ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟେଲିକମ୍ ଟାୱାର କାର୍ଯ୍ୟ କରୁଛି। ଏହାସହିତ ସନ୍ଦିଗ୍ଧ ବ୍ୟକ୍ତି ଓ ନିଶା ସେବନକାରୀଙ୍କ ଉପରେ ନଜର ରଖିବା ସମେତ ଖାଦ୍ୟ ଓ ପାନୀୟ ଜଳର ମାନ ଯାଂଚ କରିବା ଓ ପାଣିପାଗ ଅନୁସାରେ ଉପଯୁକ୍ତ ପଦକ୍ଷେପ ତୁରନ୍ତ ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପରିମଳ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ରଖିବା ପାଇଁ ୧୭୦୦ଟି ବାୟୋ ଟଏଲେଟର ବ୍ୟବସ୍ଥା ହୋଇଥିବାବେଳେ ପ୍ରତି ୫ଟି ଟଏଲେଟର ସଫେଇ ଦାୟିତ୍ୱରେ ଜଣେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଶ୍ରଦ୍ଧାଳୁଙ୍କ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ୮ଟି ଅସ୍ଥାୟୀ ହସ୍ପିଟାଲ ନିର୍ମାଣ କରାଯାଇଛି। ଚଳିତବର୍ଷ ରଥଯାତ୍ରା ଉପଲକ୍ଷେ ପୁରୀକୁ ପ୍ରାୟ ୩୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଥିବାରୁ ଟ୍ରେନ ସମୟ ଅନୁସାରେ ଭକ୍ତଙ୍କ ଆଗମନ ଓ ଭିଡ଼ ନିୟନ୍ତ୍ରଣ କରିବାକୁ ମଧ୍ୟ ରେଳବାଇ ଓ ସ୍ଥାନୀୟ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଆଇନ ମନ୍ତ୍ରୀଙ୍କଠୁ ଆରମ୍ଭ କରି ମୁଖ୍ୟ ସଚିବ, ପୁଲିସ ଡିଜି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### କେଜିରୁ ପିଜି ମାଗଣା ପାଠପଢ଼ାକୁ...

ସରକାରଙ୍କ ନିର୍ଦ୍ଦେଶ ସତ୍ୱେ କଲେଜ କର୍ତ୍ତୃପକ୍ଷ ଟଙ୍କା ନେଉଥିବାରୁ ପ୍ରଶ୍ନ ଉଠାଇଛି ଅଭିଭାବକ ସଂଘ। କେଉଁ ବାବଦକୁ କେତେ ଟଙ୍କା ଛାଡ ହେବା, ସେନେଇ ସରକାର ସ୍ପଷ୍ଟୀକରଣ ଆଣନ୍ତୁ ବୋଲି ଦାବି କରିଛି ଅଭିଭାବକ ମହାସଂଘ। ନାମଲେଖା ଫିଙ୍କୁ ନେଇ ଦ୍ୱନ୍ଦ୍ୱ ଭିତରେ ସ୍ପଷ୍ଟିକରଣ ରଖିଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। କହିଛନ୍ତି, କେଜିରୁ ପିଜି ଯୋଜନା କେବଳ ସରକାରୀ କଲେଜ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜ ପାଇଁ ଲାଗୁ। ବେସରକାରୀ କିମ୍ବା ପଞ୍ଜୀକରଣ କରିନଥିବା କଲେଜ ପାଇଁ ଏହି ଯୋଜନା ଲାଗୁ ହୁଏ ନାହିଁ। କେବଳ ସେତିକି ନୁହେଁ, ସରକାରୀ କଲେଜରେ ଦିଆଯାଉଥିବା ପ୍ରଫେସନାଲ୍ କୋର୍ସ ପାଇଁ ମଧ୍ୟ ଲାଗୁ ହେବନି ଏହି ନିୟମ। ସରକାରୀ କଲେଜରେ ଏବେ ସାଧାରଣ ନାମଲେଖା ପ୍ରକ୍ରିୟା ଯାହା ରହିଛି ସେହିପରି ରହିବ। ପରେ ପିଲାମାନେ ଆଡମିସନ୍ ଟଙ୍କା ଫେରିପାଇବେ।

### ନ୍ୟୁଜିଲାଣ୍ଡ ଗସ୍ତରେ ପ୍ରଧାନମନ୍ତ୍ରୀ ...

ଏହାକୁ ଦୁଇଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ଲକ୍ସନଙ୍କ ନିମନ୍ତ୍ରଣରେ ନ୍ୟୁଜିଲାଣ୍ଡ ଗସ୍ତ କରିଛନ୍ତି ମୋଦୀ। ବାଣିଜ୍ୟ ଏବଂ ପ୍ରତିରକ୍ଷା ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯିବ। ପ୍ରମୁଖ ବ୍ୟବସାୟ ଏବଂ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ସହ ଆଲୋଚନା କରିବେ ମୋଦୀ। ଭାରତୀୟ ପ୍ରବାସୀମାନଙ୍କର ବିଶାଳ ସମାବେଶକୁ ମୋଦୀ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଭାରତୀୟ ସମ୍ପ୍ରଦାୟ ଜୀବନ୍ତ ସେତୁ ଭାବରେ କାର୍ଯ୍ୟ କରିଆସୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ଦୁଇରାଷ୍ଟ୍ରର ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା ସହିତ ଦ୍ୱିପାକ୍ଷିକ ସମ୍ପର୍କ ନୂଆ ଗତି ପାଇବ ବୋଲି ଆଶା କରାଯାଉଛି। ମୋଦୀଙ୍କ ନ୍ୟୁଜିଲାଣ୍ଡ ଗସ୍ତ ନେଇ ସମସ୍ତେ ଉତ୍ସାହିତ ଅଛନ୍ତି। ଭାରତ-ନ୍ୟୁଜିଲାଣ୍ଡ ସହଭାଗିତାର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିବା କୁହାଯାଉଛି।

### ଇରାନ ଟ୍ରମ୍ପଙ୍କୁ ମାରିବାକୁ ଯୋଜନା ...

କରିବାକୁ ପଣ କରିଛି। ଅନ୍ୟପକ୍ଷରେ ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମ ବେଳେ ମଧ୍ୟ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ତେହେରାନରେ ଦାବି ଉଠିଥିଲା। ସିଏନ୍ଏନ୍ ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ଚେତାବନୀ ଚଳିତ ସପ୍ତାହରେ ଦିଆଯାଇଥିଲା। ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକ ଗତ କିଛି ସପ୍ତାହ ଧରି ଟ୍ରମ୍ପଙ୍କୁ ଟାର୍ଗେଟ କରି ହତ୍ୟା ଷଡ଼ଯନ୍ତ୍ର କରିବାକୁ ସୂଚନା ଦେଉଥିବା ଏକ ସୂତ୍ର ଉପରେ ନଜର ରଖିଥିଲେ। ତଥାପି ଇସ୍ରାଏଲୀ ଚେତାବନୀ ନୂତନ ରହିଛି କାରଣ ଏହା ଏକ ନିର୍ଦ୍ଦିଷ୍ଟ କଥିତ ଷଡ଼ଯନ୍ତ୍ରକୁ ଉଲ୍ଲେଖ କରିଛି। ତେବେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରିବାକୁ ଇସ୍ରାଏଲ ଏହି ଗୁଇନ୍ଦା ରିପୋର୍ଟ ପ୍ରଦାନ କରିଥାଇ ପାରେ ବୋଲି ଅନେକ ଆମେରିକୀୟ ଅଧିକାରୀ କହିଛନ୍ତି। ଆମେରିକା ଇରାନ ଉପରେ ଆକ୍ରମଣକୁ ଅଧିକ ଜୋରଦାର କରିବ କି ନାହିଁ ସେ ଉପରେ ଟ୍ରମ୍ପ ବିଚାର କରୁଥିବାବେଳେ ଇସ୍ରାଏଲ ଏପରି ସୂଚନା ଅଧିକ ଉତ୍ତେଜନା ବୃଦ୍ଧି କରିବାର ସମ୍ଭାବନା ରହିଛି।

### ଓପିଏସ୍‌ସି ...

୧୯୦୫ ଜଣ ମହିଳାଙ୍କ ସମେତ ୫୬୯୦ ଜଣ ଏହି ପ୍ରାଥମିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏହାର ଲିଖିତ ପରୀକ୍ଷା ଚଳିତ ବର୍ଷ ଅକ୍ଟୋବରରେ କରାଯିବାକୁ ଓପିଏସ୍ଏସି ଯୋଜନା ରଖିଛି। ଏନେଇ ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରାଥମିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୫୬୯୦ଜଣ ପ୍ରାର୍ଥୀଙ୍କ ତାଲିକା ମଧ୍ୟରୁ ପ୍ରଥମ ଦୁଇ ପୃଷ୍ଠା ଏଠାରେ ପ୍ରତୀକାତ୍ମକ ଭାବେ ପ୍ରକାଶ କରାଯାଇଛି। ବଳକା ତାଲିକା ଓପିଏସ୍‌ସି ଡଟ୍ ଗଭ୍ ଡଟ୍ ଇନ୍ (http://opsc.gov.in) ରେ ଦେଖିପାରିବେ।

## କଂଗ୍ରେସ କର୍ମୀଙ୍କୁ ମିଥ୍ୟା ମାମଲାରେ ଜେଲ ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ

ପୁରୀ, ୧୦/୭ (ନି.ପ୍ର): ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କଚେରି ଛକରେ ଜିଲ୍ଲା ପୋଲିସ ଓ ରାଜ୍ୟ ଶାସନ ବିରୁଦ୍ଧରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ ଓ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ଇଂ ରାଜେଶ କୁମାର ମିଶ୍ରଙ୍କ ସଭାପତିତ୍ୱ କରିଥିଲେ । ଗତ ତା୦୬/୦୭/୨୦୨୬ରିଖ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗଦେବା ପୂର୍ବରୁ କଂଗ୍ରେସ ପକ୍ଷରୁ କଳା ପତାକା ପ୍ରଦର୍ଶନ କରାଯାଇଥିଲା । ପୋଲିସ ପକ୍ଷରୁ କଳାପତାକା ପ୍ରଦର୍ଶନକାରୀ କଂଗ୍ରେସ କର୍ମୀଙ୍କୁ ଅଟକ ଓ ଗିରଫ କରାଯାଇଥିଲା । ଅବିନାଶ ମିଶ୍ର ଓ ରାମଚନ୍ଦ୍ର ସାହୁଙ୍କୁ ମିଥ୍ୟା ମାମଲାରେ ହତ୍ୟା ଉଦ୍ୟମ ଦଫା ଲଗାଇ ଜେଲକୁ ପଠାଇ ଦେଇଥିଲେ । ଏହାର ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା । ଏହା ସହ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ଆଠଦଫା ଦାବିପତ୍ର ପ୍ରଦାନ କରିଥିଲା ଏହି ଦାବିରେ ପାଠ୍ୟପୁସ୍ତକରେ ତୃଟି, ଏ ପର୍ଯ୍ୟନ୍ତ ସଠିକ ପାଠ୍ୟପୁସ୍ତକ ବିତରଣ ନ କରିବା,ପୁରୀବାସୀଙ୍କ ଶ୍ରୀମନ୍ଦିର ଦର୍ଶନ, ଲୋକଙ୍କ ସରଳ ଶ୍ରୀମନ୍ଦିର ଦର୍ଶନ, ରାମ ମନ୍ଦିର ଓ ବଦ୍ରିନାଥ ମନ୍ଦିରରୁ ଦାନ ଅର୍ଥ ଚୋରି,ଇସ୍କନକୁ କର୍ଡନ ପାସ ବାଂଟିବା, ପୁରୀ ମହାନଗର ନିଗମ ନଳା ସଫା ନକରିବା, ଅହେତୁକ ବିଦ୍ୟୁତ କାଟ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୋଡା ଜଳା ୟୁନିଟ ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର , ସିଟି ଡିଏସପି, ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ ଘଟଣାସ୍ଥଳକୁ ଆସି ପ୍ରତିଶୃତି ଦେଇ ତୁରନ୍ତ ସଠିକ ଦଫା ଲଗାଇ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଏହି ବିକ୍ଷୋଭରେ ପୂର୍ବତନ ଜିଲ୍ଲା ସଭାପତି ସତ୍ୟବ୍ରତ ପାତ୍ର, ଜୟ ନାରାୟଣ ପଟ୍ଟନାୟକ, ବିଦ୍ୟୁତଲତା ଆଚାର୍ଯ୍ୟ, ସୁଜିତ ମହାପାତ୍ର, ଟାଉନ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ମହାପାତ୍ର, ଜିଲ୍ଲା କଂଗ୍ରେସ ଉପସଭାପତି ନିରଞ୍ଜନ ରଥ, ଉପସଭାପତି ସଂଗଠନ ସୁକାନ୍ତ ପ୍ରଧାନ, ନିରଞ୍ଜନ ବିଶ୍ୱାଳ, ବିଶ୍ୱରଂଜନ ସାମନ୍ତରାୟ ଓ ସସ୍ମିତା ସ୍ୱାଇଁ, ଆଇନ ସେଲ ଅଧକ୍ଷ କାଳୀ ପ୍ରସାଦ ନାୟକ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସରସ୍ୱତୀ ପାତ୍ର ଓ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

## ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପରେ ବୃତ୍ତିଭିତ୍ତିକ ସିଲାଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ




ପାରାଦ୍ୱୀପ, ୧୦/୭ (ନି.ପ୍ର): ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପ ପୌରପାଳିକାର ସହଭାଗୀତାରେ ପାରାଦ୍ୱୀପ ପୌରପାଳିକାର ୩ ନମ୍ବର ୱାର୍ଡସ୍ଥିତ କଲ୍ୟାଣ ମଣ୍ଡପଠାରେ ଏହାର ସିଏସ୍ଆର୍ କାର୍ଯ୍ୟକ୍ରମ ପ୍ରକଳ୍ପ 'ଦକ୍ଷ' ଅଧୀନରେ ଏକ ବୃତ୍ତିଭିତ୍ତିକ ସିଲାଇ ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ମହିଳାମାନଙ୍କ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ଏଏମ୍/ଏନ୍ଏସ୍ ପୋର୍ଟସ୍ ଏହାର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି। ପାରାଦ୍ୱୀପ ପୌରପାଳିକାର ଅଧକ୍ଷ ଶ୍ରୀ ବସନ୍ତ ବିଶ୍ୱାଳଙ୍କ ଦ୍ୱାରା ଏହି କେନ୍ଦ୍ରଟି ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଉପାଧକ୍ଷା ଶ୍ରୀମତୀ ଛବିଲତା ରାଉତ, ଗୋଷ୍ଠୀ ସଂଗଠିକା ଶ୍ରୀମତୀ ଦୀପିକା ସାହୁ, ୱାର୍ଡ ନଂ-୩ର କାଉନସିଲର ଶ୍ରୀମତୀ କବିତା ସାହୁ, ତ୍ରିନାଥ ମତ୍ସ୍ୟଜୀବୀ ସଂଘର ସଭାପତି ଶ୍ରୀ ଧନେଶ୍ୱର ସାହୁ ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ ଯଥା ଅର୍ଥ ବିଭାଗର ମୁଖ୍ୟ ଶ୍ରୀ ପ୍ରଶାନ୍ତ ବେହେରା ଓ ବାଣିଜ୍ୟିକ ବିଭାଗର ଡିଜିଏମ ଶ୍ରୀ ଅନନ୍ତ ସୁବୁଦ୍ଧି ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ପାରାଦ୍ୱୀପ ପୌରପାଳିକାର ୨ ଓ ୩ ନମ୍ବର ୱାର୍ଡର ୩୩ ଜଣ ମହିଳାଙ୍କୁ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଭବିଷ୍ୟତରେ ଏହି ପଦକ୍ଷେପକୁ ସମଗ୍ର ପାରାଦ୍ୱୀପ ପୌରପାଳିକା ଅଞ୍ଚଳରେ ସମ୍ପ୍ରସାରଣ କରିବାକୁ ଯୋଜନା ରହିଛି। ଏହି କେନ୍ଦ୍ର ପାଇଁ କଲ୍ୟାଣ ମଣ୍ଡପର ସ୍ଥାନ ପାରାଦ୍ୱୀପ ପୌରପାଳିକା ପକ୍ଷରୁ ଉପଲବ୍ଧ କରାଯାଇଥିବା ବେଳେ ସମସ୍ତ ଯନ୍ତ୍ରପାତି ଏବଂ ଆନୁଷଙ୍ଗିକ ସୁବିଧା ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ୮ଟି ସିଲାଇ ମେସିନ୍ ରହିଛି ଯେଉଁଥିରେ ୬ଟି ମାନୁଆଲ୍ ଓ ୨ଟି ଇଲେକ୍ଟ୍ରିକାଲ୍ ମେସିନ୍ ଅନ୍ତର୍ଭୁକ୍ତ ଅଛି। ଏଥିସହ ଜଣେ ବିଶେଷଜ୍ଞ ପ୍ରଶିକ୍ଷକଙ୍କୁ ନିଯୁକ୍ତ ପ୍ରଦାନ କରାଯାଇଛି ଏବଂ ବର୍ତ୍ତମାନ ବଜାର ଚାହିଦାକୁ ଦୃଷ୍ଟିରେ ରଖି ଆଧୁନିକ ପ୍ରଶିକ୍ଷଣ ପ୍ରଦାନ ପାଇଁ ମାଗଣା କପଡ଼ା ମଧ୍ୟ ଯୋଗାଇ ଦିଆଯାଉଛି। ଏହି ଅବସରରେ ପାରାଦ୍ୱୀପ ପୌରପାଳିକାର ଅଧକ୍ଷ ଶ୍ରୀ ବସନ୍ତ ବିଶ୍ୱାଳ କହିଛନ୍ତି, "ଏହି ସିଲାଇ ପ୍ରଶିକ୍ଷଣ କେନ୍ଦ୍ରର ଉଦଘାଟନ ସ୍ଥାନୀୟ ଗୋଷ୍ଠୀକୁ ଦୀର୍ଘସ୍ଥାୟୀ ଜୀବିକା ସୁଯୋଗ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବା ଏବଂ ଆତ୍ମନିର୍ଭରଶୀଳତାର ସୁଯୋଗ ସୃଷ୍ଟି କରିବାରେ ଏଏମ୍/ଏନ୍ଏସ୍ ପୋର୍ଟସ୍‌ର ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି।" ଏହି ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସ ମୁଖ୍ୟ ଶ୍ରୀ ୟୁ.ଏସ.ଆର. ରାଜୁ କହିଛନ୍ତି ଯେ, "ଦୀର୍ଘସ୍ଥାୟୀ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ସଶକ୍ତିକରଣ ଏଏମ୍/ଏନ୍ଏସ୍ ଇଣ୍ଡିଆର ସର୍ବୋଚ୍ଚ ପ୍ରାଥମିକତା। ଏହି ଉଦଘାଟନ ଦକ୍ଷତା ବିକାଶ, ଆତ୍ମନିର୍ଭରଶୀଳତା ଏବଂ ସ୍ଥାନୀୟ ଲୋକଙ୍କ ସହିତ ସମ୍ପର୍କକୁ ଅଧିକ ଦୃଢ଼ କରିବା ପାଇଁ ଆମର ସଂକଳ୍ପକୁ ପ୍ରତିପାଦିତ କରୁଛି।" ଏହି ପଦକ୍ଷେପ ମାଧ୍ୟମରେ, ଏଏମ୍/ଏନ୍ଏସ୍ ପୋର୍ଟସ୍ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଜୀବିକା ସମ୍ପର୍କିତ ଦକ୍ଷତା ପ୍ରଦାନ ମାଧ୍ୟମରେ ସଶକ୍ତ କରୁଛି ଏବଂ ସ୍ଥାୟୀ ରୋଜଗାରର ସୁଯୋଗ ସୃଷ୍ଟି କରି ବ୍ୟାପକ ସ୍ତରରେ ସେମାନଙ୍କୁ ସ୍ୱାବଲମ୍ବୀ କରୁଛି।

## ସମାଜସେବୀ ଦୈତାରୀ ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୧୦/୭ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ପ୍ରବୋଧପୁର ମନ୍ଦାରି ଠାରେ ବିଶିଷ୍ଟ ଶିଳ୍ପପତି ତଥା ସମାଜ ସେବୀ ଦୈତାରୀ ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠି,ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ଓଡ଼ିଶା ବିଧାନ ସଭା ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମାଜ ସେବୀ ଭାଗୀରଥି ବଳ,ପୂର୍ବତନ ବିଧାୟକ ପର୍ଶୁରାମ ଧଡା,ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ରମାକାନ୍ତ ସେବା ଫାଉଣ୍ଡେସନ ଅଧକ୍ଷ ରତିକାନ୍ତ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ବିଜୟ କୁମାର ମହାନ୍ତି, ବିଜେପିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ପାରିଷଦ ଜଗବନ୍ଧୁ ଦାସ, ଭକ୍ତ ରଞ୍ଜନ ପଟ୍ଟନାୟକ, ପୌର ଉପାଧକ୍ଷ ଉତ୍ତମ କୁମାର ବାରିକ୍,ସମାଜ ସେବୀ ସୁରେଶ ମହାନ୍ତି,ଭାଗୀରଥି ନାୟକ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଦୈତାରୀ ବେହେରାଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଉତ୍ସବରେ ସମାଜ ସେବୀ ଦୈତାରୀ ବେହେରାଙ୍କ ପ୍ରତିମୂର୍ତ୍ତି ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଥିଲା । ଏହି ଉତ୍ସବରେ ସ୍ୱର୍ଗତ ଦୈତାରୀ ବେହେରାଙ୍କ ପୁତ୍ର ବିଶିଷ୍ଟ ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବାସୁଦେବପୁର ପୌର ଅଧକ୍ଷା ତଥା ଦୈତାରୀ ବେହେରାଙ୍କ ବୋହୂ ନିବେଦିତା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ। ଏହି ଉତ୍ସବରେ ବହୁ ରାଜନୈତିକ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ, ସମାଜସେବୀ,ବୁଦ୍ଧିଜୀବୀ, ଜ୍ଞାନୀ ଗୁଣି ତଥା ବିଭିନ୍ନ ବର୍ଗର ଜନ ସାଧାରଣ ଯୋଗ ଦେଇଥିଲେ। ସମସ୍ତେ ଦୈତାରୀ ବେହେରାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ।

## ଅନାଥ ଶିଶୁଙ୍କ ପାଇଁ ଜିଲ୍ଲା ପ୍ରଶାସନର ବଡ଼ ପଦକ୍ଷେପ: ଜଳେଶ୍ୱର ବ୍ଲକରେ ଆୟୋଜନ ହେଲା ସ୍ୱତନ୍ତ୍ର ଶିବିର

ଜଳେଶ୍ୱର, ୧୦/୭ (ନି.ପ୍ର): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲାରେ ଅନାଥ ତଥା ଅସହାୟ ଶିଶୁମାନଙ୍କ ସାମଗ୍ରିକ ବିକାଶ ଓ ପୁନର୍ବାସ ପାଇଁ ଆଜି ଜଳେଶ୍ୱର ବ୍ଲକ ସ୍ତରୀୟ ସମନ୍ୱୟ ଶିବିର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହିର ଙ୍କ ତତ୍ତ୍ୱାବଧାନରେ ସିଡ଼ିପିଓ ମିନତୀ ସିଂ ଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଥିଲା ।ଗତ ୨୦୨୫ ଜୁଲାଇ ମାସରେ ହୋଇଥିବା ଅନାଥ ସର୍ଭେ ପରବର୍ତ୍ତୀ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ଏବଂ ଚିହ୍ନଟ ହୋଇଥିବା ଶିଶୁମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ଯୋଡ଼ିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଜଳେଶ୍ୱର ବ୍ଲକ ସ୍ତରରେ ଆୟୋଜିତ ହୋଇଥିବା ଏହି ସ୍ୱତନ୍ତ୍ର ଶିବିରରେ ଯୋଗ୍ୟ ଶିଶୁ ଓ ସେମାନଙ୍କ ପରିବାରକୁ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ପେନସନ, ଜୀବିକା,ସ୍ପନସରସିପ୍ ଏବଂ ସାମାଜିକ ସୁରକ୍ଷା ଯୋଜନା ସହିତ ସଂଯୁକ୍ତ କରିବା ।ଶିଶୁମାନଙ୍କର ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ, ଜାତି, ଆବାସିକ ତଥା ଆୟ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଜରୁରୀକାଳୀନ କାଗଜପତ୍ର ତୁରନ୍ତ ପ୍ରସ୍ତୁତ କରାଯିବା ଦିଗରେ ସହାୟତା ଯୋଗାଇ ଦେବା। ଶିଶୁ ଓ ସେମାନଙ୍କ ଅଭିଭାବକ ମାନଙ୍କୁ ମାନସିକ ପରାମର୍ଶ ଦେବା। ସମ୍ପୃକ୍ତ ମେଡିକାଲ ଅଫିସରମାନଙ୍କ ଦ୍ୱାରା ଶିଶୁମାନଙ୍କର ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯାଇ ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇ ଦେବା। ବିଦ୍ୟାଳୟରୁ ବାଦ୍ ପଡ଼ିଥିବା କିମ୍ବା ପାଠ ଛାଡ଼ିଥିବା ଶିଶୁମାନଙ୍କୁ ବିଦ୍ୟାଳୟରେ ପୁନଃ ନାମଲେଖା କରାଇବା ପାଇଁ ପଦକ୍ଷେପ ଗ୍ରହଣ କରିବା ପ୍ରଭୃତି ସଂପର୍କରେ ପରାମର୍ଶ ଦିଆଯାଇ ଥିଲା। ପ୍ରଶାସନର ଏହି ସମନ୍ୱିତ ପ୍ରୟାସ ଦ୍ୱାରା ଜଳେଶ୍ୱର ବ୍ଲକରେ କୌଣସି ବି ଅନାଥ କିମ୍ବା ସହାୟତା ଲୋଡୁଥିବା ଶିଶୁ ଯେପରି ସରକାରୀ ସେବାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ଅଧକାରୀ ମାନେ କହିଥିଲେ। ଏହି ଶିବିରରେ ଶିଶୁ ମଙ୍ଗଳ କମିଟର ସଦସ୍ୟ ଯାଦବେସ ମିଶ୍ର,ଲୋପାମୁଦ୍ରା ମହାପାତ୍ର,ଜିଲ୍ଲାଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ସଂଯୁକ୍ତା ରାଉତ, ପରାମର୍ଶ ଦାତା ପୁଷ୍ପଲତା ଜେନା, ବାଲେଶ୍ୱର ଶିଶୁ ସହାୟତା ସୁପରଭାଇଜର ଉତ୍ତମ ନାୟକ ଅତିଥି ଭାବେ ଯୋଗଦେଇ ପରିଚାଳନା କରିଥିଲେ ।ଶାନ୍ତିଆ ଗାନ୍ଧୀ ସେବାଶ୍ରମ ସଂମ୍ପାଦକ ଅଶୋକ କୁମାର ଜେନା, ଅଧୀକ୍ଷକ ସରୋଜ କୁମାର ମହାପାତ୍ର,ଶିଶୁ ବିକାସ ଯୋଜନାର ସୁପର ଭାଇଜର ଶୀତଲ ସମିତା ମାଝୀ,ଶାନ୍ତିଲତା ସିଂ, ମନ୍ଦାକିନୀ ଜେନା, ସୁକାନ୍ତି ସିଂ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଶନିବାର, ଜୁଲାଇ ୧୧, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜନନୀ ଆମ୍ବୁଲାନ୍ସ ସେବାରେ ବାଧା

ଖଇରା,୧୦/୭(ନିପ୍ର): ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଥିବା ଜନନୀ ଆମ୍ବୁଲାନ୍ସ ସେବା ଟାୟାର ପରିବର୍ତ୍ତନ ନ ହେବାରୁ ୫ଦିନ ଧରି ଅଚଳ ହୋଇପଡିବା ଯୋଗୁଁ ସେବା ପାଇବାରୁ ଅଞ୍ଚଳବାସୀ ନାହିଁ ନଥିବା ଦୁର୍ଦ୍ଦଶା ରେ ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ଦ୍ୱାରା ବ୍ଲକ ସ୍ତରରେ ଶିଶୁ ମାତୃ ସୁରକ୍ଷା ନେଇ ଏକମାତ୍ର ଆମ୍ବୁଲାନ୍ସ ଯୋଗାଇଦିଆ ଯାଇଥିଲା। ଏହି ଆମ୍ବୁଲାନ୍ସ ଯୋଗୁଁ ୨ ଲକ୍ଷ ଜନସାଧାରଣ ନିର୍ଭର କରିଥାନ୍ତି। ଏହି ଆମ୍ବୁଲାନ୍ସ ର ୫୦ ହଜାରରୁ ୮୫ ହଜାର କିଲୋମିଟର ପହଞ୍ଚି ଥିବା ବେଳେ ଲାଗିଥିବ ଟାୟାର ର ଅବସ୍ଥା ଭଲ ନଥିବାରୁ ଗାଡ଼ି ସେବା ଦେବାରେ ସମର୍ଥ ହୋଇ ନପାରିବାରୁ ୫ ଦିନ ଧରି ଅଚଳ ହୋଇ ମେଡିକାଲ ପରିସରରେ ପଡ଼ି ରହିଛି।୫୦ ରୁ ଅଧିକ କଲ ଗର୍ଭବତୀ ମହିଳାମାନଙ୍କଠାରୁ ସେବା ପାଇବା ପାଇଁ ହେଲ୍ପଲାଇନକୁ ଯାଉଥିବା ବେଳେ ସେବା ପାଇବାରୁ ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି। ଅଧିକାଂଶ ସମୟରେ ରୋଗୀମାନଙ୍କର ସମ୍ପର୍କୀୟ ଚିନ୍ତା ରେ ପଡ଼ି ଜଟିଳ ସମସ୍ୟା ରେ ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ୫୦ ହଜାର କିଲୋମିଟର ଚାଲିବା ପରେ ଟାୟାର ପରିବର୍ତ୍ତନ ହେବା ପରିବର୍ତ୍ତେ ୮୫ ହଜାର କିଲୋମିଟର ଚାଲିବା ପରେ ମଧ୍ୟ ପରିବର୍ତ୍ତନ କରାନଯାଉ ନାହିଁ। ରୋଗୀ ନେଇ ସୋର, ବାଲେଶ୍ୱର ଓ ଭଦ୍ରକ ଯିବା ସମ୍ଭବ ନୁହଁ। ଶେଷ ରେ ଆମ୍ବୁଲାନ୍ସ ସେବା ଦେବା ପରିବର୍ତ୍ତେ ଅଚଳ ହୋଇପଡିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସେବା ହାତ ପାହାନ୍ତାରେ ମିଳିବା ପରିବର୍ତ୍ତେ ଅପହଞ୍ଚ ହୋଇପଡିଛି। ଗର୍ଭବତୀ ମାନେ ସୋର, ସିମୁଳିଆ, ଔପଦା,ଆଗରେ ପଡା ଆମ୍ବୁଲାନ୍ସ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ରାଜ୍ୟ ସରକାରଙ୍କ ଠାରୁ ଏକ ଘରୋଇ କମ୍ପାନୀ ଚୁକ୍ତି ସ୍ୱାକ୍ଷରିତ କରି ସେବା ପାଇଁ ଚୁକ୍ତିନାମା କରିଥିବା ବେଳେ ଏଥି ପ୍ରତି ରାଜ୍ୟସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




# ବାଲେଶ୍ୱର ଜିଲ୍ଲାରେ କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି ଭିତ୍ତିଭୂମିର ବିକାଶ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ



ବାଲେଶ୍ୱର, ୧୦/୭ (ନି.ପ୍ର): ଓଡ଼ିଶା ସରକାରଙ୍କ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୁରଜ ଆଜି ବାଲେଶ୍ୱର ଜିଲ୍ଲା ପରିଦର୍ଶନରେ ଆସି କଲେକ୍ଟରେଟ୍ ସଭାଗୃହରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, ବିଶେଷକରି କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି କ୍ଷେତ୍ରର ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ମାନ୍ୟବର ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ, ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ, ଓଡିଶା ଶ୍ରୀଯୁକ୍ତ କାଳୀ ପ୍ରସନ୍ନ ମହାପାତ୍ର, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟାବଂଶୀ ମୟୁର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଳବ୍ୟ, ଆଞ୍ଚଳିକ ନିର୍ଦ୍ଦେଶକ, ଶିକ୍ଷା ବିଭାଗ ଶ୍ରୀଯୁକ୍ତ ହେମନ୍ତ କୁମାର ଘୋଡେଇ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ ପ୍ରମୁଖ ମଂଚାସୀନ ଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ କଲେଜର ଭିତ୍ତିଭୂମି ସୁଦୃଢ଼ୀକରଣ, ନୂତନ ଏକାଡେମିକ୍ ସୁବିଧା, କ୍ରୀଡ଼ା ଷ୍ଟାଡିୟମ୍, ଖେଳ ପଡ଼ିଆ, ଇନଡୋର ହଲ୍ ଓ ଯୁବ ବିକାଶ ସମ୍ବନ୍ଧୀୟ ପ୍ରକଳ୍ପ ସହ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ସଂସ୍କୃତି ଭିତ୍ତିଭୂମିର ବିକାଶ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମନ୍ତ୍ରୀ ଶ୍ରୀ ସୁରଜ ସମସ୍ତ ପ୍ରକଳ୍ପକୁ ଗୁଣାତ୍ମକ ମାନ ବଜାୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ସହ ସରକାରୀ ଅର୍ଥର ସଠିକ୍ ବିନିଯୋଗ ଓ ଜନସାଧାରଣଙ୍କୁ ଶୀଘ୍ର ସୁବିଧା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ବାଲେଶ୍ୱର ଜିଲ୍ଲାକୁ କ୍ରୀଡ଼ା, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ମନ୍ତ୍ରୀ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଲୋକମାନଙ୍କ ଆଶା ଅନୁରୂପ ଫଳପ୍ରଦ କାର୍ଯ୍ୟ ସୁନିଶ୍ଚିତ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟ କ୍ରମରେ ଜିଲ୍ଲା ପ୍ରଶାସର ଅନେକ ଅଧିକାରୀ ମାନଙ୍କ ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ କଲେଜର ପ୍ରିନ୍ସିପାଲ ମାନେ ଯୋଗ ଦେଇଥିଲେ।

# ବାଲେଶ୍ୱରରେ ମଦ୍ୟପ ଗାଡ଼ିଚାଳକଙ୍କୁ ନେଇ 'ମନା'ର ଉଦ୍‌ବେଗ



ବାଲେଶ୍ୱର, ୧୦/୭ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ଶୁକ୍ରବାର ଦିନ ଅପରାହ୍ନରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ବାଲେଶ୍ୱରରେ ରାସ୍ତାରେ ଗାଡ଼ି ଚଳାଉଥିବା ମଦ୍ୟପ ଚାଳକଙ୍କ ସଂଖ୍ୟାବୃଦ୍ଧି ଏବଂ ସେମାନଙ୍କ ବେପରୁଆ ଗାଡ଼ି ଚାଳନା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାଦ୍ୱାରା ରାସ୍ତାରେ ଯାତାୟତ କରୁଥିବା ଲୋକମାନଙ୍କ ଜୀବନ ବିପଦାପନ୍ନ ହେଉଥିବାରୁ ସଡ଼କ ପରିବହନ ବିଭାଗ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ, ଦୁର୍ଘଟଣାକୁ କିଛିମାତ୍ରାରେ ରୋକାଯାଇପାରିବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇଥିବାରୁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବା ଉଚିତ ବୋଲି 'ମନା'ର ସଦସ୍ୟ ସଦସ୍ୟାମାନେ ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ତ୍ରିଦିବ ନାୟକ, ଗୀତାଞ୍ଜଳି ସିଂହ, ଶଚୀନ୍ଦ୍ର ଦାସ, କଲ୍ୟାଣୀ ନନ୍ଦ, ରମେଶ ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ମୀନା ସେଠୀ, ପୂର୍ଣ୍ଣଚନ୍ଦ୍ର ବେହେରା, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରିପଦାରେ ସ୍ୱତନ୍ତ୍ର ଲୋକ ଅଦାଲତ

ବାରିପଦା , ୧୦/୭ (ନି.ପ୍ର): ବାରିପଦା ସ୍ଥିତ ଜିଲ୍ଲା ନ୍ୟାୟାଳୟ ପରିସରରେ ଚଳିତ ମାସ ୧୮ ତାରିଖ (ଶନିବାର) ଦିନ ଏନ. ଆଇ. ଆକ୍ଟ କେସ୍ ଧାରା ୧୩୮ ଅନ୍ତର୍ଗତ (ଚେକ ବାଉନ୍ସ) ମୋକଦ୍ଦମା ଗୁଡିକର ସମାଧାନ ନିମନ୍ତେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଆୟୋଜିତ ହେବ। ଏହି ସ୍ୱତନ୍ତ୍ର ଲୋକ ଅଦାଲତ ମାଧ୍ୟମରେ ଦୀର୍ଘଦିନ ଧରି ଚାଲି ଆସୁଥିବା ବିଚାରାଧୀନ ମୋକଦ୍ଦମା ଗୁଡିକର ପକ୍ଷମାନଙ୍କ ସହମତିରେ ଆପୋଷ ବୁଝାମଣା ଦ୍ୱାରା ସମାଧାନ କରାଯାଇପାରିବ, ଯେଉଁଥିରେ କୌଣସି ଅର୍ଥ ବହନ କରିବାକୁ ପଡ଼ିବ ନାହିଁ। ତେଣୁ ଏହି ସୁଯୋଗର ସଦୁପଯୋଗ କରିବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ତରଫରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସବିଶେଷ ବିବରଣୀ ତଥା ବିଚାରାଧୀନ ବିବାଦର ଆପୋଷ ସମାଧାନ ପାଇଁ ଜିଲ୍ଲା ନ୍ୟାୟାଳୟ ପରିସରରେ ଥିବା ଆଇନ ସେବା ପ୍ରାଧିକରଣର ସମ୍ମୁଖ କାର୍ଯ୍ୟାଳୟରେ ଖୁବଶୀଘ୍ର ଯୋଗାଯୋଗ କରିବାକୁ ପ୍ରାଧିକରଣ ପକ୍ଷରୁ ନିବେଦନ କରାଯାଇଛି।

# ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି: କଂଗ୍ରେସ

ଭୁବନେଶ୍ୱର, ୧୦/୭ (ନି.ପ୍ର): ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି କହି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି କଂଗ୍ରେସ ବିଧାୟକ ମଙ୍ଗୁ ଖିଲ। ସେ କହିଛନ୍ତି ଯେ, ବହିରେ ଯେଉଁ ତ୍ରୁଟି ବାହାରିଲା ଯାହା ପାଇଁ ସରକାର ବଦନାମ ହେଲେ ସେଥିରୁ ଲୋକ ମାନଙ୍କୁ ବାହାର କରିବା ପାଇଁ ସରକାର କେଜିରୁ ପିଜି ମାଗଣା ଶିକ୍ଷା ବ୍ୟବସ୍ଥାର ଯୋଜନା କରିଛନ୍ତି। ଏହା ନିନ୍ଦନୀୟ ଘଟଣା। ଗତକାଲି ଯେଉଁମାନେ ନାମ ଲେଖାଇବା ପାଇଁ ଯାଇଥିଲେ ସେମାନଙ୍କୁ କଲେଜରେ ଫିସ୍ ମଗା ଯାଇଥିଲା। ସରକାର କଥା ଦେଇ କଥା ରଖି ନାହାନ୍ତି। ତେଣୁ ସରକାର ଯାହା କହୁଛନ୍ତି ତାହା କାମରେ କରି ଦେଖାନ୍ତୁ।

# ସବୁକିଛିରୁ ବଂଚିତ ଦିନମଜୁରିଆ ରାମଚନ୍ଦ୍ରଙ୍କ ପରିବାର

ଉଦଳା , ୧୦/୭ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଭଣ୍ଡାରିପାଳ ଗ୍ରାମରେ ବସବାସ କରୁଥିବା ସ୍ୱର୍ଗତଃ ବାଇଧର ନାଏକଙ୍କ ପୁତ୍ର 'ରାମଚନ୍ଦ୍ର' ଖୁବ୍ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ବାଧ ହେଉଥିବାର କଥା ଜଣାଇଛନ୍ତି । 'ରାମଚନ୍ଦ୍ର' ଏବଂ ତାଙ୍କର ସହଧର୍ମିଣି ଓ ୪ଜଣ ପିଲାପିଲିଙ୍କୁ ମିଶାଇ ପରିବାରର ମୋଟ ସଦସ୍ୟ ୬ଜଣ ଅଟନ୍ତି । ଦିନମଜୁରିଆ ଭାବରେ କାମ କରି 'ରାମଚନ୍ଦ୍ର' ପରିବାର ଚଳାଉଥିବା ବେଳେ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ପୁରା ପରିବାର ବଂଚିତ ଅଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଉଥିଲେ



ମଧ୍ୟ କେହି ଶୁଣୁନଥିବାର ଅଭିଯୋଗ 'ରାମଚନ୍ଦ୍ର' କରିଛନ୍ତି । ଖବର ନେବାରୁ କେବଳ 'ରାମଚନ୍ଦ୍ର'ଙ୍କୁ ଛାଡ଼ିଦେଲେ ପରିବାରର ଅନ୍ୟ ସଦସ୍ୟ ମାନଙ୍କର ଆଧାର କାର୍ଡ଼ ନାହିଁ । ଯେଉଁଥିପାଇଁକି ଖାଦ୍ୟ ଯୋଜନାରେ ଚାଉଳ ମିଳୁନଥିବାର ଜଣାଯାଇଛି । ତେବେ ଆଧାର ପାଇଁ ପରିବାରର ସମସ୍ତ ସଦସ୍ୟ ବାରମ୍ବାର ଫଟୋ ଉଠାଇଥିଲେ ମଧ୍ୟ କାର୍ଡ଼ କାହିଁକି ଆସୁନାହିଁ ତାହା ଜଣାନଥିବାର କଥା 'ରାମଚନ୍ଦ୍ର' କହିଛନ୍ତି । ପିତା ସ୍ୱର୍ଗତଃ ବାଇଧର ନାଏକ ତିଆରି କରିଥିବା ପୁରୁଣା ମାଟି କାନ୍ଥ ଓ ନଡ଼ାଛପର ଘରେ 'ରାମଚନ୍ଦ୍ର'ଙ୍କ ପରିବାର ବସବାସ କରୁଥିବା ବେଳେ ଆବାସ ଯୋଜନାରେ ଘର ମିଳିନାହିଁ । ପୁରୁଣା ଘରଟିକୁ ବିଦ୍ୟୁତ ସଂଯୋଗ ନଥିବାରୁ ରାତିରେ ଅନ୍ଧାରରେ ସମୟ ବିତାଇବାକୁ ପୁରା ପରିବାର ବାଧ ହୋଇଥାନ୍ତି । ସେହିପରି ପାଇଖାନା ଓ ପାଣି ପାଇଁ ପୁରା ପରିବାରକୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବାର କଥା 'ରାମଚନ୍ଦ୍ର' କହିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ଚତୁର୍ଥ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ ଅନୁଷ୍ଠିତ

ଭଦ୍ରକ, ୧୦/୭ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକଠାରେ ଆଜି ଚତୁର୍ଥ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା) ବୈଠକ ମାନ୍ୟବର ଲୋକସଭା ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ସାଂସଦ ଶ୍ରୀ ସେଠୀ କହିଲେ ଯେ, ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ନିର୍ବାଚିତ ଜନପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସୁଦୃଢ଼ ସମନ୍ୱୟ ଆବଶ୍ୟକ। ସାଧାରଣ ଜନତାଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସମସ୍ତ ବିଭାଗ ଅଗ୍ରାଧିକାର ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।ଏହି ବୈଠକରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର, ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ଅଶୋକ ଗୁହାଣ, ଭଣ୍ଡାରିପୋଖରୀ ବିଧାୟକ ଶ୍ରୀ ସଂଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ଶ୍ରୀ ଅଶୋକ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ ଜେନା, ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତରାୟ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ପ୍ରତିନିଧି ଏବଂ ସମସ୍ତ ବିଡିଓ ମଧ୍ୟ ଏଥିରେ ଯୋଗ ଦେଇଥିଲେ ।ତୃତୀୟ ଦିଶା ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଗଲା । ବର୍ଷା ଯୋଗୁଁ ଖରାପ ହୋଇଥିବା ରାସ୍ତାଗୁଡ଼ିକୁ ତୁରନ୍ତ ମରାମତି କରିବା ଏବଂ ନାଳ ଗୁଡ଼ିକରେ ଜମିଥିବା ଜଳକୁ ନିଷ୍କାସନ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଗଲା। ଜିଲ୍ଲାର ଚିକିତ୍ସାଳୟ, ଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଗଲା। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଜାତୀୟ ରାଜପଥ, ପାନୀୟ ଜଳ ଯୋଗାଣ, ନଳକୂପ ଖନନ, ସମବାୟ ସମିତି, ମଡେଲ ମଣ୍ଡି, ମେଡିକାଲ କଲେଜ, ପର୍ଯ୍ୟଟନ, ବ୍ରିଜ୍ ନିର୍ମାଣ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପାରମ୍ପରିକ କୃଷି ବିକାଶ, ଖାଦ୍ୟ ସୁରକ୍ଷା ଯୋଜନା, ଜଳସେଚନ, ବାଇପାସ୍ ରାସ୍ତା, ଆହାର କେନ୍ଦ୍ର, ଶିକ୍ଷା ଓ ଚିକିତ୍ସା ଆଦି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଜନପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାୟ ଜିଲ୍ଲାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।




# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ , ୧୦/୭ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଏରେଇଁ ଗ୍ରାମ ପଞ୍ଚାୟତ, ଭଦ୍ରକରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ , ଭଦ୍ରକ ସହାୟକ ଶ୍ରୀ ସଞ୍ଜିତ ଦେ, ଶ୍ରମ ବିଭାଗ ପରିଦର୍ଶକ ତେଜସ୍ୱିନୀ ନାୟକ, ଭଦ୍ରକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ସୌମ୍ୟାଜୀତ ବେହେରା ପ୍ରତିପକ୍ଷ ଓକିଲ, ଭଦ୍ରକ, ଏଲ.ଏ.ଡ଼ି.ସ୍.ଏସ୍. ତାପସ କୁମାର ମହାନ୍ତି, ଏରେଇଁ ସରପଞ୍ଚ ଉର୍ମିଳା ଜେନା, ସାମାଜିକ କର୍ମୀ ରତ୍ନାକର ସାମଲ, ସୁଶାନ୍ତ କୁମାର ଦାସ, ପି ଏଲ ଭି ଅର୍ଣ୍ଣପୂର୍ଣ୍ଣା ସାହୁ, ଚାରୁଲତା ବେହେରା ତଥା ୭୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଜରିଆରେ ନାଲସା ସ୍ପୃହା ଯୋଜନା-୨୦୨୫ ଏବଂ ନାଲସା (ଦାରିଦ୍ର୍ୟ ଦୂରୀକରଣର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ) ଯୋଜନା, ୨୦୧୫ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ସଚେତନତା କାର୍ଯ୍ୟକ୍ରମ ଅବସରରେ ଶ୍ରମ ବିଭାଗ ଦ୍ୱାରା ଶ୍ରମ କାର୍ଡ ଏବଂ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ମଧୁ ବାବୁ ପେନସନ ଯୋଜନା ଅନ୍ତର୍ଗତ ବାର୍ଦ୍ଧକ୍ୟ ଭତ୍ତା , ବିକଳାଙ୍ଗ ଭତ୍ତା , ବିଧବା ଭତ୍ତା ଇତ୍ୟାଦି ପ୍ରଦାନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ବନ୍ଦ: ଦିଗହରା ହେଉଛନ୍ତି ସାଧାରଣ ଲୋକ, ଅବହେଳାରେ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ

ଖୋର୍ଦ୍ଧା, ୧୦/୭ (ନି.ପ୍ର): ଜନସ୍ୱାସ୍ଥ୍ୟ ସେବାର ପ୍ରମୁଖ ପ୍ରଶାସନିକ କେନ୍ଦ୍ର ଭାବେ ପରିଚିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସି.ଡି.ଏମ୍ ଓ ପି.ଏଚ୍.ଓ)ଙ୍କ କାର୍ଯ୍ୟାଳୟ ବର୍ତ୍ତମାନ ଅବହେଳା ଓ ରକ୍ଷଣାବେକ୍ଷଣ ଅଭାବର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ଦୀର୍ଘ ଦିନ ଧରି ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କାର୍ଯ୍ୟ କରୁଥିବା ଏହି କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପଡ଼ିଥିବାରୁ ସାଧାରଣ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟାଳୟର ମୁଖ୍ୟ ପ୍ରବେଶ ପଥର ଲୁହା ଫାଟକ ଦୀର୍ଘ ଦିନ ଧରି ନଷ୍ଟ ହୋଇ ପଡ଼ିରହିଛି। ଏହା ସହିତ ଗେଟ୍ ସମ୍ମୁଖରେ ଥିବା କାଓକେଚର ମଧ୍ୟ ଭାଙ୍ଗି ଯାଇଥିବାରୁ ସେହି ପଥ ଦେଇ କୌଣସି ଚାରିଚକିଆ କିମ୍ବା ଦୁଇଚକିଆ ଯାନବାହନ ଯାତାୟାତ କରିପାରୁନାହିଁ। ଫଳରେ ବାଧ ହୋଇ ଅନ୍ୟ ଏକ ଛୋଟ ପ୍ରବେଶ ପଥ ଦେଇ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଦୂରଦୂରାନ୍ତରୁ ବିଭିନ୍ନ ପ୍ରଶାସନିକ କାମ, ସ୍ୱାସ୍ଥ୍ୟ ଯୋଜନା ସମ୍ବନ୍ଧୀୟ କାର୍ଯ୍ୟ ଓ ଅଭିଯୋଗ ନେଇ ପ୍ରତିଦିନ ଶତାଧିକ ଲୋକ ଏହି କାର୍ଯ୍ୟାଳୟକୁ ଆସୁଥିବା ବେଳେ ମୁଖ୍ୟ ଫାଟକ ବନ୍ଦ ଥିବାରୁ ସେମାନେ କେଉଁ ପଥ ଦେଇ ଭିତରକୁ ପ୍ରବେଶ କରିବେ ତାହା ବୁଝିପାରୁନାହାନ୍ତି। ଅନେକ ସମୟରେ କାର୍ଯ୍ୟାଳୟ ଖୋଜି ନପାରି ନିରାଶ ହୋଇ ଫେରିଯାଉଥିବା ଘଟଣା ମଧ୍ୟ ଦେଖିବାକୁ ମିଳୁଛି। ଏହା ସରକାରୀ ସେବା ପ୍ରାପ୍ତିରେ ସାଧାରଣ ଲୋକଙ୍କ ପାଇଁ ଅନାବଶ୍ୟକ ପ୍ରତିବନ୍ଧକ ସୃଷ୍ଟି କରୁଛି। ଆହୁରି ଚିନ୍ତାର ବିଷୟ ହେଉଛି, ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ସମ୍ମୁଖରେ ସ୍ପଷ୍ଟ ଭାବରେ ଲେଖାଯାଇଥିବା କୌଣସି ନାମଫଳକ କିମ୍ବା ଦିଗଦର୍ଶକ ସୂଚନା ଫଳକ ନାହିଁ। ଏହା ଫଳରେ ପ୍ରଥମ ଥର ପାଇଁ ଆସୁଥିବା ଲୋକମାନେ କାର୍ଯ୍ୟାଳୟକୁ ଚିହ୍ନଟ କରିବାରେ ବେଶ ହଇରାଣ ହେଉଛନ୍ତି। ସରକାରୀ କାର୍ଯ୍ୟାଳୟର ଏଭଳି ଅବ୍ୟବସ୍ଥା ଓ ଅବହେଳାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କ ମତରେ, ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମସ୍ତ ପ୍ରଶାସନିକ କାର୍ଯ୍ୟ ଯେଉଁ କାର୍ଯ୍ୟାଳୟରୁ ପରିଚାଳିତ ହେଉଛି, ସେହି କାର୍ଯ୍ୟାଳୟର ଏଭଳି ଅବସ୍ଥା ଜିଲ୍ଲା ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମୁଖ୍ୟ ଫାଟକର ତୁରନ୍ତ ମରାମତି, ରାସ୍ତାର ପୁନଃନିର୍ମାଣ, ସ୍ପଷ୍ଟ ନାମଫଳକ ସ୍ଥାପନ ସହ କାର୍ଯ୍ୟାଳୟର ସାମଗ୍ରିକ ସୌନ୍ଦର୍ଯ୍ୟକରଣ ଓ ରକ୍ଷଣାବେକ୍ଷଣ ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ଏହା ସହ ଅନେକ ମହଲରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଆଧୁନିକ ସୁବିଧା ସମ୍ପନ୍ନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରକୁ ସ୍ଥାନାନ୍ତର କରିବା ପାଇଁ ଦାବି ଜୋର ଧରିଛି। ଏପରି ହେଲେ ସାଧାରଣ ଲୋକଙ୍କୁ ସହଜରେ ସେବା ମିଳିବା ସହ ପ୍ରଶାସନିକ କାର୍ଯ୍ୟ ମଧ୍ୟ ଅଧିକ ସୁଚାରୁ ଭାବେ ପରିଚାଳିତ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି। ଏବେ ଦେଖିବାକୁ ବାକି ରହିଲା, ଜନସାଧାରଣଙ୍କ ଏହି ଦୀର୍ଘଦିନର ସମସ୍ୟା ପ୍ରତି ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ କେବେ ଗୁରୁତ୍ୱ ଦେଉଛନ୍ତି ଏବଂ କାର୍ଯ୍ୟାଳୟର ଭଗ୍ନଦଶା ଦୂର କରିବା ସହ ଲୋକଙ୍କ ସୁବିଧା ପାଇଁ କେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ଖାଲ ଖମାରେ ଭର୍ତ୍ତି ବସ୍ତା ଷ୍ଟେସନ ରାସ୍ତା: ଯାତାୟତରେ ହିନସ୍ତା

ବସ୍ତା, ୧୦/୭ (ନି.ପ୍ର): ବସ୍ତା ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ହୋଇଥିବା ବେଳେ ସେଠାକୁ ଯିବା ପାଇଁ ସଞ୍ଜୁକ୍ତ ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି ।ଉକ୍ତ ରାସ୍ତାଟି ଖୁବ୍ ବ୍ୟସ୍ତ ବହୁଳ ହୋଇଥିବାରୁ ଏଥିପ୍ରତି ସରକାର ନଜର ଦେଉ ନଥିବାରୁ ଜନ ସାଧାରଣରେ ଅସନ୍ତୋଷ ପ୍ରକାଶ ହୋଇଛି ।ସୂଚନା ଅନୁଯାୟୀ ଏହି ରାସ୍ତା ରେଳ ବିଭାଗ ଅଧୀନରେ ରହିଛି ।ମାତ୍ର ଦୀର୍ଘ ଦିନ ହେଲା ରାସ୍ତାଟି ସେମିତି ଅବହେଳିତ ହୋଇ ରହିଛି ।ଯେତେ ଫେରାଦ ହେଲେ ମଧ୍ୟ ରେଳ ବିଭାଗ କିଛି ଶୁଣୁ ନାହିଁ ।ଉଲ୍ଲେଖ ଯୋଗ୍ୟଯେ ଏହି ରାସ୍ତା ଦେଇ ପ୍ରତିଦିନ ମାଳ ମାଳ ଗାଡ଼ି ରେଳ ବିଭାଗର ନିର୍ମାଣ ସାମଗ୍ରୀ ପରିବହନ କରି ଆସୁଥିବା ବେଳେ ରାସ୍ତାର ଶୋଚାନୀୟ ପ୍ରତି ଅଣ ଦେଖା କରିବା ଜନ ଅସନ୍ତୋଷ କୁ ବହୁ ଗୁଣିତ କରି ଦେଇଛି ।ତୁରନ୍ତ ଦୃଷ୍ଟି ନଦେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସୂଚନା ମିଳିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida